ODIA DAILY EDITION
30.11.2024
କଟକ, ଶନିବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.00
ନଭେମ୍ବର-୩୦, ୨୦୨୪
ବର୍ଷ-୩୬, ସଂଖ୍ୟା-୧୪୪
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
35 Years of publication SINCE 1989
Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

## ବାଇକ୍ ମୁହାଁମୁହିଁ: ୨ ମୃତ, ୨ଗୁରୁତର

**ବଲାଙ୍ଗୀର, ୨୯।୧୧:** ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ଅନ୍ତର୍ଗତ ମାଧିଆପାଲି ବ୍ରିଜ ଉପରେ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ଫଳରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଗୁରୁତର ଆହତ ହୋଇଛନ୍ତି। ମୃତ ବ୍ୟକ୍ତି ଜଣକ ହେଲେ ଅର୍ଜୁନପୁରର ବସନ୍ତ ସାହୁ। ଅନ୍ୟ ଜଣଙ୍କର ପରିଚୟ ମିଳିନାହିଁ। ଆହତ ଦ୍ୱୟଙ୍କ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ଦିନ ପ୍ରାୟ ୧୨ ସମୟରେ ବସନ୍ତ ଓ ଅନ୍ୟ ଜଣେ ଯୁବକ ବାଇକ୍ ଯୋଗେ କୌଣସି କାମରେ ଯାଉଥିଲେ। ଏହି ସମୟରେ ବୀପରିତ ଦିଗରୁ ଆସୁଥିବା ବାଇକ୍ ସହ ସେମାନଙ୍କ ଗାଡ଼ିର ଧକ୍କା ହୋଇଥିଲା।

## କାର୍‌ରୁ ବାହାରିଲା ୮୮ କେଜି ରୂପା ଇଟା ଓ ନଗଦ ୫ ଲକ୍ଷ ଟଙ୍କା

**ଗଞ୍ଜାମ, ୨୯।୧୧:** କାର୍‌ରେ ଚାଲାଣ ହେଉଥିଲା ରୂପା ଇଟା। ତା' ସହ ନଗଦ ଟଙ୍କା ବି ଭର୍ତ୍ତି ହୋଇଥିଲା। ଜିଏସ୍‌ଟି ଫାଙ୍କି ବ୍ରହ୍ମପୁରରୁ କୋଲକତା ଅଭିମୁଖେ କାର୍‌ଟି ବାହାରିଥିବା ବେଳେ ବାଟରେ ମାଡ଼ି ବସିଲା ପୁଲିସ୍। ଏପରି ଏକ କାରକୁ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ପୁଲିସ୍ ଅଟକ ରଖିଛି। ଖଲ୍ଲିକୋଟ ଥାନା ଗୁରାପଲ୍ଲୀ ଟୋଲପ୍ଲାଜା ନିକଟରେ ଆଜି ଖଲ୍ଲିକୋଟ ପୁଲିସ ପକ୍ଷରୁ ଚେକିଂ ଚାଲିଥିଲା। ଏହି ସମୟରେ ଏକ କାର୍ ଗୁରାପଲ୍ଲୀ ଟୋଲପ୍ଲାଜା ନିକଟରେ ପହଞ୍ଚିଥିଲା। ତାହାକୁ ଯାଞ୍ଚ କରିବା ପରେ ଯାହା ବାହାରିଲା ପୁଲିସ୍ ଅଧିକାରୀଙ୍କ ମୁଣ୍ଡ ବୁଲାଇଦେଲା। କାରଣ ଯାଞ୍ଚ ବେଳେ କାର୍ ଭିତରୁ ପୁଳା ପୁଳା ରୁପା ଇଟା ଓ ନଗଦ ଟଙ୍କା ଜବତ ହୋଇଛି।

# ଓଡ଼ିଶା ବିକାଶ ଆମର ଲକ୍ଷ୍ୟ: ମୋଦୀ





**ଭୁବନେଶ୍ୱର, ୨୯।୧୧:** ଯେଉଁ ଲୋକ ମାନେ କ୍ଷମତାକୁ ନିଜର ଜନ୍ମ ସିଦ୍ଧ ଅଧିକାର ବୋଲି ମନେ କରୁଥିଲେ ସେମାନେ ଏକ ଦଶନ୍ଧିରୁ ଅଧିକ ସମୟ ଧରି କେନ୍ଦ୍ରରେ କ୍ଷମତା ହରାଇଛନ୍ତି । ଏହି କାରଣରୁ ସେମାନଙ୍କ ମନରେ ଏତେ କ୍ରୋଧ ରହିଛି ଯେ ସେମାନେ ଦେଶ ବିରୋଧରେ ଷଡଯନ୍ତ୍ର କରିବାରେ ଲାଗିଛନ୍ତି । ନିଜର କ୍ରୋଧକୁ ଲୋକ ମାନଙ୍କ ଉପରେ ସୁଝାଉଛନ୍ତି । ସେମାନେ ଜନ ସାଧାରଣଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛନ୍ତି । ଦେଶକୁ ଭଲ ପାଉଥିବା ପ୍ରତ୍ୟେକ ଦେଶବାସୀଙ୍କୁ ବିରୋଧୀଙ୍କର ଏହି କୃତ୍ୟ ପ୍ରତି ସଚେତନ ରହିବାକୁ ପଡିବ । ତିନି ଦିନିଆ ଡିଜି କନଫ୍ରେନ୍ସରେ ଭାଗ ନେବାକୁ ଭୁବନେଶ୍ୱର ପହଂଚିବା ପରେ ଭାରତୀୟ ଜନତା ପାର୍ଟୀ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି ।

ସେ କହିଛନ୍ତି ଯେ ରାଜନୀତିରେ ନୀତିଗତ ବିରୋଧ ସ୍ୱାଭବିକ ଅଟେ । ଗଣତନ୍ତ୍ରରେ ଏହା ସ୍ୱାଭବିକ ପ୍ରକ୍ରିୟା । ଗଣତନ୍ତ୍ରରେ ସାମ୍ବିଧାନିକ ସୀମା ମଧ୍ୟରେ ଆନ୍ଦୋଳନ ମଧ୍ୟ କରାଯାଏ । ରାଜନୈତିକ ଦଳ ମାନେ ନିଜର ବିଚାର ଓ ଦୃଷ୍ଟିକୋଣକୁ ନେଇ ଜନସାଧାରଣଙ୍କ ମଧ୍ୟକୁ ଯାଆନ୍ତି ଓ ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥାନ୍ତି । ହେଲେ ଗତ କିଛି ବର୍ଷ ଧରି ଏଥିରେ ବ୍ୟାପକ ପରିବର୍ତନ ହେବା ଭଳି ଅନୁଭବ କରାଯାଉଛି । ବିରୋଧୀ ମାନେ ଭାରତୀୟ ସମ୍ବିଧାନର ମାନ ମର୍ଯ୍ୟାଦାକୁ ଅସ୍ୱୀକାର କରୁଛନ୍ତି । କ୍ଷମତାକୁ ନିଜର ଜନ୍ମଗତ ଅଧିକାର ମନେ କରୁଥିବା ଲୋକ ମାନେ ଦେଶବାସୀଙ୍କୁ ଭ୍ରମିତ କରୁଛନ୍ତି । ଗୋଟିଏ ପରେ ଗୋଟିଏ ମିଛ କହୁଛନ୍ତି । ଗୋଟିଏ ମିଛ କାମ ନ କଲେ ତା ଠାରୁ ବଡ ମିଛ କହୁଛନ୍ତି । ସେମାନେ ଗତ କିଛି ବର୍ଷ ଧରି ଏପରି ଅଭିଯାନକୁ ଆହୁରି କ୍ଷୀପ୍ର କରୁଛନ୍ତି । ତେଣୁ ଦେଶ, ସମ୍ବିଧାନକୁ ଭଲ ପାଉଥିବା ଲୋକ, ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତା ମାନଙ୍କୁ ଏଭଳି ଲୋକ ମାନଙ୍କର କୃତ୍ୟ ଠାରୁ ସାବଧାନ ରହିବା ସହ ଦେଶବାସୀଙ୍କ ସତର୍କ କରାଇବାକୁ ଆହ୍ୱାନ କରୁଛି । ସେମାନଙ୍କର ପ୍ରତ୍ୟେକ ମିଛକୁ ପରଦାଫାସ କରିବାର ଆବଶ୍ୟକତା ରହିଛି ।

ସେମାନଙ୍କ ପାଇଁ ୨୦୧୯ ମସିହାରେ ଚୌକିଦାର ଚୋର ଥିଲା । ହେଲେ ୨୦୨୪ ମସିହାରେ ସେମାନଙ୍କ ଚୌକୀଦାର ଚୋର ହୋଅ ରହିଲା ନାହିଁ । ଦେଶ ସାଧୀନ ହେବା ପରେ ଲୁଟ କରିବାରେ ବ୍ୟସ୍ତ ଥିବା ଗୋଷ୍ଠୀକୁ ପୁଣିଥରେ ଲୁଟ କରିବାର ସୁଯୋଗ ମିଳୁ, ସେଇଥି ପାଇଁ ସେମାନେ ଏପରି ମିଛ କଥା କହି ସାଧାରଣ ଲୋକଙ୍କୁ ବିଭ୍ରାନ୍ତ କରିବାରେ ଚେଷ୍ଟା କରୁଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଓଡିଶାକୁ କେନ୍ଦ୍ର ସରକାର ପ୍ରାଥମିକତା ଦେଉଛନ୍ତି । ଶହେ ବର୍ଷରୁ ଉର୍ଧ ସମୟ ହେଲା ଦେଶରେ ଇଂରେଜ ମାନଙ୍କ ସମୟରୁ ଡିଜିପି ସମ୍ମିଳନୀ ହେଉଛି । ପ୍ରଥମ ଥର ପାଇଁ ଏହାର ଆୟୋଜନ ଓଡିଶାରେ ହେଉଛି । କିଛି ଦିନ ପରେ ଡିସେମ୍ବର ତିନି ତାରିଖ ଦିନ ନୌସେନାର କାର୍ଯ୍ୟକ୍ରମ ପୁରୀ ଠାରେ ହେବାକୁ ଯାଉଛି । ଏହାର ଅର୍ଥ ହେଲା ଓଡିଶା କେବଳ ଭାରତର ନୁହେଁ ବରଂ ବୈଶ୍ୱିକ ନଜରର କେନ୍ଦ୍ରରେ ଆସିବାକୁ ଯାଉଛି । ଆଗାମୀ ଜାନୁଆରୀ ୮ ରୁ ୧୦ ତାରିଖ ଦିନ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସର ଆୟୋଜନ ହେବାକୁ ଯାଉଛି । ସାରା ବିଶ୍ୱରେ ରହୁଥିବା ପ୍ରବାସୀ ଭାରତୀୟ ମାନେ ଭୁବନେଶ୍ୱର ଆସିବେ । ଏଠାରୁ ଫେରିବା ପରେ ଓଡିଶାର କଥା ସାରା ବିଶ୍ୱରେ ସେମାନେ ପ୍ରଚାର କରିବେ । ଓଡିଶାରେ ପର୍ଯ୍ୟଟନର ସୁଯୋଗ ବଢିବ ।

### ଭୁବନେଶ୍ୱରରେ ଡିଜିପି/ଆଇଜିପି ସମ୍ମିଳନୀ ଉଦ୍‌ଘାଟିତ

### ଓଡ଼ିଶାରେ ପ୍ରଧାନମନ୍ତ୍ରୀ
### ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ
### ଜନସଭାକୁ କଲେ ସମ୍ବୋଧିତ

## ମହିଳା ମାଓବାଦୀ ଗିରଫ

**ମାଲକାନଗିରି, ୨୯।୧୧:** ମାଲକାନଗିରି ଜିଲ୍ଲାର ଏମ.ଭି-୭୯ ଥାନା ଅନ୍ତର୍ଗତ କୁର୍ତି ଜଙ୍ଗଲରୁ ଆଜି ପୁଲିସ ଜଣେ ମହିଳା ମାଓବାଦୀକୁ ଗିରଫ କରିଛି। ଗିରଫ ମାଓବାଦୀର ନାମ ଅନ୍ତି ମାଡ଼ବି ଓରଫ ଲାକେ ଓ ତାର ଘର ଛତିଶଗଡ଼ ରାଜ୍ୟର ବିଜାପୁର ଜିଲ୍ଲାର ପୁଲହାର ଗ୍ରାମ ବୋଲି ଜଣାପଡ଼ିଛି। କୁର୍ତି ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ଥିବା ଖବର ପାଇ ପୁଲିସ ପକ୍ଷରୁ ସଂପୃକ୍ତ ଅଂଚଳରେ କୃମ୍ବିଂ ଅପରେସନ ଆରମ୍ଭ କରାଯାଇଥିଲା। ଏହି ସମୟରେ ଜଣେ ମହିଳା ସନ୍ଦେହଜନକ ଭାବେ ଜଙ୍ଗଲରେ ବୁଲୁ ଥିବା ଦେଖି ଯବାନମାନେ ଅଟକ ରଖି ପଚରାଉଚରା କରିବା ପରେ ସେ ଜଣେ ମାଓବାଦୀ ବୋଲି ଜଣାପଡିଥିଲା।

## ଆଳୁ ବିହନ ଯୋଗାଣ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

**ଭୁବନେଶ୍ୱର, ୨୯।୧୧:** କୃଷି ଭବନସ୍ଥିତ କୃଷି ସମୀକ୍ଷା କେନ୍ଦ୍ରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ରାଜ୍ୟରେ ଆଳୁ ବିହନ ଯୋଗାଣ ନେଇ ସମୀକ୍ଷା କରିଛନ୍ତି । ରବି ଆଳୁଚାଷ ସଂପର୍କିତ ଆଲୋଚନା ନିମନ୍ତେ ଅନୁଷ୍ଠିତ ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଆଳୁଚାଷରେ ରାଜ୍ୟକୁ ଆତ୍ମନିର୍ଭର କରିବା ପାଇଁ ରବି ଆଳୁ ଚାଷକୁ ଦୃଷ୍ଟିରେ ରଖି ସରକାର ଅକ୍ଟୋବର-ନଭେମ୍ବର ମାସରୁ ହିଁ ବିହନ ଯୋଗାଇ ଦେଇଛନ୍ତି । ପ୍ରଥମଥର ଲାଗି ୧୫,୦୨୩ ହେକ୍ଟରରେ ଆଳୁଚାଷ ହେଉଛି । ଏଯାବତ୍ ୧ ଲକ୍ଷ ୨ ହଜାର ୯୬୪ କ୍ୱିଂଟାଲର ଉନ୍ନତ ମାନର ପ୍ରାମାଣିକ ଆଳୁ ବିହନ ଚାଷୀଙ୍କୁ ଯୋଗାଇ ଦିଆଯାଇଛି । ଅଦ୍ୟାବଧି ୫୬୪୯ ହେକ୍ଟର ଜମିରେ ଆଳୁ ବିହନ ଲାଗିସାରିଛି । ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଆଭାସି ମାଧ୍ୟମରେ ଯୋଗଦେଇଥିବା ସମସ୍ତ ଜିଲ୍ଲାର କୃଷି ଓ ଉଦ୍ୟାନ କୃଷି ଅଧିକାରୀଙ୍କଠାରୁ ଆବଶ୍ୟକ ପରିମାଣର ଆଳୁ ବିହନ ଯୋଗାଣ ବାବଦରେ ଅବଗତ ହୋଇଥିଲେ । ଚାଷୀମାନେ ପ୍ରାମାଣିକ ଆଳୁ ବିହନ କିଲୋଗ୍ରାମ ପିଛା ୨୦ ଟଙ୍କାରେ କ୍ରୟ କରିବେ ଏବଂ ବିହନ ଲଗାଇବା ପରେ କିଲୋଗ୍ରାମ ପିଛା ୧୦ଟଙ୍କା ନିଜ ଆକାଉଂଟକୁ ଫେରସ୍ତ ପାଇବେ ।

### ଆଳୁଚାଷରେ ଆତ୍ମନିର୍ଭର ହେବ ଓଡ଼ିଶା












ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

# କ୍ରିଏଟ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜର ଏକ ଅଂଶ ଭାବରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସହଯୋଗରେ ଆସିଫା ଇଣ୍ଡିଆ ଦ୍ୱାରା ୱେଭ୍ସ ଆୱାର୍ଡସ ଅଫ୍ ଏକ୍ସଲେନ୍ସ ଆୟୋଜିତ

**ନୂଆଦିଲ୍ଲୀ (ପିଆଇବି):** ଆନିମେସନକୁ ପ୍ରୋତ୍ସାହିତ କରୁଥିବା ୟୁନେସ୍କୋ ସ୍ୱୀକୃତିପ୍ରାପ୍ତ ବିଶ୍ୱସ୍ତରୀୟ ଏନଜିଓ ଆସିଫା ଇଣ୍ଡିଆ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସହଯୋଗରେ କ୍ରିଏଟ୍ ଇନ୍

**୧୫ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଆନିମେସନ୍ ଏବଂ ଚଳଚ୍ଚିତ୍ର ପୁରସ୍କାର ପାଇଁ ଆମନ୍ତ୍ରଣ କରାଯାଇଛି**

ଇଣ୍ଡିଆ ଚ୍ୟାଲେଞ୍ଜର ଏକ ଅଂଶ ଭାବରେ ୱେଭ୍ସ ଆୱାର୍ଡସ ଅଫ୍ ଏକ୍ସଲେନ୍ସ ଆୟୋଜନ କରୁଛି, ଯାହା କି ବିଶ୍ୱସ୍ତରରେ ଭାରତର ସୃଜନଶୀଳ ନେତୃତ୍ୱକୁ ସୁଦୃଢ଼ କରିବା ପାଇଁ ଆନିମେସନ, ଭିଜୁଆଲ ଇଫେକ୍ଟସ ଏବଂ ଏକ୍ସଆରରେ ଅସାଧାରଣ ଉପଲବ୍ଧିକୁ ପାଳନ କରିବ ।

ଏହି ସମ୍ମାନଜନକ ପୁରସ୍କାର ପାଇଁ ୧୫ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଏଣ୍ଟ୍ରି ଖୋଲା ରହିବ ଏବଂ ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ବିଶ୍ୱ ଅଡିଓ ଭିଜୁଆଲ ଆଣ୍ଡ ଏଣ୍ଟରଟେନମେଣ୍ଟ ସମିଟ (ୱେଭ୍ସ) ୨୦୨୫ରେ ଏହି ପୁରସ୍କାର ପ୍ରଦାନ କରାଯିବ।




ୱେଭ୍ସ ଅଫ୍ ଏକ୍ସଲେନ୍ସ ପୁରସ୍କାର

ଛାତ୍ର ଏବଂ ବୃତ୍ତିଗତମାନଙ୍କ ପାଇଁ ଏହି ପୁରସ୍କାରରେ ଶ୍ରେଷ୍ଠ ଚରିତ୍ର ଆନିମେସନ୍, ଶ୍ରେଷ୍ଠ ଭିଜୁଆଲ୍ ଇଫେକ୍ଟସ ଏବଂ ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର ଭଳି ବର୍ଗ ଅନ୍ତର୍ଭୁକ୍ତ । ବିଜେତାମାନେ ସରକାରଙ୍କ 'କ୍ରିଏଟ୍ ଇନ୍ ଇଣ୍ଡିଆ' ଅଭିଯାନ ସହ ଯୋଡ଼ି ହୋଇ ଭାରତର ସୃଜନଶୀଳ ବିପ୍ଳବର ଏକ ଅଂଶ ଭାବରେ ପରାମର୍ଶ, ଶିଳ୍ପ ନେତୃବୃନ୍ଦଙ୍କ ସହିତ ନେଟୱାର୍କିଂ ସୁଯୋଗ ଏବଂ ସ୍ୱୀକୃତି ପାଇବେ।

ଆଗାମୀ ୱେଭ୍ସ ଆୱାର୍ଡସ ଅଫ୍ ଏକ୍ସଲେନ୍ସରେ ଅଂଶଗ୍ରହଣ କରିଥିବା ନିର୍ମାତାଙ୍କୁ ପ୍ରେରଣା ଦେବା ପାଇଁ ଭାରତର ବିଭିନ୍ନ ସହରରେ ଆନ୍ତର୍ଜାତିକ ଆନିମେସନ୍ ଦିବସ ଉତ୍ସବ ଆୟୋଜନ କରାଯାଉଛି । ଆଗାମୀ ସପ୍ତାହରେ ପୁଣେ, ଇନ୍ଦୋର, ନାସିକ୍, ମୁମ୍ବାଇ, ନୋଏଡା, ବେଙ୍ଗାଲୁରୁ ଏବଂ ଅନ୍ୟାନ୍ୟ ସବ-ଚାପ୍ଟରରେ ଛାତ୍ରଛାତ୍ରୀ ଓ ବୃତ୍ତିଜୀବୀଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ଏହା ପାଳନ କରାଯିବ ।

ଏହା ପୂର୍ବରୁ ଆସିଫା ଇଣ୍ଡିଆ ୧୬-୧୭ ନଭେମ୍ବର ୨୦୨୪ ରେ ହାଇଦ୍ରାବାଦରେ ଏକ ସଫଳ ଅନ୍ତର୍ଜାତୀୟ ଆନିମେସନ ଦିବସ ଆୟୋଜନ କରିଥିଲା ଏବଂ ନଭେମ୍ବର ୨୧ରେ ଭୋପାଳ ଡିଜାଇନ ମହୋତ୍ସବରେ ଅଂଶଗ୍ରହଣ କରିଥିଲା ଯାହା ଆଗାମୀ ୱେଭ୍ସ ଆୱାର୍ଡସ ଅଫ୍ ଏକ୍ସଲେନ୍ସରେ ଅଂଶଗ୍ରହଣ ପାଇଁ ନିର୍ମାତାଙ୍କୁ ପ୍ରେରଣା ଦେଇଥିଲା ।

ହାଇଦ୍ରାବାଦ ଆଇଏଡି'୨୪ ସମୟରେ ଶିଳ୍ପ ବିଶେଷଜ୍ଞଙ୍କ ସହ ପ୍ୟାନେଲ୍ ଆଲୋଚନା

୧୯୬୦ ମସିହାରେ ଫ୍ରାନ୍ସର ଆନେସି ଠାରେ ସ୍ଥାପିତ ଏବଂ ୨୪ ବର୍ଷ ଧରି ଭାରତରେ ସକ୍ରିୟ ଭାବରେ ସମୁଦାୟ ଗଠନ କରିବା ପାଇଁ ଆସିଫା କର୍ମଶାଳା, ସିଜି ମିଟ୍ ଅପ୍ ଏବଂ ଏହାର ଅନ୍ତର୍ଜାତୀୟ ଆନିମେସନ୍ ଡେ (ଆଇଏଡି) ଉତ୍ସବ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିଭା ଏବଂ ଉଦ୍ଭାବନକୁ ପ୍ରୋତ୍ସାହିତ କରିବାରେ ଏହାର ଅବଦାନ ପାଇଁ ପ୍ରସିଦ୍ଧ।

# ଓଡିଶା ମେଡିକାଲ ସେଣ୍ଟର ତରଫରୁ ଔଷଧୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ

**ଭୁବନେଶ୍ୱର:** ଆୟୁର୍ବେଦ ଅମୃତାନାମ୍ । କେଉଁ ଆଦିମ ଅନାଦି କାଳରୁ ମନୁଷ୍ୟ ବୃକ୍ଷଲତାର ବିଭିନ୍ନ ଅଂଶକୁ ଔଷଧ ଭାବରେ ବ୍ୟବହାର କରି ଆସୁଛି ଓ ଖ୍ରୀଷ୍ଟ ପୂର୍ବ ୪୦୦୦ ଠାରୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସମୟ ମଧ୍ୟରେ ରଚନା କରାଯାଇଥିବା ଋକ ବେଦରେ ୬୭ ଗୋଟି, ଯଜୁର୍ବେଦରେ ୮୨ ଗୋଟି ଏବଂ ଅଥର୍ବ ବେଦରେ ୨୮୯ ଗୋଟି ଔଷଧୀୟ ବୃକ୍ଷ ତଥା ଏହାର ଉପଯୋଗ ଦ୍ୱାରା ରୋଗ ଚିକିତ୍ସା ବିଷୟରେ ବିଷଦ ଭାବରେ ବର୍ଣ୍ଣନା ଅଛି ।

ଏହାର ପରବର୍ତ୍ତୀ କାଳରେ ରଚିତ ଅଷ୍ଟାଙ୍ଗ ଆୟୁର୍ବେଦ ହେଉଛି ବିଶ୍ୱର ପ୍ରାଚୀନତମ ଚିକିତ୍ସା ପ୍ରଣାଳୀ ଯେଉଁଥିରେ ମୁଖ୍ୟତ ବୃକ୍ଷଲତା ମାନଙ୍କର ସରଳ ପ୍ରୟୋଗ ତଥା ବିଭିନ୍ନ ପ୍ରକାରର ଔଷଧ ପ୍ରସ୍ତୁତିର ବିଧି ବିଧାନ ସହିତ ରୋଗ ଚିକିତ୍ସାର ବର୍ଣ୍ଣନା ରହିଛି । ପ୍ରାଥମିକ ଉପଚାରରେ ପ୍ରୟୋଗ ହେବା ଭଳି ତଥା ଘରୋଇ ଚିକିତ୍ସା ଭାବରେ ବ୍ୟବହାର କରାଯିବା ଭଳି ପଂଚ କଷାୟ ଯେପରିକି ସ୍ୱରସ, କଳ୍କ , କଷାୟ ପାଚନ, ଫାଂଟ ଓ ହିମ ର ପ୍ରସ୍ତୁତି ପ୍ରଣାଳୀ ବିଷୟରେ କୁହାଯାଇଛି ଓ କେତକ ଔଷଧୀୟ ବୃକ୍ଷକୁ ଆମେ ଘରର ଅଗଣା ବା ବାଡ଼ି ବଗିଚା ରେ ମଧ୍ୟ ରୋପଣ କରାଯାଇ ପାରିବ ଯାହାକି ଦୈନିନ୍ଦିନ ଭାବରେ ବା ଅକସ୍ମାତ ଭାବରେ ଏହାକୁ ପ୍ରୟୋଗ କରାଯାଇପାରିବ । ଆମ ଆଖ ପାଖରେ ଥିବା ଅନେକ ଔଷଧୀୟ ବୃକ୍ଷର ସ୍ୱାସ୍ଥ୍ୟ ରକ୍ଷା ବା କେତକ ରୋଗ ପ୍ରତିଷେଧକ ନିମିତ୍ତ ଅନେକ ଉପଯୋଗୀତା ଗୁଣ ରହିଛି ଓ ଯେପରିକି ଥଣ୍ଡାର ଆରମ୍ଭ ଅବସ୍ଥାରେ ତୁଳସୀ ପତ୍ରର ରସ ସହ ମହୁ, ବାରମ୍ବାର ଥଣ୍ଡା ହେଉଥିଲେ ତୁଳସୀ ପତ୍ରର ରସ ସହ ଡାଳ ଚିନି ଓ ପିପ୍ପଳୀ ଉପଯୋଗ କରି ପ୍ରସ୍ତୁତ ଚା, ଭେର୍ସୁଙ୍ଗା ପତ୍ରର ମଧୁମେହ ନାଶକ ଗୁଣ, ବେଲ ପତ୍ର ଓ ନିମ୍ବପତ୍ରର ମଧୁମେହ ପ୍ରତିଷେଧ ଓ ନିୟନ୍ତ୍ରଣ ରେ ଉପଯୋଗ, ଗଣ୍ଠିର ଫୁଲା, ବଥା,ବିନ୍ଧାରେ ବେଗୁନିଆ, କରଞ୍ଜ, ଅର୍କ ପତ୍ରର ସେକ,ଅଂଟା ବଥା ଓ ଆମବାତରେ ପସା ରୁଣୀ ପତ୍ରର ରସ , ଏହିପରି ଅନେକ କିଛି ଓ କରୋନା ମହାମାରୀ ସମୟରେ ଗିଲୋୟ ବା ଗୁଡୁଚିର ପାଚନ ତଥା ଶୁଣ୍ଠୀ, ପିପ୍ପଳୀ,ଡାଲଚିନି, ଗୋଲମରିଚ ସହ ତୁଳସୀ ପତ୍ର ପ୍ରସ୍ତୁତ କାଢା ପ୍ରତିଷେଧରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା । ବୃକ୍ଷ ଲତାରୁ ପ୍ରସ୍ତୁତ ଔଷଧ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ତଥା ଅନେକ ସମୟରେ କୁପ୍ରଭାବ ଯୁକ୍ତ ରାସାୟନିକ ଔଷଧ ସେବନରୁ ସୁରକ୍ଷା କରିଥାଏ ଓ ମାତ୍ର ଦୁଃଖଃ ଓ ପରିତାପର ବିଷୟ ଏହିକିଯେ ବର୍ତ୍ତମାନ ସମଗ୍ର ଭାରତ ବର୍ଷରେ ତଥା ଓଡିଶା ରାଜ୍ୟରେ ମଧ୍ୟ ଔଷଧୀୟ ବୃକ୍ଷ ଗୁଡିକ ଦ୍ରୁତ ଗତିରେ କମିବାରେ ବା ଲୋପ ପାଇବାରେ ଲାଗିଛି ଓ ଫଳରେ ଜନସାଧାରଣ ସେଗୁଡିକର ସହଜ ଚିହ୍ନଟ ତଥା ସାଧାରଣ ଉପଯୋଗ ବିଷୟରେ ଭୁଲିଯିବା ସହିତ ଔଷଧ ନିର୍ମାତା ମାନେ ଏହାର ନିମ୍ନ ମାନର ବିକଳ୍ପ ଦ୍ରବ୍ୟ ଉପଯୋଗ କରୁଛନ୍ତି କିମ୍ବା ଜମା ମିଶାଉ ନାହାନ୍ତି , ଫଳସ୍ୱରୂପ ଔଷଧରୁ ନିର୍ଦ୍ଦିଷ୍ଟ ସୁଫଳ ମିଳିପାରୁନାହିଁ ।

# ଗୋଲାମୁଣ୍ଡା ବ୍ଲକର ଘୋଟିଆରେ ଜିଲ୍ଲାର ପ୍ରଥମ ଧାନ ମଣ୍ଡିର ଶୁଭାରମ୍ଭ

**ଗୋଲାମୁଣ୍ଡା (ମାନିସ):** କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଘୋଟିଆ ମଣ୍ଡି ରେ ଖରିଫ ଧାନ କିଣା ଆଜି



ଉଦଘାଟିତ ହୋଇ ଯାଇଛି । ଧର୍ମଗଡ଼ ଉପଜିଲ୍ଲାପାଳ ଶ୍ରୀମାନ ଧୀମାନ ଚକମା ଏହାକୁ ଉଦଘାଟନ କରିଥିଲେ । ଆଜିର ଏହି ଉଦଘାଟନ ସମୟରେ ଡି ଆର ସି ଏସ ପ୍ରମୋଦ କୁମାର ସାହୁ, ସି ଏସ୍ ଓ ପବିତ୍ର ସାହୁ, ଆର ଏମ ସି ସମ୍ପାଦକ ଉଦିତ କୁମାର ବାବୁ, ଗୋଲାମୁଣ୍ଡା ବି ଡି ଓ ଶ୍ରୀଧର ପଣ୍ଡା, ନୋଡାଲ ଅଧିକାରୀ ସରସ୍ୱତୀ ମେହେର, ପ୍ୟାକ୍ସ ସମ୍ପାଦକ କିରଟି ପ୍ରଧାନ, ନିକାଶ ଖମାରି ପ୍ୟାକ୍ସ ଓ ଆରଏମସି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ନିୟନ୍ତ୍ରିତ ବଜାର କମିଟି ବା ଆରଏମସି ଗୋଲାମୁଣ୍ଡା, ଧର୍ମଗଡ଼ ଓ ଜୁନାଗଡ଼ ବ୍ଲକ କୁ ନେଇ ଗଠିତ ହୋଇଛି । ଚଳିତ ଖରିଫ ଋତୁ ଗୋଲାମୁଣ୍ଡା ବ୍ଲକରେ ୧୭ଟି ମଣ୍ଡି ରୁ ଗୋଟିଏ ମଣ୍ଡିରେ ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ ପାଇଁ ଚୟନ ହୋଇଥିବା ବେଳେ ୧୬ ଟି ମଣ୍ଡି ରୁ ପ୍ୟାକ୍ସ ଧାନ କିଣିବ। ଏ ନେଇ ଚାଷୀ ମହଲରେ ଖୁସିର ଲହରୀ ଖେଳିଯାଇଛି।

# ଜାତୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥର ଶୁଭାରମ୍ଭ

**ବାଲେଶ୍ୱର(ମାନିସ):** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜାତୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥର ଶୁଭାରମ୍ଭ ହୋଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଏହି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲ୍ଲା ପରିକ୍ରମା କରି ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଥିବା ଆଇନ ଗତ ବ୍ୟବସ୍ଥା ଓ ଅନଲାଇନ ମାଧ୍ୟମରେ ଆବେଦନ ବ୍ୟବସ୍ଥା ସମ୍ପର୍କରେ ସଚେତନତା କରିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଦେବାଙ୍ଗନା ବାରିକ ସୂଚନା ଦେଇଛନ୍ତି। ଏହି ରଥ ଜିଲ୍ଲାର ସମସ୍ତ ବ୍ଲକ୍, ମ୍ୟୁନିସପାଲିଟି, ଏନ ଏ ସି ରେ ବୁଲି ଜନସାଧାରଣ ଙ୍କୁ ସଚେତନତା କରାଇବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶ୍ରମ ଅଧିକାରୀ କୁମାର ବାସୁ ଦେବ, ଶିଶୁ ମଙ୍ଗଳ କମିଟି ସଦସ୍ୟ ଶତ୍ରୁଘ୍ନ ମଲିକ, ପ୍ରୋଗ୍ରାମ ଅଫିସର ସୁବର୍ଣ୍ଣମଣି ବେହେରା,ସଂଯୁକ୍ତା ରାଉତ ଓ ରଶ୍ମୀ ରେଖା ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ଚାଲଗଡ଼କୁ ରାଜସ୍ୱ ଗ୍ରାମ ମାନ୍ୟତା ନିମନ୍ତେ ଦାବିପତ୍ର

**ତାଳଚେର(ମାନିସ):** ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମପଂଚାୟତ ଅନ୍ତର୍ଗତ ପଡ଼ା ଗ୍ରାମ ଚାଲଗଡ଼ କୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ ନିମନ୍ତେ ଆଜି ତାଳଚେର ଉପଜିଲ୍ଲାପାଳ ଏବଂ ତହସିଲଦାରଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । ସୂଚନା ଅନୁସାରେ, ଚାଲଗଡ଼ ଗ୍ରାମ ତିନୋଟି ୱାର୍ଡକୁ ନେଇ ଗଠିତ ହୋଇଛି ଏବଂ ଏହି ଗ୍ରାମର ଲୋକସଂଖ୍ୟା ୩ ହଜାରରୁ ଅଧିକ ହୋଇଥିବା ବେଳେ ଭୋଟର ସଂଖ୍ୟା ପାଖାପାଖି ୧୫୦୦ ରହିଛି । କିନ୍ତୁ ସ୍ୱାଧୀନତା ପରେ ସରକାରଙ୍କ ଦ୍ୱାରା ପଡ଼ା ଗ୍ରାମଗୁଡିକ ରାଜସ୍ୱ ଗ୍ରାମ ଭାବେ ମାନ୍ୟତା ପାଇଥିବା ବେଳେ ରାଜରାଜୁଡା ଅମଳରୁ ଗଡ଼ ଗ୍ରାମ ଭାବେ ପରିଚୟ ପାଇଥିବା ଚାଲଗଡ଼ ସମସ୍ତ ମାପଦଣ୍ଡ ରଖି ମଧ୍ୟ ସେ ସମୟରେ ରାଜସ୍ୱ ଗ୍ରାମ ମାନ୍ୟତା ପାଇବାରୁ ବଂଚିତ ହୋଇଥିଲା । ଏ ପ୍ରସଙ୍ଗକୁ ନେଇ ଚାଲଗଡ଼ ଗ୍ରାମବାସୀ ବିଭିନ୍ନ ସମୟରେ ସ୍ଥାନୀୟ ପ୍ରଶାସନ ଏବଂ ସରକାରଙ୍କ ଦ୍ୱାରସ୍ଥ ହୋଇଛନ୍ତି କିନ୍ତୁ କାର୍ଯ୍ୟ ବ୍ୟସ୍ତତା ଭିତରେ



ସଠିକ ସମୟରେ ତହସିଲ ଆବଶ୍ୟକ କାଗଜପତ୍ର ସରକାରଙ୍କ ପାଖରେ ଦାଖଲ କରିବାରେ ବିଫଳ ହୋଇଛନ୍ତି । ଯଦ୍ୱାରା ୩ ହଜାର ଜନସଂଖ୍ୟା ବିଶିଷ୍ଟ ଚାଲଗଡ଼ ଗ୍ରାମ ୧୫୦୦ ଭୋଟର ସହିତ ସମସ୍ତ ମାପଦଣ୍ଡ ରଖି ମଧ୍ୟ ଚାଲଗଡ଼ ରାଜସ୍ୱ ଗ୍ରାମରୁ ବଂଚିତ ହୋଇଅଛି । ତେବେ ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ୨୮ଜୁଲାଇ, ୨୦୨୧ ରେ ଜାରି ଚିଠି ଅନୁସାରେ ୩୦୦ ରୁ ଅଧିକ ଲୋକ ସଂଖ୍ୟା ରହିଥିବା ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଦିଆ ଯାଇପାରିବ । କିନ୍ତୁ ସ୍ଥାନୀୟ ପ୍ରଶାସନର ଉଦାସୀନତା ମନୋଭାବ ଯୋଗୁଁ ଚାଲଗଡ଼ ଏବେ ସୁଦ୍ଧା ରାଜସ୍ୱ ଗ୍ରାମର ମାନ୍ୟତା ଲାଭ କରି ପାରିନାହିଁ । ଏହି ପରିପ୍ରେକ୍ଷୀରେ ଗ୍ରାମବାସୀ ପୁନର୍ବାର ଅନୁରୋଧ କରିଛନ୍ତି ଯେ, ଏବେ ସରକାର ନୂଆ ନିୟମ ସହିତ ନୂତନ ରାଜସ୍ୱ ଗ୍ରାମ ଘୋଷଣା କରିବାକୁ ସରକାରୀ ସ୍ତରରେ ବିଜ୍ଞାପନ ଜାରି କରିଛନ୍ତି । ଏଣୁ ତାଳଚେର ଉପଜିଲ୍ଲାପାଳ ଏ ପ୍ରସଙ୍ଗରେ ପ୍ରତ୍ୟେକ୍ଷ ଭାବେ ହସ୍ତକ୍ଷେପ କରି ଏ ସମ୍ପର୍କିତ ଆବଶ୍ୟକୀୟ କାଗଜପତ୍ର ସରକାରଙ୍କ ପାଖରେ ପ୍ରଦାନ କରିବାକୁ ବିଭାଗୀୟ କର୍ତୃପକ୍ଷ ଅବା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଲେ କ୍ଷତ୍ରୀୟ ମଉଜା ଚାଲଗଡ଼ ଗ୍ରାମ ତାର ପରିଚୟ ଫେରିପାଇବା ସହିତ ଗ୍ରାମବାସୀ ଉପକୃତ ହୋଇପାରିବେ । ତେବେ ଚଳିତ ଥର ପୁର୍ନବାର ପ୍ରଦାନ କରାଯାଇଥିବା ଦାବୀପତ୍ର ସମ୍ପର୍କରେ ଯଦି ସରକାର ସୁବିଚାର ନକରନ୍ତି ତେବେ ଗ୍ରାମବାସୀ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି । ଆଜିର ଏହି ଦାବୀପତ୍ର ପ୍ରଦାନ ସମୟରେ ଘଣ୍ଟପଡା ଗ୍ରାମପଂଚାୟତର ନାଏବ ସରପଂଚ ରାଜୀବ ଦାସ,ପୂର୍ବତନ ସଭାପତି କାର୍ତିକ ଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ସମ୍ପାଦକ ଶିବାନନ୍ଦ ଥମ୍ବ,ୱାର୍ଡ଼ ମେମ୍ବର ଶସ୍ମିତା ଭୁକ୍ତା,ଶିଶିର ରାଉତ,ନିତ୍ୟାନନ୍ଦ ରାଉତ,ରଞ୍ଜିତ ଦାସ,କିଶୋର ପଟ୍ଟନାୟକ, ମିନତୀ ଥମ୍ବ ଏବଂ ଜିଲୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୁମୁଗଡ଼ଠାରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣକୁ ସ୍ୱାଗତ କଲେ ଗ୍ରାମବାସୀ

**ଧାମନଗର(ମାନିସ):** ଧାମନଗର ବିଜ୍ଞାପିତ ଅଞ୍ଚଳର ଅଧିନ ୨ ନମ୍ବର ୱାର୍ଡର ଗୁମୁଗଡ ଛକ ଠାରେ ଗୋଷ୍ଠି କେନ୍ଦ୍ର ପାଇଁ ୫ ଲକ୍ଷ ଟଙ୍କା ଧାମନଗର ଏନଏସି ତରଫରୁ ଅର୍ଥ ମଞ୍ଜୁର କରା ଯାଇଥିଲା। ଏହାକୁ ତାଳପଦା ମୌଜାର ଖାତା ନମ୍ବର ୭୫୪ ଓ ପ୍ଲଟ ନମ୍ବର ୧୪୬୫ ଉପରେ ନିର୍ମାଣ କରିବା ପାଇଁ ଗୁମୁଗଡ ଅଂଚଳର କାଉନ୍ସିଲର ସମେତ ୱାର୍ଡ ବାସୀମମାନେ ନିଷ୍ପତ୍ତି କରି ଅଧିକାରୀଙ୍କୁ ଜଣାଇବା ପରେ ସେଠାରେ ଗୋଷ୍ଠି କେନ୍ଦ୍ର ନିର୍ମାଣ ହୋଇଥିଲା ଏବଂ ଏଠାରେ ଉକ୍ତ କେନ୍ଦ୍ର ହେବା ପରେ ୱାର୍ଡର ଲୋକ ମାନେ ଉପକୃତ ହେବେ। ପ୍ରକାଶ ଥାଉକି ଗୁମୁଗଡ ଛକ ଠାରେ ଗୋଷ୍ଠି କେନ୍ଦ୍ର ନିର୍ମାଣ ପାଇଁ ଉକ୍ତ ଜାଗାଟି ଶ୍ରୀଜଗନ୍ନାଥ ଠାକୁର ବିଜେସ୍ଥଳୀ ପୁରିଙ୍କ ନାମରେ ଥିବା ବେଳେ ଓଡ଼ିଶା ସରକାର ଉକ୍ତ ଜମିର ପରିଚାଳନା କରୁଥିବାରୁ ସରକାରି ଗୋଷ୍ଠି କେନ୍ଦ୍ରଟି ଉକ୍ତ ସ୍ଥାନରେ କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଅଂଚଳର ଲୋକ ମାନଙ୍କ ମଧ୍ୟରେ ଦୁଇ ଗୋଷ୍ଠିଙ୍କ ମଧ୍ୟରେ ବିବାଦ ଦେଖା ଦେଇଥିଲା।

ତେବେ ସରକାରଙ୍କ ପଖରୁ ଗୋଷ୍ଠି କେନ୍ଦ୍ର ନିର୍ମାଣ ପାଇଁ ସେଠାରେ ଅର୍ଥ ପ୍ରଦାନ କରା ଯାଇଛି ଯାହାକି ୱାର୍ଡର ଲୋକ ମାନେ ତାହାକୁ ବ୍ୟବହାର କରିବେ। ତେବେ ଉକ୍ତ ଜାଗାକୁ ନେଇ ବିବାଦ ଅଭିଯୋଗ ମୋର ହସ୍ତଗତ ହୋଇ ନାହିଁ ଅଭିଯୋଗ ଆସିଲେ ପ୍ରକୃତ ସତ୍ୟତା ପାଇଁ ତଦନ୍ତ କରାଯିବ ବୋଲି ଏନଏସି କାର୍ଯନିର୍ବାହୀ ଅଧିକାରି ସନ୍ତୋଷ ନାୟକ କହିଛନ୍ତି। ସୂଚନା ଥାଉକି ବନ୍ଧଟିଆ ଓ ତାଳପଦା ମୌଜାରେ ପ୍ରାୟ ୩ ଶହ ଏକର ଜଗନ୍ନାଥଙ୍କ ନାମରେ ଜମି ରହିଛି ସେଠାରେ ଉକ୍ତ ଅଂଚଳରେ ଲୋକ ମାନେ ଚଳ ପ୍ରଚଳ କରୁଛନ୍ତି। ସେହି ଜଗନ୍ନାଥଙ୍କ ସମ୍ପତି ଉପରେ ବିଭିନ୍ନ ସରକାରି

**ଜଗନ୍ନାଥଙ୍କ ସମ୍ପତ୍ତି ଜବର ଦଖଲକୁ ଉଦ୍ଧାର ପାଇଁ ଦାବି**

ସହ ବିଦ୍ୟାଳୟ ମଧ୍ୟ ରହିଛି। ଏଥି ପାଇଁ କାହାର ବି ଅଭିଯୋଗ ନାହିଁ। ଅପରପକ୍ଷେ ଉକ୍ତ ଜଗନ୍ନାଥ ଜମି ଉପରେ ସରକାରି ଗୋଷ୍ଠି କେନ୍ଦ୍ର ନିର୍ମାଣ ହୋଇ ଥିବାରୁ ସ୍ଥାନୀୟ ଲୋକ ସ୍ୱାଗତ କରିଛନ୍ତି। ମାତ୍ର କିଛି ଲୋକଙ୍କ ସ୍ୱାର୍ଥ ହାସଲ ନ ହେବାରୁ କିଛି କୁଚକ୍ରି ଲୋକ ଏହି ଉନ୍ନତି ମୂଳକ କାର୍ଯ୍ୟକୁ ବିରୋଧ କରୁଛନ୍ତି ବୋଲି ୨ ନମ୍ବର ୱାର୍ଡର କାଉନ୍ସିଲର ଜାନକୀ ସେଠୀ ସମେତ ବାବାଜୀ ସେଠୀ, ବିଜୟ ଘଡାଇ, ରମେଶ ବେହେରା, ବିଦ୍ୟାଧର ସାମଲ, ଆନନ୍ଦ ବେହେରା, ମୋନରଞ୍ଜନ ଘଡେଇ ସମେତ ଶତାଧିକ ଗ୍ରାମବାସୀ ମାନେ ଏନଏସି ଅଧିକାରୀଙ୍କୁ ଲିଖିତ ଜଣାଇଛନ୍ତି। ସୁଚନା ଯୋଗ୍ୟ ଯେ ଏଠାରେ ଶହ ଶହ ଏକର ଜଗନ୍ନାଥଙ୍କ ଜମିରେ ଅଙ୍ଗନବାଡି ଗୃହ, ହନୁମାନ ମନ୍ଦିର, ବିଦ୍ୟାଳୟ ନିର୍ମାଣ ସହ ଅନେକ ପ୍ରଭାବ ଶାଳୀ ଲୋକ ଜବରଦଖଲ ମଧ୍ୟ କରିଛନ୍ତି। ଏନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆରମ୍ଭ କରି ଜିଲ୍ଲାପାଳ ଓ ପୁରୀ ଶ୍ରୀ ମନ୍ଦିର ପରିଚାଳନା କମିଟିକୁ ମଧ୍ୟ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଆର୍ଥିକ ବର୍ଷ ୨୦୨୩/୨୪ ରେ ଜଗନ୍ନାଥଙ୍କ ଜମି ଉପରେ କିପରି କମୁନିଟ ସେଣ୍ଟର ନିର୍ମାଣ ହେଉଛି ତହସିଲଦାରଙ୍କ ପଚରା ଯାଇଥିଲା। ତହସିଲଦାର ଦିପକ ଦାସ ତାଙ୍କ ପ୍ରତିକ୍ରିୟା କହିଛନ୍ତି ମୋ ପାଖକୁ କୌଣସି ଅଭିଯୋଗ ଆସିନାହିଁ । ଯଦି ଅଭିଯୋଗ ଆସେ ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଧାମନଗର ବିଜ୍ଞାପିତ ଅଞ୍ଚଳରେ ମହାପ୍ରଭୁଙ୍କ ଜଗନ୍ନାଥଙ୍କ ଶହଶହ ଏକର ଜମି ରହିଛି କେଉଁଠି ସରକାରୀ ଗୃହ ନିର୍ମାଣ ହେଉଛି ତ ଆଉ କିଛି ମୁଷ୍ଟିମେୟ ଲୋକଙ୍କ କବଜାରେ ରହିଛି ସ୍ଥାନୀୟ ପ୍ରଶାସନ ତୁରନ୍ତ ତଦନ୍ତ କରି ଏଭଳି ଜମି ମାଫିଆଙ୍କ କବଳରୁ ଜଗନ୍ନାଥଙ୍କ ଜମି ଉଧାର ପାଇଁ ମଧ୍ୟ ବିଭିନ୍ନ ମହଲରୁ ଦାବି ହୋଇଛି ।

# ହୋଟେଲ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ

**ବାଲେଶ୍ୱର(ମାନିସ):** ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ସମଲପୁର ଡି ଏ ଭି ।ପବ୍ଲିକ ସ୍କୁଲ ନିକଟରେ ଜଣେ ହୋଟେଲ ମାଲିକଙ୍କୁ ୬ରୁ୭ ଜଣ ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ଘଟଣା ସଂପୃକ୍ତ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଏହି ଆକ୍ରମଣରେ ଗୁରୁତର



ହେଲେ ଶିଳ୍ପାଞ୍ଚଳ ଥାନା ସମଲପୁର ଅଞ୍ଚଳର ବାପି ଓରଫ ସଞ୍ଜୀବ ମହାପାତ୍ର(୫୬)। ସଂଜୀବଙ୍କ ର ଚାନ୍ଦିପୁର ଥରେ ଗୋଟେ ହୋଟେଲ ଅଛି। ଆଜି ପୂର୍ବାହ୍ନ ୧୦ ଟା ସମୟରେ ଘରୁ ବାହାରି କାର ରେ ହୋଟେଲ ଯାଉଥିଲେ ।ସମଲପୁର ଛକ ଠାରେ ୬ରୁ୭ ଜଣ ଦୁର୍ବୃତ୍ତ ତାଙ୍କୁ ଗାଡି ରୁ ବାହାର କରି ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ ।ସ୍ଥାନୀୟ ଲୋକେ ଗୁରୁତର ସଞ୍ଜୀବ ଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ଶିଳ୍ପାଞ୍ଚଳ ଥାନା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ତେବେ ଆକ୍ରମଣ ପଛରେ ଜମିଜମା ବିବାଦ ନେଇ ସନ୍ଦେହ କରାଯାଇଛି। ତଦନ୍ତ ପରେ। ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ହାଲୋ ବଲିଉଡ୍



### ବଦଳିଲା 'ଛାବା'ର ରିଲିଜ୍ ତାରିଖ

ଭିକି କୌଶଲଙ୍କ ଅପ୍‌କମିଙ୍ଗ୍ ଫିଲ୍ମ 'ଛାବା'କୁ ନେଇ ବଲିଉଡ୍‌ରେ ଖାସ୍ ହଲଚଲ । ଅଲ୍ଲୁ ଅର୍ଜୁନ୍ ଷ୍ଟାରର୍ 'ପୁଷ୍ପା-୨' ସହ ଫିଲ୍ମଟି ରିଲିଜ୍ ହେବା ଖବର ଆସିବା ପରଠୁ 'ଛାବା'ର ବକ୍ସ ଅଫିସ୍ କଲେକ୍ସନ୍‌କୁ ନେଇ ଇଣ୍ଡଷ୍ଟ୍ରିରେ ଚର୍ଚ୍ଚା ହେଉଛି । କାରଣ ଅଲ୍ଲୁଙ୍କ ଅଭିନୀତ 'ପୁଷ୍ପା' ବ୍ଲକ୍ ?ବଷ୍ଟର ହୋଇଥିଲା । ଏହାର ସିକ୍ୱେଲକୁ ଦର୍ଶକ ଚାତକ ପରି ଚାହିଁଛନ୍ତି । କିନ୍ତୁ ତାଜା ଖବର ଅନୁସାରେ, 'ଛାବା'ର ନିର୍ମାତା ଫିଲ୍ମର ରିଲିଜ୍ ତାରିଖ ଘୁଞ୍ଚାଇ ଦେଇଛନ୍ତି । ମାତ୍ର ସପ୍ତାହ ପରେ ଫିଲ୍ମ ରିଲିଜ୍ ? ହେବାକୁ ଯାଉଥିବାବେଳେ ନିର୍ମାତାଙ୍କ ଏହି ନିଷ୍ପତ୍ତି ଦର୍ଶକଙ୍କୁ ଚକିତ କରିଛି । ସିନେ ସମୀକ୍ଷକ ତରନ ଆଦର୍ଶ ସୋସିଆଲ ମିଡିଆରେ ଏକ ପୋଷ୍ଟ୍ ଶେୟାର କରିଛନ୍ତି । ଏଥିରେ ସେ କହିଛନ୍ତି, ଭିକିଙ୍କ 'ଛାବା' ଆସନ୍ତା ବର୍ଷ ଫେବ୍ରୁଆରୀ ୧୪ ତାରିଖରେ ରିଲିଜ୍ ହେବ । ଫେବ୍ରୁଆରୀ ୧୯ ତାରିଖରେ ଛତ୍ରପତି ଶିବାଜୀ ମହାରାଜଙ୍କ ଜୟନ୍ତୀ ଥିବାରୁ ରିଲିଜ୍ ତାରିଖର ବିଶେଷତ୍ୱ ରହିଛି । ଐତିହାସିକ ଡ୍ରାମା 'ଛାବା' ଏକ ବାୟୋପିକ୍ । ଏହାର କାହାଣୀ ଛତ୍ରପତି ଶିବାଜୀ ମହାରାଜଙ୍କ ପୁଅ ଛତ୍ରପତି ଶମ୍ଭାଜୀ ମହାରାଜଙ୍କ ଜୀବନ ଉପରେ ପର୍ଯ୍ୟବସିତ । ନୂଆ ରିଲିଜ୍ ତାରିଖ 'ଛାବା' ପାଇଁ ଗେମ୍ ଚେଞ୍ଜର୍ ହୋଇପାରେ । ଆସନ୍ତା ଡିସେମ୍ବର ୬ ତାରିଖରେ 'ପୁଷ୍ପା-୨' ସହିତ 'ଛାବା' ରିଲିଜ୍ ହୋଇଥାନ୍ତା । ପରେ ପୁଷ୍ପା ନିର୍ମାତା ଦିନକ ଆଗରୁ ଅର୍ଥାତ୍ ୫ ତାରିଖରେ ଫିଲ୍ମ ରିଲିଜ୍ ଘୋଷଣା କଲେ । ଲକ୍ଷ୍ମଣ ଉତେକରଙ୍କ ନିର୍ଦ୍ଦେଶିତ 'ଛାବା'ର ଟିଜର ରିଲିଜ୍ ହୋଇସାରିଛି ।

## ମଶାଲ ଶୋଭାଯାତ୍ରା ବେଳେ ନିଆଁ ଲାଗି ୫୦ ଗୁରୁତର

**ଖଣ୍ଡଗା:** ୨୬/୧୧ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ହେଉଥିଲା ମଶାଲ ଶୋଭାଯାତ୍ରା । ଏଥିରେ ହଜାର ହଜାର ଲୋକ ଯୋଗ ଦେଇଥିଲେ । ମାତ୍ର ସାମାନ୍ୟ ଅସାବଧାନତା ହେତୁ ଘଟିଲା ଅଘଟଣ ।

### ୧୨ ଜଣଙ୍କ ଅବସ୍ଥା ଗମ୍ଭୀର

ଜଳୁଥିବା ମଶାଲରୁ ତେଲ ପଡ଼ିବା ହେତୁ ତାହା ହୁତୁହୁତୁ ହୋଇ ଜଳିଲା ଓ ଆଖି ପିଛୁଳାକେ ନିଆଁ ଚାରିଆଡ଼େ ବ୍ୟାପିଗଲା । ଏପରି ଏକ ଅଘଟଣରେ ପ୍ରାୟ ୫୦ରୁ ଲୋକ ଗୁରୁତର ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କ ଅବସ୍ଥା ଗମ୍ଭୀର ରହିଛି ।

ଏପରି ଏକ ଅଘଟଣ ମଧ୍ୟପ୍ରଦେଶର ଖଣ୍ଡଗାରେ ଘଟିଛି । ଖଣ୍ଡୱାରର ଘଣ୍ଟାଧର ଛକରେ ଗୁରୁବାର ରାତିରେ ମଶାଲ ଶୋଭାଯାତ୍ରା ବେଳେ ଏପରି ଭୟାବହ



ଅଗ୍ନିକାଣ୍ଡ ଘଟିଛି । ଏହି କାର୍ଯ୍ୟକ୍ରମରେ ହାଇଦ୍ରାବାଦର ଗୌଶାମହାଲ ବିଧାୟକ ଟି ରାଜା ଓ ବିଜେପିର ମହିଳା ନେତ୍ରୀ ନାଜିୟା ଇଲାହୀ ବି ସାମିଲ ହୋଇଥିଲେ ।

କାର୍ଯ୍ୟକ୍ରମ ଶେଷ ପୂର୍ବରୁ ରାତି ପ୍ରାୟ ୧୧ଟା ବେଳେ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ଏଥିରେ ହଜାରେ ମଶାଲ ଜାଳିବାର ବ୍ୟବସ୍ଥା ହୋଇଥିଲା । ଅଧ ଘଣ୍ଟା ପରେ ଘଣ୍ଟାଘର ଛକରେ ଏହି କାର୍ଯ୍ୟ ସମାପନ ବେଳେ ଲୋକେ ଧରିଥିବା ମଶାଲ ରଖିଥିଲେ । ଫଳରେ କିଛି ମଶାଲ ତଳେ ପଡ଼ି ସେଥିରୁ ତେଲ ବାହାରି ଅଚାନକ ନିଆଁ ଲାଗି ଯାଇଥିଲା ।

ଖଣ୍ଡୱା ଏସ୍‌ପି ମନୋଜ ରାୟଙ୍କ କହିବାନୁଯାୟୀ, ଘଣ୍ଟାଘରରେ ଶ୍ରଦ୍ଧାଞ୍ଜଳି ସଭା ସରିବାକୁ ବସିଥିବା ବେଳେ କିଛି ମଶାଲ ଓଲଟି ଯାଇ ସେଥିରୁ ତେଲ ବାହାରି ଯାଇଥିଲା । ଦେଖୁ ଦେଖୁ ନିଆଁ ଆଖପାଖ ଅଞ୍ଚଳକୁ ବ୍ୟାପି ଯାଇଥିଲା । ଫଳରେ ସେଠାରେ ଉପସ୍ଥିତ ପ୍ରାୟ ୫୦ରୁ ଅଧିକ ଲୋକ ନିଆଁ ଝାସରେ ପଡ଼ି ଯାଇଥିଲେ । ସେମାନଙ୍କ ଶରୀରର ବହୁ ଅଂଶ ପୋଡ଼ି ଯାଇଛି । ସେମାନଙ୍କୁ ତୁରନ୍ତ ମେଡିକାଲ ନିଆ ଯାଇଥିବା ବେଳେ ୧୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି ।

ନିଆଁ ଜଳୁଥିବା ଦେଖି ସଭାସ୍ଥଳରେ ଧାଁଦୌଡ଼ ଆରମ୍ଭ ହୋଇ ଯାଇଥିଲା । ଫଳରେ ତଳେ ପଡ଼ି ବହୁ ଲୋକ ଆହତ ହୋଇଛନ୍ତି । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି ।

## ହରଡାପୁଟ ଗ୍ରାମବାସୀ ଜୟପୁର ତହସିଲଦାରଙ୍କ ଦ୍ୱାରସ୍ଥ

**ଜୟପୁର:** ଜୟପୁର ତହସିଲ ଅନ୍ତର୍ଗତ ହରାଡାପୁଟ ଗ୍ରାମବାସୀ ଆଜି ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଜୟପୁର ତହସିଲ କାର୍ଯ୍ୟାଳୟରେ ପହଂଚି ତହସିଲଦାର ସବ୍ୟସାଚି ଜେନାଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଗ୍ରାମର ସରକାରୀ ଜାଗାକୁ ରାଜସ୍ୱ ବିଭାଗର ଜଣେ ଅବସର କର୍ମଚାରି ଟଂଚକତା କରି ପଟ୍ଟା କରିଛନ୍ତି । ଉକ୍ତ ଜାଗାଟି ଆଦିବାସୀ ସମାଜର ଗୃହ ନିର୍ମାଣ ପାଇ ରହିଥିଲା । ଗୃହ ନିର୍ମାଣ ପାଇ ପୂର୍ବତନ ମନ୍ତ୍ରୀ ମଧ ୪ ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତି । ତେଣୁ ପ୍ରଶାସନ ହସ୍ତକ୍ଷେପ କରି ଗ୍ରାମବାସୀ ଙ୍କୁ ସରକାରୀ ଜାଗା ହସ୍ତାନ୍ତର କରିବାକୁ କୁମୁଲିପୁଟ ସରପଂଚ ସୁଶିଳା ପେଣ୍ଠିଆ, ଗ୍ରାମବାସୀ ରବିନ୍ଦ୍ର ଚାଲାଣ,ବି ହରି ରାଓ ପ୍ରମୁଖ ଦାବି କରିଛନ୍ତି ।

## ମହାରାଷ୍ଟ୍ର ବିପର୍ଯ୍ୟୟ ପାଇଁ କଂଗ୍ରେସକୁ ଦାୟୀ କଲା ଟିମ ଠାକରେ

**ମୁମ୍ବାଇ:** ମହାରାଷ୍ଟ୍ରରେ କଂଗ୍ରେସର ଅଧିକ ଆତ୍ମବିଶ୍ୱାସ ଓ ସିଟ ଶେୟାରିଂ ବେଳେ କଂଗ୍ରେସର ଆଭିମୁଖ୍ୟ ନିର୍ବାଚନରେ ବିରୋଧୀ ମେଣ୍ଟ ମହା ବିକାଶ ଅଘାଡ଼ିକୁ କ୍ଷତି ପହଞ୍ଚାଇଛି । କିଛି ଏଭଳି ଢଙ୍ଗରେ ମତ ରଖି ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିରୋଧୀ ମେଣ୍ଟ ଏମଭିଏର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ କଂଗ୍ରେସକୁ ଦାୟୀ କରିଛି ଟିମ ଠାକରେ ।



ଉଦ୍ଧବ ଠାକରେଙ୍କ ଶିବସେନାର ଅମ୍ବାଦାସ ଦାନଭେ ଏପରି ମତ ରଖିଛନ୍ତି । ଦାନଭେ ମହାରାଷ୍ଟ୍ର ବିଧାନ ପରିଷଦର ବିରୋଧୀ ଦଳ ନେତା ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି । ତାଙ୍କ କହିବା କଥା ଯେ ମହା ବିକାଶ ଅଘାଡ଼ି ବିଧାନସଭା ନିର୍ବାଚନରେ ଉଦ୍ଧବ ଠାକରେଙ୍କୁ ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଉପସ୍ଥାପନ କରିବାର ଥିଲା ।

ସେ କହିଛନ୍ତି, " ଲୋକସଭା ନିର୍ବାଚନ ପରେ କଂଗ୍ରେସ ହରିୟାଣା ଓ ଜମ୍ମୁ-କଶ୍ମୀର ଭଳି ମହାରାଷ୍ଟ୍ରରେ ମଧ୍ୟ ଅତ୍ୟଧିକ ଆତ୍ମବିଭୋର/ଆତ୍ମବିଶ୍ୱାସ ହୋଇପଡ଼ିଥିଲା । ଏହା ନିର୍ବାଚନ ଫଳାଫଳରେ ମଧ ଦେଖିବାକୁ ମିଳିଛି । ସିଟ ଶେୟାରିଂ ବୁଝାମଣା ବେଳେ କଂଗ୍ରେସର ଆଭିମୁଖ୍ୟ ଆମକୁ ଆଘାତ ପହଞ୍ଚାଇଥିଲା ।

ଉଦ୍ଧବ ଠାକରେଙ୍କୁ ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଆଗକୁ ଆଣିବାର ଥିଲା । ହେଲେ ଏମିତି ନ ହେବାରୁ ଆମ କ୍ଷତି ସହିଛୁ । ଯଦି ଉଦ୍ଧବ ଠାକରେ ମୁଖ୍ୟମନ୍ତ୍ରୀ ଚେହେରା ହୋଇଥାଆନ୍ତେ, ତା'ହେଲେ ରେଜଲ୍ଟ ନିଶ୍ଚିତ ଭାବେ ଭିନ୍ନ ହୋଇଥାଆନ୍ତା । ରେଜଲ୍ଟ ଆସିବା ଆଗରୁ କଂଗ୍ରେସ ସୁଟ ଓ ଟାଇ ସହ ରେଡ୍ଡୀ ହୋଇ ରହିଥିଲା । କଂଗ୍ରେସର ଅଧିକ ଆତ୍ମବିଶ୍ୱାସ ଯୋଗୁ ଏମଭିଏକୁ ପରାସ୍ତ ହେବାକୁ ପଡ଼ିଛି ।"

ଲୋକସଭା ନିର୍ବାଚନ ବେଳେ କଂଗ୍ରେସ ମହାରାଷ୍ଟ୍ରରେ ଏକାକୀ ୧୩ଟି ଆସନ ଜିତିଥିଲା । ଏହା ମହା ବିକାଶ ଅଘାଡ଼ିରେ ଥିବା ଦଳଗୁଡ଼ିକ ମଧ୍ୟରେ ସର୍ବାଧିକ । ଲୋକସଭାର ସଫଳତା ଆଧାରରେ କଂଗ୍ରେସର ମହାରାଷ୍ଟ୍ର ମୁଖିଆ ନାନା ପାଟୋଲେ ସିଟ ଶେୟାରିଂ ବୁଝମଣା ବେଳେ ଅଧିକ ଆସନ ପାଇଁ ଜିଦ କରିଥିଲେ । କଂଗ୍ରେସ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଏକାକୀ ୧୦୩ଟି ଆସନରେ ଲଢ଼ିଥିବା ବେଳେ ୧୬ଟିରେ ଜିତି ପାରିଛି । ଉଦ୍ଧବ ସେନା ୮୯ଟି ଆସନରେ ଲଢ଼ି ୨୦ଟି ଓ ଶରଦ ପାୱାରଙ୍କ ଏନସିପି ୮୭ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ କେବଳ ୧୦ଟି ସିଟ ଜିତି ପାରିଛି ।

## ଗଣଦୁଷ୍କର୍ମ ପରେ ନର୍ସଙ୍କ ଗୁପ୍ତାଙ୍ଗରେ ଲଙ୍କା ଗୁଣ୍ଡ ଓ ବାଡ଼ି ଭର୍ତ୍ତି କରିଦେଲେ !

**ଲକ୍ଷ୍ନୌ:** ସାମ୍ନାକୁ ଆସିଛି ଅତ୍ୟନ୍ତ ଭୟଙ୍କର ଓ ବିଚଳିତ କରିବା ଭଳି ଘଟଣା । ଜଣେ ନର୍ସଙ୍କୁ ୨ ଜଣ ଯୁବକ ଅତ୍ୟନ୍ତ ଭୟଙ୍କର ଢଙ୍ଗରେ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ପୀଡ଼ିତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି ଯେ ନର୍ସଙ୍କୁ ୨ ଜଣ ଦୁଷ୍କର୍ମ କରିବା ବେଳେ ଅନ୍ୟ ୪ ଜଣ ତାଙ୍କୁ ତଳେ ପକାଇ ମାଡ଼ି ବସିଥିଲେ ।



ଦୁଇ ଜଣ ହାତ ଓ ଆଉ ୨ ଜଣ ନର୍ସଙ୍କ ଗୋଡ଼କୁ ଜାବୁଡ଼ି ଧରିଥିଲେ । ଏତିକି ବେଳେ ବାକି ଦୁଇ ଜଣ ତାଙ୍କୁ ଦୁଷ୍କର୍ମ କରିଛନ୍ତି । ଖାଲି ସେତିକି ନୁହେଁ, ନର୍ସଙ୍କ ଗୁପ୍ତାଙ୍ଗରେ ସେମାନେ ଲଙ୍କା ଗୁଣ୍ଡ ଓ ବାଡ଼ି ପୂରାଇ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି ।

ଉତ୍ତର ପ୍ରଦେଶର ଜଲାଉନରେ ଏପରି ଲୋମହର୍ଷଣକାରୀ ଘଟଣା ଘଟିଛି । ପରିବାର ଲୋକ ଏପରି ଅଭିଯୋଗ ଆଣିଥିଲେ ହେଁ ପୁଲିସ ଓଲଟା କଥା କହିଛି । ପୁଲିସ୍ ଦାବି କରିଛି ଯେ ନର୍ସ ଜଣଙ୍କ ଆଉ ଜଣେ ବ୍ୟକ୍ତିଙ୍କୁ ପ୍ରେମ କରୁଥିଲେ । ଉକ୍ତ ବ୍ୟକ୍ତି ଓ ତାଙ୍କ ପରିବାର ଲୋକ ନର୍ସଙ୍କୁ ମାଡ଼ ମାରିଛନ୍ତି ।

ମହିଳାଙ୍କ ସ୍ୱାମୀ କହିଛନ୍ତି, ତାଙ୍କ ସ୍ତ୍ରୀ ଚୁରଖି ପୁଲିସ୍ ଷ୍ଟେସନ ଅଧୀନରେ ଥିବା ଗୋଟିଏ ହସ୍ପିଟାଲରେ ଷ୍ଟାଫ ନର୍ସ ଭାବେ କାମ କରନ୍ତି । ଗୁରୁବାର ସକାଳେ ସେ ସ୍କୁଟିରେ ହସ୍ପିଟାଲକୁ ଯାଉଥିଲେ । ତେବେ ଅଧା ରାସ୍ତାରେ କିଛି ବ୍ୟକ୍ତି ତାଙ୍କୁ ଅଟକାଇବା ସହ ବୁଦା ଭିତରୁ ନେଇ ଗଣଦୁଷ୍କର୍ମ କରିଛନ୍ତି ।

ସ୍ୱାମୀ କହିଛନ୍ତି, " ମୋ ସ୍ତ୍ରୀ ନର୍ସ ଭାବେ କାମ କରୁଥିବାରୁ ସକାଳ ୯ଟାରେ ହସ୍ପିଟାଲ ବାହାରି ଯାଇଥିଲେ । ତେବେ କିଛି ଘଣ୍ଟା ପରେ ସେ ମୋତେ ଫୋନ କରିଥିଲେ ଓ ତାଙ୍କ ସହ ଘଟିଥିବା ଘଟଣା ବିଷୟରେ କହିଥିଲେ । ଜଣେ ବ୍ୟକ୍ତି, ତାଙ୍କ ପୁତୁରା ଓ ଆଉ କିଛି ଲୋକ ତାଙ୍କୁ ମାଡ଼ ମାରିଛନ୍ତି । ସେମାନଙ୍କ ମଧ୍ୟରୁ ୪ ଜଣ ମୋ ପତ୍ନୀଙ୍କୁ ତଳେ ପକାଇ ହାତ ଓ ଗୋଡ଼କୁ ଧରି ରଖିଥିଲେ ।

ଆଉ ୨ ଜଣ ତାଙ୍କୁ ଗଣଦୁଷ୍କର୍ମ କରିଛନ୍ତି । ଗୋଟିଏ ବାଡ଼ି ଓ ଲଙ୍କା ଗୁଣ୍ଡ ମଧ ତାଙ୍କ ଗୁପ୍ତାଙ୍ଗରେ ଭର୍ତ୍ତି କରି ଦେଇଛନ୍ତି । ପୁଲିସ୍ ? ତାଙ୍କୁ ମେଡିକାଲ ଚେକ ଅପ ଓ ଚିକିତ୍ସା ପାଇଁ ହସ୍ପିଟାଲ ପଠାଇଛି । " ଜଲାଉନ ଏଏସ୍‌ପି ପ୍ରଦୀପ କୁମାର ବର୍ମା କହିଛନ୍ତି, ଅଭିଯୋଗ ପାଇବା ମାତ୍ରେ ଗୋଟିଏ ଟିମ ଘଟଣାସ୍ଥଳକୁ ଯାଇଥିଲା । ଜଣେ ମହିଳାଙ୍କୁ ମାଡ଼ ମରାଯାଇଥିବା ଖବର ମିଳିଥିଲା । ତାଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ଆତଙ୍କବାଦୀଙ୍କ କବଜାରେ ସିରିଆ ଘାଟି; ଆକ୍ରମଣରେ ୧୩୯ ମୃତ

**ନୂଆଦିଲ୍ଲୀ:** ସିରିଆରେ ବିଦ୍ରୋହୀ ଗୋଷ୍ଠୀ ଅଚାନକ ସେନା ଘାଟି ଉପରେ ଆକ୍ରମଣ କରିଛନ୍ତି । ଏହାର ପାଲଟା ଜବାବ ଦେଇଛି ସେନା । ଏଥିରେ ଅନ୍ୟୁନ ୧୩୯ ଜଣଙ୍କ

### ଅନେକ ଆହତ

ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ବିଦ୍ରୋହୀ ଗୋଷ୍ଠୀର ୧୩୨ଜଣ ରହିଛନ୍ତି । ଗତ ୪ ବର୍ଷରେ ଏହା ସବୁଠୁ ବଡ଼ ଆକ୍ରମଣ ବୋଲି କୁହାଯାଉଛି ।

ବିଦ୍ରୋହୀ ଗୋଷ୍ଠୀ ସିରିଆର ଏକ ସେନା ଘାଟିକୁ କବ୍‌ଜା କରିଛନ୍ତି । ଏହି ଗୋଷ୍ଠୀଗଡ଼ିକ ମଧ୍ୟରୁ ହୟାତ୍ ତହରିର୍ ଅଲ୍-ସମ୍ ନାମକ ଏକ ଗୋଷ୍ଠୀ ଉପରେ ଅଲ୍-



କାଏଦାର ସମର୍ଥନ ରହିଛି । ଏହି ଆତଙ୍କବାଦୀ ସଙ୍ଗଠନ ସିରିଆର ଅନ୍ୟତମ ପ୍ରମୁଖ ସହର ଆଲେପ୍ପୋରେ ପ୍ରାୟ ୧୦ କିମି ଭିତରକୁ ପଶିଯାଇଛନ୍ତି । ଆତଙ୍କୀମାନେ ବଶର ଅଲ୍ ଅସଦ୍‌ଙ୍କ ସରକାରକୁ ସମର୍ଥନ କରୁଥିବା ସେନାର ଅସ୍ତ୍ରଶସ୍ତ୍ର ଏବଂ ବାହନକୁ ମଧ କବ୍‌ଜା କରିଛନ୍ତି ।

ବିଦ୍ରୋହୀ ଗୋଷ୍ଠୀ ପକ୍ଷରୁ ଟେଲିଗ୍ରାମ ପୋଷ୍ଟରେ ଦାବି କରାଯାଇଛି ଯେ, ସେମାନେ ସିରିଆ ସରକାରଙ୍କ ବେସ୍-୪୬କୁ ନିଜ ଅକ୍ତିଆରକୁ ନେଇଛନ୍ତି । କେବଳ ୧୦ ଘଣ୍ଟା ଭିତରେ ଆଲେପ୍ପା ସହରର ଅନେକ ଗ୍ରାମକୁ ନିଜ ନିୟନ୍ତ୍ରଣକୁ ନେଇଛନ୍ତି । ତେବେ ଏହି ଦାବି ଉପରେ ସିରିଆ ସରକାରଙ୍କ କୌଣସି ପ୍ରତିକ୍ରିୟା ଆସିନାହିଁ । ୨୦୨୦ରେ ତୁର୍କୀର ସହଯୋଗରେ ବିଦ୍ରୋହୀ ଏବଂ ଅସଦ ସରକାରଙ୍କ ଭିତରେ ଏକ ବୁଝାମଣା ହୋଇଥିଲା । ଏଥିଯୋଗୁ ବିଦ୍ରୋହୀଙ୍କ ପକ୍ଷରୁ ଆକ୍ରମଣ କମିଥିଲା । ଜାତିସଂଘ ରିପୋର୍ଟ ଅନୁସାରେ, ପ୍ରାୟ ଏକ ଦଶନ୍ଧି ଧରି ସିରିଆ ଗୃହଯୁଦ୍ଧରେ ୩ ଲକ୍ଷରୁ ଉର୍ଦ୍ଧ୍ୱର୍ ଲୋକଙ୍କ ମୃତ୍ୟୁ ଘଟିଥିଲା ।

## ପ୍ଲାଟଫର୍ମରେ ଶୋଉଥିଲା ଟ୍ରେନରେ ଦୁଷ୍କର୍ମ ପରେ ମାରୁଥିଲା

**ଗୁଜରାଟର ଏହି ଯୁବତୀଙ୍କ ଭଳି ଯୁବକ ଜଣଙ୍କ ମାସକରୁ କମ ସମୟ ମଧ୍ୟରେ ଏକାଧିକ ରାଜ୍ୟରେ ଆଉ ୪ ଜଣଙ୍କୁ ହତ୍ୟା କରିଥିଲା । ଅଭିଯୁକ୍ତ ଜଣକ ବିଭିନ୍ନ ଷ୍ଟେସନର ପ୍ଲାଟଫର୍ମରେ ଶୋଉଥିଲା । ସୁବିଧା ଦେଖି ବିଭିନ୍ନ ଟ୍ରେନରେ ଚଢୁଥିଲା । ଏହି ସମୟରେ ଏକାକୀ ଯାତ୍ରା କରୁଥିବା ଲୋକଙ୍କୁ ସେ ଟାର୍ଗେଟ କରୁଥିଲା ।**

**ଅହମ୍ମଦାବାଦ:** ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଭୟଙ୍କର ସିରିଏଲ ମର୍ଡର ଉପରୁ ପରଦା ହଟିଛି । ଗୁଜରାଟର ଜଣେ ୧୯ ବର୍ଷୀୟ ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରିବା ଘଟଣାରେ ଗିରଫ ଯୁବକର ପାପ ପେଡ଼ି ଦେଖି ସମସ୍ତେ ଚକିତ ହୋଇଛନ୍ତି ।

ଗୁଜରାଟର ଏହି ଯୁବତୀଙ୍କ ଭଳି ଯୁବକ ଜଣଙ୍କ ମାସକରୁ କମ ସମୟ ମଧ୍ୟରେ ଏକାଧିକ ରାଜ୍ୟରେ ଆଉ ୪ ଜଣଙ୍କୁ ହତ୍ୟା କରିଥିଲା । ଅଭିଯୁକ୍ତ ଜଣକ ବିଭିନ୍ନ ଷ୍ଟେସନର ପ୍ଲାଟଫର୍ମରେ ଶୋଉଥିଲା । ସୁବିଧା ଦେଖି ବିଭିନ୍ନ ଟ୍ରେନରେ ଚଢୁଥିଲା । ଏହି ସମୟରେ ଏକାକୀ ଯାତ୍ରା କରୁଥିବା ଲୋକଙ୍କୁ ସେ ଟାର୍ଗେଟ କରୁଥିଲା । ଏକାକୀ ବିଶେଷ କରି ଦିବ୍ୟାଙ୍ଗ ମହିଳାଙ୍କୁ ସେ ଟାର୍ଗେଟ କରି ଦୁଷ୍କର୍ମ ପରେ ହତ୍ୟା କରୁଥିଲା । ପୁଲିସ୍ ତା'କୁ ଗିରଫ କରିବା ପରେ ସବୁ ଘଟଣା ଉପରୁ ପରାଦା ହଟିଛି ।

ହରିୟାଣାର ରୋହତକର ମୂଳବାସିନ୍ଦା ରାହୁଲ କମରବୀର ଜାଟକୁ ପୁଲିସ୍ ନଭେମ୍ବର ୨୪ରେ ଗୁଜରାଟର ବାଲସାଦ ଅନ୍ତର୍ଗତ ଭାପି ରେଳ ଷ୍ଟେସନରୁ ଗିରଫ କରିଛି । ତା'କୁ ଧରିବା ପାଇଁ ଏକାଧିକ ରାଜ୍ୟର ପୁଲିସ୍ ? ଲାଗିଥିଲେ । ଗୁଜରାଟର ବିଭିନ୍ନ ଜିଲ୍ଲାରେ ଲାଗିଥିବା ପ୍ରାୟ ୨ ହଜାର ସିସିଟିଭିକୁ ମଧ ଯାଞ୍ଚ କରଯାଇଥିଲା । ପୁଲିସ କହିବା କଥା ଯେ ରାହୁଲ କରମବୀର ଜାଟ ୫ ଶ୍ରେଣୀ ଯାଏ ପଢ଼ିଛି । ସେ ନିଜର ଅପରାଧକୁ ସ୍ୱୀକାର କରିଛି । ସେ ଏକାକୀ ଯାତ୍ରା କରୁଥିବା



ଲୋକଙ୍କୁ ଲୁଟ କରିବା ସହ ହତ୍ୟା କରିଛି । ସେହିପରି ଦିବ୍ୟାଙ୍ଗ ପାଇଁ ଉପଲବ୍ଧ ବଗିରେ ସେ ମହିଳାଙ୍କୁ ଦୁଷ୍କର୍ମ ମଧ କରିଥିଲା । ଜାଟ ସବୁବେଳେ ବିଭିନ୍ନ ଷ୍ଟେସନର ପ୍ଲାଟଫର୍ମ କିମ୍ବା ଟ୍ରେନ ଭିତରେ ଶୋଇଥାଏ । ତେଣୁ ତାକୁ ଧରିବା ପୁଲିସ୍ ପାଇଁ ସହଜ ହେଉ ନଥିଲା ।

ଏସ୍‌ପି କରନରାଜ ବଘେଲା କହିଛନ୍ତି, " ଜାଟକୁ ରବିବାର ରାତିରେ ସ୍ଥାନୀୟ ଓ ରେଳବାଇ ପୁଲିସ୍‌ର ମିଳିତ ଅପରେସନ ଦ୍ୱାରା ଗିରଫ କରାଯାଇଛି । ଜାଟ ସବୁବେଳେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାତ୍ରା କରୁଥିଲା । ଫଳରେ ତା' ଠିକଣା ଠାବ କରିବା ସହଜ ହେଉ ନଥିଲା । ଗୁଜରାଟ ଦୁଷ୍କର୍ମ ଓ ହତ୍ୟା ବ୍ୟତୀତ ସେ ଆଉ ୪ଟି ଲୁଟ ଓ ହତ୍ୟା ମାମଲାରେ ସାମିଲ ରହିଛି । କର୍ଣ୍ଣାଟକା, ତେଲଙ୍ଗାନା, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ରର ବିଭିନ୍ନ ଟ୍ରେନ ଓ ଷ୍ଟେସନରେ ସେ ଏପରି କାଣ୍ଡ ଘଟାଇଥିଲା ।

ନଭେମ୍ବର ୧୪ରେ ଉଡଭାଡା ରେଳ ଷ୍ଟେସନ ନିକଟ ଟ୍ରାକରୁ ଜଣେ ଯୁବତୀଙ୍କ ମୃତଦେହ ମିଳିଥିଲା । ଯାଞ୍ଚ ପରେ ଜଣାପଡ଼ିଥିଲା ଯେ ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି । ତେଣୁ ଏକାଧିକ ଟିମ ତଦନ୍ତରେ ଲାଗି ପଡ଼ିଥିଲେ । ରେଳ ଷ୍ଟେସନରେ ଲାଗିଥିବା ସିସିଟିଭି ଫୁଟେଜରୁ ପ୍ରଥମେ ସନ୍ଦିଗ୍ଧର ସୂଚନା ମିଳିଥିଲା ।

ଅପରାଧ ଘଟାଇବା ପରେ ଜାଟ ରେଳ ଷ୍ଟେସନକୁ ଆସି କିଛି ଖାଦ୍ୟ ଖାଇଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ଜାଟ ଏଠାରେ ଥିବା ଗୋଟିଏ ହୋଟେଲରେ କାମ କରୁଥିଲା । ସେଠାକୁ ଦରମା ନେବା ପାଇଁ ସେ ଘଟଣା ଦିନ ଆସିଥିଲା । ଏହି ସମୟରେ ସେ ୧୯ ବର୍ଷୀୟ ଯୁବତୀଙ୍କୁ ଏକାକୀ ପାଇ ଦୁଷ୍କର୍ମ ପରେ ହତ୍ୟା କରିଥିଲା । ଯୁବତୀ ଜଣଙ୍କ ଟ୍ୟୁସନରୁ ଘରକୁ ଫେରୁଥିବା ବେଳେ ତାଙ୍କ ସହ ଏପରି ଘଟଣା ଘଟିଥିଲା । ୧୯ ବର୍ଷୀୟ ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରିବା ଘଟଣା ପୂର୍ବରୁ ଓ ପରେ ଜାଟ ଆଉ ୪ଟି ହତ୍ୟାକାଣ୍ଡ ଘଟାଇଥିଲା । ଗିରଫର ଦିନକ ପୂର୍ବରୁ ସେ ସିକନ୍ଦରାବାଦ ରେଳ ଷ୍ଟେସନରେ ଜଣେ ମହିଳାଙ୍କୁ ଟ୍ରେନ ଭିତରରେ ଲୁଟ କରିବାର ସହ ହତ୍ୟା କରିଥିଲା ।

## କେନ୍ଦ୍ରାପଡା କ୍ରେଡିଟ କୋ ଅପେରଟିଭ ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା ପ୍ରତିଭା ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା:** ପ୍ରଶାସନିକ ଅଧିକାରୀମାନେ ସରକାରୀ ନୀତିନିୟମ ଓ ବିବେକ ଅନୁସାରେ କାର୍ଯ୍ୟକରିବା ଆବଶ୍ୟକ ବୋଲି କେନ୍ଦ୍ରାପଡ଼ା କ୍ରେଡିଟ କୋ ଅପରେଟିଭ ସୋସାଇଟି ଲିଃ ପକ୍ଷରୁ ଆୟୋଜିତ ସଫଳ ଓଡିଶା ପ୍ରଶାସନିକ ସେବା ପ୍ରତିଭା ସମାରୋହରେ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି କ୍ଷ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଅବସର ପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁଦର୍ଶନ ନାୟକ କହିଲେ ଯେ, ଓଡିଶା ପ୍ରଶାସନିକ ସେବା ୨୦୨୨ରେ କୃତକାର୍ଯ୍ୟ ହୋଇଥିବା କୃତି ପ୍ରତିଭାମାନେ କୌଣସି ଚାପର ବଶବର୍ତୀ ନହୋଇ ସଚୋଟତା ଓ ନିଷ୍ଠା ମଧ୍ୟରେ ନିଜ ବିବେକକୁ ପଚାରି ଜଣେ ଉତମ ଓ ଦାୟିତ୍ୱବାନ ପ୍ରଶାସକ ଭାବରେ ଜନ ସାଧାରଣଙ୍କ ସେବାରେ ବ୍ରତୀ ହେବା ଆବଶ୍ୟକ । ସେହିପରି ମୁଖ୍ୟବକ୍ତା ଭାବରେ ଯୋଗଦେଇ ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ଼ଃ ପ୍ରଭାସ ଆଚାର୍ଯ୍ୟ ବିଭିନ୍ନ ଉଦାହରଣ ମାଧ୍ୟମରେ ଜଣେ ସ୍ୱଚ୍ଛ ଓ ଦାୟିତ୍ୱବାନ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରିବାବେଳେ ସେହିପରି ସାଧାରଣରେ ପ୍ରତୀୟମାନ ହେବା ଆବଶ୍ୟକ । ଏହା ଜଣେ ପ୍ରଶାସନିକ ଅଧିକାରୀ ଭାବେ ବ୍ୟକ୍ତି ଚରିତ୍ରର ସ୍ପଷ୍ଟ ନିଦର୍ଶନ ବୋଲି କହିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ସଂମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡ଼ାର ଲୋକପ୍ରିୟ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ନିଜ ବକ୍ତବ୍ୟରେ ନିଜର କର୍ମମୟ ଜୀବନର ଅନୁଭୂତି ବଖାଣିବା ଛଳରେ ଏହି ପ୍ରଶାସନିକ ସେବା ପ୍ରତିଭାମାନଙ୍କୁ ସେମାନଙ୍କ କର୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ସଚେତନ କରାଇଥିଲେ । ଅବିଭକ୍ତ କଟକ ଜିଲ୍ଲାର ଏହି ପ୍ରତିଭାମାନଙ୍କୁ ନେଇ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କେନ୍ଦ୍ରାପଡା କ୍ରେଡିଟ କୋ ଅପରେଟିଭ ର ସଭାପତି ପ୍ରମୋଦ ସାହୁ ପୌରୋହିତ୍ୟ କରି କହିଲେ ଯେ, ଦେଶ ଓ ଜାତିର ସେବା ପାଇଁ ଏହି ଯୁବ ପ୍ରତିଭାମାନେ ଜନ ସାଧାରଣଙ୍କ ଦୁଃଖ ଦୂର ପାଇଁ ସେବକ ମନୋଭାବ ନେଇ କାର୍ଯ୍ୟ କରିବା ଉଚିତ । ସମିତିର ସମ୍ପାଦକ ପ୍ରହଲ୍ଲାଦ ସାହୁ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳ ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଶିଫଳ

**ମେଷ :** ସପ୍ତମ ଚନ୍ଦ୍ର ଏବଂ ବୃହସ୍ପତିଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ମୂଲ୍ୟବାନ ଧାତୁ, ବସନଭୂଷଣ ଓ ଘରୋଇ ଉପକରଣ କ୍ରୟ କରିବେ । ମନରେ ପ୍ରସନ୍ନତା, ଦାମ୍ପତ୍ୟ ଜୀବନରେ ମଧୁରତା ଏବଂ ପରିବାରର ସମସ୍ତ ସଦସ୍ୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

**ବୃଷ:** ଘାତବାର ଏବଂ ଷଷ୍ଠ ଚନ୍ଦ୍ର ଯୋଗୁ ଘାତବାରର ପ୍ରଭାବ ରହିବ ନାହିଁ । ରୋଗ, ଋଣ, ଦୁଃଖ, ଶୋକ, କ୍ଲେଶ ଓ ଅବସାଦରୁ ମୁକ୍ତି ମିଳିବ ଏବଂ ଆପଣଙ୍କ ବକ୍ତବ୍ୟରେ ସମ୍ମୋହନର ଶକ୍ତି ରହିବ । ପରୋପକାର, ସମାଜସେବା ଓ ଧାର୍ମିକ କର୍ମରେ ଅଧିକ ଆଗ୍ରହ ରହିବ ।

**ମିଥୁନ:** ପଞ୍ଚମ ଚନ୍ଦ୍ର ଯୋଗୁ ଯଶ, ସମ୍ମାନ, ସାମାଜିକ ପ୍ରତିଷ୍ଠା ଏବଂ ଜନ ସମ୍ପର୍କ ବୃଦ୍ଧି ପାଇବ । ସନ୍ତାନ ମାନେ ଆଜ୍ଞାଧୀନ ହେବେ ଏବଂ ପିତାମାତାଙ୍କ କୃପାଲାଭ କରିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ମଧ୍ୟମ ହେବ ।

**କର୍କଟ:** ଶୁକ୍ଳପକ୍ଷର ଚତୁର୍ଥ ଚନ୍ଦ୍ର ଯୋଗୁ ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ମତାନ୍ତର, ସ୍ୱଜନରେ ବିବାଦ, ପଡ଼ୋଶୀଙ୍କ ସହ ତିକ୍ତତା, ଯାନବାହନରେ ଖର୍ଚ୍ଚାନ୍ତ ଏବଂ ଆର୍ଥିକ ଠକାମିରେ ପଡ଼ିପାରନ୍ତି । ମନ ଅସ୍ଥିର, ବିଷାଦଗ୍ରସ୍ତ ରହିବ ଏବଂ ଶାରୀରିକ ପୀଡ଼ା ଭୋଗିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କ୍ଷତି ଦେଖା ଦେବ ଏବଂ ଆର୍ଥିକ ସ୍ଥିତି ପ୍ରଭାବିତ ହେବ ।

**ସିଂହ:** ତୃତୀୟ ଚନ୍ଦ୍ର ଏବଂ ବୃହସ୍ପତିଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି, ସ୍ୱଜନ, ପରିଜନଙ୍କ ସହ ସୁସମ୍ପର୍କ ଏବଂ ଭାଇ , ଭଉଣୀଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା ଅଧିକ ରହିବ ।

**କନ୍ୟା:** ଦ୍ୱିତୀୟ ଚନ୍ଦ୍ର ଯୋଗୁ ଆକସ୍ମିକ ଧନ ଲାଭ, କୌଣସି ବିଶେଷ ସୂତ୍ରରୁ ଧନପ୍ରାପ୍ତି ଏବଂ ଅନ୍ୟକୁ ଦେଇଥିବା ଧନ ଓ ହୃତଧନ ଫେରି ପାଇବେ । ଧନ, ସମ୍ପଦ ବୃଦ୍ଧି ପାଇବ ଏବଂ ଆର୍ଥିକ ସ୍ଥିତି ସୁଧାର ଆସିବ । ଖର୍ଚ୍ଚ ଅପେକ୍ଷା ସଞ୍ଚୟରେ ଅଧିକ ଆଗ୍ରହ ରହିବ ।

**ତୁଳା:** ଶ୍ରୀଚନ୍ଦ୍ର ଯୋଗୁ ସ୍ୱଜନରେ ସୁସମ୍ପର୍କ, ପରିବାରରେ ସୁଖଶାନ୍ତି ଏବଂ ଚାଲିଚଳନ, ବ୍ୟବହାର, କଥାବାର୍ତ୍ତା ମାର୍ଜିତ ଓ ସର୍ବଜନ ଆଦୃତ ହେବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଯାହା ହେଲେ ମଧ ମନରେ ଆତ୍ମସନ୍ତୋଷ ଓ ଆତ୍ମତୃପ୍ତି ରହିବ ।

**ବିଛା :** ଦ୍ୱାଦଶ ଚନ୍ଦ୍ର ଯୋଗୁ ଆୟ ପାଞ୍ଚ ଟଙ୍କା ହେଲେ ବ୍ୟୟ ପଚିଶ ଟଙ୍କା ହେବ ଏବଂ ଆର୍ଥିକ ସ୍ଥିତି ପ୍ରଭାବିତ ହେବ । ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହଭାବ ପ୍ରକାଶ ପାଇବ ଏବଂ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବାରେ ଅସମର୍ଥ ହେବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ତୁଳନାରେ ବ୍ୟୟ ଅଧିକ ହେବ ।

**ଧନୁ :** ଏକାଦଶ ଚନ୍ଦ୍ର ଏବଂ ବୃହସ୍ପତିଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ସମସ୍ତ ଆଶା, ଆକାଂକ୍ଷା, ଅଭିଳାଷ ପୂର୍ଣ୍ଣ ହେବ ଏବଂ ସମସ୍ତ ଈପ୍‌ସିତ ପଦାର୍ଥ ହାତ ପାଆନ୍ତାରେ ଉପଲବ୍ଧ ହେବ । ଉନ୍ନତି ମୂଳକ କର୍ମରେ ଧ୍ୟାନ ଅଧିକ ରହିବ ଏବଂ ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ସମର୍ଥ ହେବେ ।

**ମକର :** ଦଶମ ଚନ୍ଦ୍ର ଯୋଗୁ ନୂତନ କର୍ମାରମ୍ଭ କରିପାରନ୍ତି କିମ୍ବା ନୂତନ ନିଯୁକ୍ତି ମିଳିପାରେ । ମନରେ ପ୍ରସନ୍ନତା, ପରିବାରରେ ସୁଖଶାନ୍ତି ଏବଂ ଦେହ,ମନ ସୁସ୍ଥ ରହିବ । ମନରେ ସତ୍‌ଚିନ୍ତା, ସତ୍‌ଭାବନା ପ୍ରକାଶ ପାଇବ ଏବଂ ସତ୍‌କର୍ମରେ ଅଧିକ ଆଗ୍ରହ ରହିବ ।

**କୁମ୍ଭ :** ଶୁକ୍ଳପକ୍ଷର ନବମ ଚନ୍ଦ୍ର ଯୋଗୁ ଗୁରୁଜନଙ୍କ କୃପା, କ୍ଷମତାଶାଳୀ ବ୍ୟକ୍ତିଙ୍କ ସହାୟତା ଏବଂ ରାଜନୈତିକ ବ୍ୟକ୍ତିଙ୍କ ଶୁଭଦୃଷ୍ଟିରେ ରହିବେ । ମନରେ ଉନ୍ନତ ଚିନ୍ତାଧାରା, ଉଚ୍ଚାଭିଳାଷ ପ୍ରକାଶ ପାଇବ ଏବଂ ଉନ୍ନତି ମୂଳକ କର୍ମରେ ଧ୍ୟାନ ଅଧିକରହିବ ।

**ମୀନ :** ଅଷ୍ଟମଚନ୍ଦ୍ର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ମନରେ ଅସ୍ଥିରତା, ପରିବାରରେ ମନୋମାଳିନ୍ୟ ଏବଂ ଶାରୀରିକ ପୀଡ଼ା ଭୋଗିବେ । ମନ ଅସ୍ଥିର, ବିଷାଦଗ୍ରସ୍ତ ରହିବ ଏବଂ ଚାଲିଚଳନ, ବ୍ୟବହାର ବିବାଦୀୟ ହେବ । ବାଣିଜ୍ୟ, ବ୍ୟବସାୟରେ କ୍ଷତି ଦେଖା ଦେବ ଏବଂ କର୍ମରେ ବିଫଳତା ଓ ବାଧାବିଘ୍ନ ଲାଗି ରହିବ ।

ମାତୃଭାଷା

କଟକ, ଶନିବାର, ନଭେମ୍ବର-୩୦, ୨୦୨୪ ପୃଷ୍ଠା: ୪

# ପୁନଶ୍ଚ ମମତା ଦିଦି - ପୁନଶ୍ଚ ଆଳୁ ଟେନସନ୍

ଉପଭୋକ୍ତାଙ୍କୁ ପିଆଜର କନ୍ଦେଇବା ପାଳି ନ ସରୁଣୁ ଏବେ ଆଳୁର ଆଉ ଥରେ ଓଡିଶାର ଉପଭୋକ୍ତାଙ୍କୁ କନ୍ଦେଇବା ପାଳି ଆରମ୍ଭ ହୋଇଛି । ଗତ ଜୁନ୍ ମାସରେ ରାଜ୍ୟରେ ନୂଆ ସରକାର ଆସିବାର ଅଳ୍ପ କେଇଟା ଦିନ ଭିତରେ ପଶ୍ଚିମ ବଙ୍ଗ ସରକାର ଓଡିଶାକୁ ଆଳୁ ଯୋଗାଣ ବନ୍ଦ କରି ରାଜ୍ୟର ଖାଉଟୀଙ୍କୁ ବଡ ନୟାନ୍ତ କରିଦେଇଥିଲେ । ୬ ଟା ମାସ ନ ପୁରୁଣ ମମତା ଦିଦି ପୁଣି ଥରେ ଓଡ଼ିଶାକୁ ଆଳୁ ଟେନସନ୍ ଦେଇଛନ୍ତି ।

ବୁଧବାର ରାତିରୁ ଆଳୁ ଟ୍ରକ ସୀମା ପାର୍ ନ କରିବାକୁ କଟକଣା ଲଗେଇଛନ୍ତି ପଶ୍ଚିମବଙ୍ଗ ସରକାର । ଗତ ବୁଧବାର ଦିନ ନବନ୍ନାରେ ପଶ୍ଚମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକ ବୈଠକ ଡାକିଥିଲେ ।ଯେଉଁଥିରେ ସେ ରାଜ୍ୟ ବାହାରକୁ ଆଳୁ ରପ୍ତାନୀ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପଶ୍ଚିମ ବଙ୍ଗରେ ଗଚ୍ଛିତ ଆଳୁ ପରିମାଣ କମିବା କାରଣରୁ ରାଜ୍ୟ ସରକାର ଏ ନିଷ୍ପତ୍ତି ନେଇଛନ୍ତି । ଯେଉଁ କାରଣରୁ ଓଡ଼ିଶା ଓ ପଶ୍ଚିମବଙ୍ଗର ବିଭିନ୍ନ ସୀମାରେ ଶହ ଶହ ଆଳୁ ଟ୍ରକ୍ ବଙ୍ଗଳା ଅଧିକାରୀ ଅଟକ ରଖିଛନ୍ତି ।

ଏହା ଫଳରେ ଜାନୁୟାରୀ, ଫେବୃୟାରୀ ପର୍ଯ୍ୟନ୍ତ କୋଲକାତାରୁ ଆଳୁ ଟ୍ରକ ଓଡ଼ିଶା ଆସିବ ନାହିଁ । ପାଖାପାଖି ୩ ମାସ ପର୍ଯ୍ୟନ୍ତ ରାଜ୍ୟକୁ କୋଲକାତାରୁ ଆଳୁ ଆସିବା ବନ୍ଦ ରହିବ । ନୂଆ ଆଳୁ ବଜାରକୁ ନ ଆସିବା ପର୍ଯ୍ୟନ୍ତ ଅନ୍ୟ ରାଜ୍ୟକୁ ଆଳୁ ଯୋଗାଣ ବନ୍ଦ ରହିବ ବୋଲି ମମତା କହିଛନ୍ତି । ସର୍ବାଧିକ ଆଳୁ ଉତ୍ପାଦନରେ ପଶ୍ଚିମବଙ୍ଗ ଦ୍ୱିତୀୟ ରାଜ୍ୟ । ଆଳୁ ପାଇଁ ଏହା ଉପରେ ପଡୋଶୀ ରାଜ୍ୟ ଓଡ଼ିଶା ସମେତ ବହୁ ରାଜ୍ୟ ନିର୍ଭର କରନ୍ତି । ଆଳୁ ଟ୍ରକ୍ ଉପରେ କଟକଣା ପରେ ସ୍ଥାନେ ସ୍ଥାନେ ଅଧିକାରୀଙ୍କ ତରଫରୁ ଯାଞ୍ଚ ମଧ ଆରମ୍ଭ ହୋଇଯାଇଛି । ଦେଖିବା ବାକି ରହିଲା, ପଶ୍ଚିମବଙ୍ଗରୁ ଆଳୁ ଆସିବା ବନ୍ଦ ହେବା ପରେ ଓଡ଼ିଶା ବଜାରେ କି ଭଳି ସ୍ଥିତି ରହୁଛି । ଯଦି ଆଗାମୀ ୩ ମାସ ପର୍ଯ୍ୟନ୍ତ ରାଜ୍ୟରେ ଆବଶ୍ୟକତା ଅନୁସାରେ ଆଳୁ ମହଜୁଦ ଥିବ, ତେବେ ଚିନ୍ତାର ଆବଶ୍ୟତା ନାହିଁ । କିନ୍ତୁ ଯଦି ଏହାର ବିପରୀତ ଘଟେ, ତେବେ ପିଆଜ କନ୍ଦେଇଲା ଭଳି ଆଳୁ ଖାଉଟିଙ୍କୁ ନିଶ୍ଚୟ କନ୍ଦେଇବ ।

ପଶ୍ଚିମବଙ୍ଗରେ ଗତ ଦୁଇସପ୍ତାହ ହେଲା ଆଳୁଦର ଉପରମୁହାଁ । ଏହାକୁ ନିୟନ୍ତ୍ରଣ କରିବାକୁ ଯାଇ ପଶ୍ଚିମବଙ୍ଗ ସରକାର ଆଳୁ ଉପରେ ପୁଣି କଟକଣା ଲଗାଇଛନ୍ତି । ଫଳରେ, ଗତକାଲି ରାତିରୁ ଓଡ଼ିଶା ସୀମା ନିକଟବର୍ତ୍ତୀ ଜାତୀୟ ରାଜପଥରେ ଅଟକି ରହିଥିବା ଶତାଧିକ ଆଳୁଗାଡ଼ିକୁ ପଶ୍ଚିମବଙ୍ଗ ସରକାର ଫେରାଇ ନେଇଛନ୍ତି । ଆଜି ମଧ୍ୟାହ୍ନ ୧୨ଟା ସମୟରୁ ଏସବୁ ଆଳୁ ଟ୍ରକ୍କୁ ଖଡ଼ଗପୁର ଯାଏଁ ଫେରାଇ ନିଆଯାଇଥିବା ଜଣାପଡ଼ିଛି । ଯେଉଁଥି ପାଇଁ ଓଡ଼ିଶାର କିଛି କିଛି ଜାଗାରେ ଆଳୁଦର ବୃଦ୍ଧି ପାଇଛି । ତେବେ ଏହାର ପ୍ରଭାବରେ ଆଗାମୀ ଦିନରେ ଓଡ଼ିଶାରେ ଆଳୁ ତିରୋଟ ସହିତ ଦରବୃଦ୍ଧି ଆଶଙ୍କା ସୃଷ୍ଟି ହୋଇଛି ।

ସୂଚନା ଅନୁସାରେ, ପଶ୍ଚିମବଙ୍ଗରେ ଏବେ ଆଳୁ କିଲୋପିଛା ଦର ୩୦ରୁ ୩୫ଟଙ୍କା ମଧ୍ୟରେ ରହିଛି । ଏହାକୁ କିଭଳି ନିୟନ୍ତ୍ରଣ କରାଯିବ, ତାହା ପଶ୍ଚିମବଙ୍ଗ ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଗତ ୨୨ ତାରିଖରେ କୋଲକାତାଠାରେ ବସିଥିବା ପଶ୍ଚିମବଙ୍ଗ ସରକାରଙ୍କ ମନ୍ତ୍ରୀ ପରିଷଦ ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ରାଜ୍ୟରେ ଆଳୁଦର ନିୟନ୍ତ୍ରଣ ନହେବା ଯାଏଁ ପଡ଼ୋଶୀ ରାଜ୍ୟକୁ ଆଳୁ ରପ୍ତାନି କରାଯିବ ନାହିଁ ବୋଲି ରୋକଠୋକ୍ ଶୁଣାଇଥିଲେ । ଏଥିସହିତ ପଶ୍ଚିମବଙ୍ଗ କୃଷି ବିଭାଗ, ପୁଲିସ ଓ ଆଗ୍ରୋ ମାର୍କେଟିଂ ବିଭାଗର ଅଧିକାରୀଙ୍କୁ ଏକ ଟାସ୍କଫୋର୍ସ ଗଠନ ପାଇଁ ମଧ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ମମତାଙ୍କ ଏହି ନିର୍ଦ୍ଦେଶପୂର୍ଣ୍ଣ ମନ୍ତବ୍ୟର ଭିଡିଓ ଏବେ ସାମନାକୁ ଆସିଛି ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବୁଧବାର ରାତିରୁ ପଶ୍ଚିମ ମେଦିନୀପୁର ଓ ପୂର୍ବ ମେଦିନୀପୁର ଜିଲ୍ଲାରେ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇଛି । ଜାତୀୟ ରାଜପଥ ସହ ଓଡ଼ିଶାକୁ ସଂଯୋଗ କରୁଥିବା ଅନ୍ୟ ରାସ୍ତାଗୁଡ଼ିକୁ ବଙ୍ଗ ପୁଲିସ ସିଲ୍ କରିଦେବା ସହିତ ବେଲ୍‌ଦା ନିକଟରେ ଓଡ଼ିଶା ଅଭିମୁଖେ ଆସୁଥିବା ସମସ୍ତ ଆଳୁଗାଡ଼ିକୁ ଅଟକାଇ ଦେଇଛନ୍ତି । ଆଜି ପୂର୍ବାହ୍ନ ୧୦ଟା ସୁଦ୍ଧା ବେଲ୍‌ଦାରେ ଶହେରୁ ଊର୍ଦ୍ଧ୍ୱ ଆଳୁ ଟ୍ରକ୍ ଅଟକି ରହିଥିଲା । ୧୨ଟାପରେ ଆଳୁଗାଡ଼ିକୁ ଖଡ଼ଗପୁର ଫେରାଇ ନିଆଯିବାରୁ ଓଡ଼ିଶାକୁ ଅନ୍ତଃରାଜ୍ୟ ସୀମା ଦେଇ ଆଳୁ ରପ୍ତାନି ବନ୍ଦ ହୋଇଯାଇଛି । ପଶ୍ଚିମବଙ୍ଗ ସରକାରଙ୍କ ଏପରି ଆଭିମୁଖ୍ୟକୁ ସେହି ରାଜ୍ୟର ବ୍ୟବସାୟୀ ସଂଘ ମଧ ବିରୋଧ କରିଛି । ଏ ସମ୍ପର୍କରେ ଆମ ପ୍ରତିନିଧି ପଶ୍ଚିମ ମେଦିନୀପୁର ପୁଲିସ ତଥା ଅନ୍ୟ ଜିଲ୍ଲା ଅଧିକାରୀଙ୍କଠାରୁ ପ୍ରତିକ୍ରିୟା ନେବାକୁ ଚାହିଁଥିଲେ ମଧ ସେମାନେ କିଛି କହିବାକୁ ମନା କରିଦେଇଥିଲେ । ତେବେ, ପଶ୍ଚିମବଙ୍ଗରେ ଆଳୁ ଦର ନିୟନ୍ତ୍ରଣକୁ ନଆସିବା ଯାଏଁ ଓଡ଼ିଶାକୁ ଆଳୁ ରପ୍ତାନି ବନ୍ଦ ରହିବ ବୋଲି ପଶ୍ଚିମବଙ୍ଗ ଦାନ୍ତୁନ ଅଞ୍ଚଳର ଜଣେ ତୃଣମୂଳ କଂଗ୍ରେସ ନେତା ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ, ପଶ୍ଚିମବଙ୍ଗ ସରକାରଙ୍କ କଟକଣା ଯୋଗୁଁ ଆଜି ଓଡ଼ିଶାରେ ହଠାତ୍ ଆଳୁ ଦର କିଲୋପିଛା ୪୦ରୁ ୪୫ ଟଙ୍କାକୁ ବୃଦ୍ଧି ପାଇଛି । ଏହା ପୂର୍ବରୁ ଜଳେଶ୍ୱର ସମେତ ଏହାର ଆଖପାଖ ଅଞ୍ଚଳରେ ଆଳୁ ଦର ୩୦ରୁ ୩୫ ଟଙ୍କା ରହିଥିଲା ।

ଆଗାମୀ ଦିନରେ ଓଡ଼ିଶାରେ ଆଳୁ ତିରୋଟ ସହିତ ଦରବୃଦ୍ଧି ଆଶଙ୍କା ସୃଷ୍ଟି ହୋଇଛି । ସୂଚନା ଅନୁସାରେ ପଶ୍ଚିମବଙ୍ଗରେ ଏବେ ଆଳୁ କିଲୋପିଛା ଦର ୩୦ରୁ ୩୫ଟଙ୍କା ମଧ୍ୟରେ ରହିଛି । ଏହାକୁ କିଭଳି ନିୟନ୍ତ୍ରଣ କରାଯିବ, ତାହା ପଶ୍ଚିମବଙ୍ଗ ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଗତ ୨୨ ତାରିଖରେ କୋଲକାତାଠାରେ ବସିଥିବା ପଶ୍ଚିମବଙ୍ଗ ସରକାରଙ୍କ ମନ୍ତ୍ରୀ ପରିଷଦ ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ରାଜ୍ୟରେ ଆଳୁଦର ନିୟନ୍ତ୍ରଣ ନହେବା ଯାଏଁ ପଡ଼ୋଶୀ ରାଜ୍ୟକୁ ଆଳୁ ରପ୍ତାନି କରାଯିବ ନାହିଁ ବୋଲି ରୋକ ଠୋକ୍ ଶୁଣାଇଥିଲେ । ଏଥିସହିତ ପଶ୍ଚିମବଙ୍ଗ କୃଷି ବିଭାଗ, ପୁଲିସ ଓ ଆଗ୍ରୋ ମାର୍କେଟିଂ ବିଭାଗର ଅଧିକାରୀଙ୍କୁ ଏକ ଟାସ୍କଫୋର୍ସ ଗଠନ ପାଇଁ ମଧ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ମମତାଙ୍କ ଏହି ନିର୍ଦ୍ଦେଶପୂର୍ଣ୍ଣ ମନ୍ତବ୍ୟର ଭିଡିଓ ଏବେ ସାମନାକୁ ଆସିଛି ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବୁଧବାର ରାତିରୁ ପଶ୍ଚିମ ମେଦିନୀପୁର ଓ ପୂର୍ବ ମେଦିନୀପୁର ଜିଲ୍ଲାରେ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇଛି । ଜାତୀୟ ରାଜପଥ ସହ ଓଡ଼ିଶାକୁ ସଂଯୋଗ କରୁଥିବା ଅନ୍ୟ ରାସ୍ତାଗୁଡ଼ିକୁ ବଙ୍ଗ ପୁଲିସ ସିଲ୍ କରିଦେବା ସହିତ ବେଲ୍‌ଦା ନିକଟରେ ଓଡ଼ିଶା ଅଭିମୁଖେ ଆସୁଥିବା ସମସ୍ତ ଆଳୁଗାଡ଼ିକୁ ଅଟକାଇ ଦେଇଛନ୍ତି । ଗୁରୁବାର ପୂର୍ବାହ୍ନ ୧୦ଟା ସୁଦ୍ଧା ବେଲ୍‌ଦାରେ ଶହେରୁ ଊର୍ଦ୍ଧ୍ୱ ଆଳୁ ଟ୍ରକ୍ ଅଟକି ରହିଥିଲା । ୧୨ଟାପରେ ଆଳୁଗାଡ଼ିକୁ ଖଡ଼ଗପୁର ଫେରାଇ ନିଆଯିବାରୁ ଓଡ଼ିଶାକୁ ଆନ୍ତଃରାଜ୍ୟ ସୀମା ଦେଇ ଆଳୁ ରପ୍ତାନି ବନ୍ଦ ହୋଇଯାଇଛି । ପଶ୍ଚିମବଙ୍ଗ ସରକାରଙ୍କ ଏପରି ଆଭିମୁଖ୍ୟକୁ ସେହି ରାଜ୍ୟର ବ୍ୟବସାୟୀ ସଂଘ ମଧ ବିରୋଧ କରିଛି ।

ତେବେ ଆଳୁକୁ ନେଇ ଦେଖାଯାଇଥିବା ସଙ୍କଟ ଭିତରେ ଖୁସି ଖବର ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ୩୦ ଟଙ୍କାରେ ଆଳୁ ଯୋଗାଇ ଦେବା ପାଇଁ ମନ୍ତ୍ରୀ ଘୋଷଣା କରିଛନ୍ତି । ଆଳୁକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ବସୁଥିବା ବେଳେ ଟେନସନ୍ ନନେବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଉତ୍ତରପ୍ରଦେଶରୁ ଆମଦାନୀ ହେଉଛି ଆଳୁ । ତେଣୁ ଚିନ୍ତା କରନ୍ତୁ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି ।

ମନ୍ତ୍ରୀଙ୍କ ଏହି ଆଶ୍ୱାସନା ବାଣୀ ସାମୟିକ ଭାବେ ରାଜ୍ୟର ଖାଉଟୀଙ୍କ ଦୁଃଖ ହରିପାରେ, କିନ୍ତୁ ସବୁ ଦିନ ପାଇଁ ନୁହେଁ । ଗତ ଜୁନ୍ ମାସରେ ପଶ୍ଚିମ ବଙ୍ଗ ସରକାର ଆଳୁ ଯୋଗାଣ ବନ୍ଦ କରିବା ପରେ ସରକାର ଉତ୍ତର ପ୍ରଦେଶ ଉପରେ ନିର୍ଭରଶୀଳ ହୋଇଥିଲେ । ସେଠାରୁ ଯଦି ଆଳୁ ଯୋଗାଣରେ କିଛି ସମସ୍ୟା ନଥାଏ, ତେବେ ଓଡ଼ିଶାରେ ଆଳୁର ଅଭାବ କିମ୍ବା ଦରବୃଦ୍ଧି ସମସ୍ୟା ଦେଖାଯିବା କଥା ନୁହେଁ । କିନ୍ତୁ ପଶ୍ଚିମବଙ୍ଗ ସରକାର ଆଳୁ ଯୋଗାଣ ବନ୍ଦ କରିବାର ଦିନକ ପରେ ଓଡ଼ିଶାରେ ଆଳୁର ଦରବୃଦ୍ଧି ଆରମ୍ଭ ହେବା ସୂଚିତ କରୁଛି ଯେ ସରକାର ଏ ପର୍ଯ୍ୟନ୍ତ କୌଣସି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିନାହାଁନ୍ତି । ଯେତେବେଳେ ଆଳୁ ଯୋଗାଣ ବନ୍ଦ ହେଉଛି, ସେତେବେଳେ ଉତ୍ତର ପ୍ରଦେଶ ଉପରେ ନିର୍ଭର କରି ସାମୟିକ ଆଶ୍ୱସ୍ତି ନେଉଛନ୍ତି । ଏପରି ବ୍ୟବସ୍ଥା ସମସ୍ୟାର ଉପଯୁକ୍ତ ନିଦାନ ନୁହେଁ । ଆଳୁ ମିଶନ ପବନରେ ଭାସିଗଲା । ପଶ୍ଚିମ ବଙ୍ଗରେ ଓଡ଼ିଶା ପରି ଏତେ ଉର୍ବର ମାଟି ନାହିଁ କି ଏତେ ଜଳର ପ୍ରଚୁରତା ଉପଲବ୍ଧ ନାହିଁ । ଏହା ସତ୍ତ୍ୱେ ସେମାନେ କଠୋର ପରିଶ୍ରମ କରି ଦେଶର ଦ୍ୱିତୀୟ ବୃହତ୍ତମ ଆଳୁ ଉତ୍ପାଦନକାରୀ ହୋଇଛନ୍ତି । କିନ୍ତୁ ଓଡ଼ିଶାରେ ସବୁ ଥାଇ ବି ଓଡ଼ିଶା କେତେ ଦିନ ଯାଏ ଭିକାରୀଙ୍କ ପରି ସମସ୍ତ ପ୍ରକାର ଖାଦ୍ୟ ସାମଗ୍ରୀ ଲାଗି ବାହାର ରାଜ୍ୟଙ୍କ ଦୟା ଉପରେ ନିର୍ଭରଶୀଳ ହୋଇ ରହିବ ? ଏହା ଓଡ଼ିଶାବାସୀଙ୍କ ଲାଗି ଏକ ଲଜ୍ୟାର ବିଷୟ ହୋଇଛି । ସରକାର ଏ ଦିଗ ପ୍ରତି ସମୁଚିତ ଧ୍ୟାନ ଦେଇ ଖାଦ୍ୟ ସାମଗ୍ରୀ କ୍ଷେତ୍ରରେ ଓଡ଼ିଶାକୁ ସ୍ୱାବଲମ୍ବୀ କରିବା ଆବଶ୍ୟକ ।

# ୨୦୪୭ ମସିହା ଦିଗରେ: କର୍ମତତ୍ପର ସମ୍ବିଧାନ

**ମାମିଦାଲା ଜଗଦେଶ କୁମାର**

ରାଷ୍ଟ୍ରର ସମୃଦ୍ଧିରେ ଅନୁଷ୍ଠାନର ଗଠନ ଓ ଭୂମିକା କାର୍ଯ୍ୟ ଉପରେ ସେମାନଙ୍କର ଉଲ୍ଲେଖନୀୟ ଗବେଷଣା କାର୍ଯ୍ୟ ନିମନ୍ତେ ତିନିଜଣ ଅର୍ଥଶାସ୍ତ୍ରୀ ୨୦୨୪ ମସିହା ନିମନ୍ତେ ଅର୍ଥନୀତିରେ ସମ୍ମାନଜନକ ନୋବେଲ୍ ପୁରସ୍କାର ଲାଭ କରିବାକୁ ବିବେଚିତ ହୋଇଛନ୍ତି । ଭାରତରେ, ଆମର ସମ୍ବିଧାନ ସେହିଭଳି ଅନୁଷ୍ଠାନ ଯଥା ସଂସଦ, ଗଣତନ୍ତ୍ର, ନ୍ୟାୟପାଳିକା, ଗଣମାଧ୍ୟମ ଭଳି ଅନୁଷ୍ଠାନମାନଙ୍କ ରୂପ ପ୍ରଦାନ କରିଛି ଏବଂ ସେମାନଙ୍କୁ ସୁରକ୍ଷା ମଧ ଯୋଗାଇଛି ଯାହାକି ଭାରତର ପ୍ରଗତିର ମୂଳ ଆଧାର ବୋଲି ବିବେଚନା କରାଯାଇପାରେ ।

ଜାତୀୟ ଶିକ୍ଷା ନୀତି (ଏନ. ଇ.ପି.) ୨୦୨୦ ଏକ ପଚ୍ଚ ପରିବର୍ତ୍ତନକାରୀ ଢାଞ୍ଚା ଯାହାକି ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଆମୂଳଚୂଳ ପରିବର୍ତ୍ତନ କରି ଯୁବ ଛାତ୍ରଛାତ୍ରମାନଙ୍କ ଆଶା ଓ ଆକାଙ୍କ୍ଷାକୁ ସାକାର କରିବା ସହିତ ଦେଶର ପ୍ରଗତିକୁ ବାସ୍ତବତାରେ ପରିଣତ କରିପାରିବ । ଜାତୀୟ ଶିକ୍ଷା ନୀତି ୨୦୨୦ରେ ଭାରତୀୟ ସମ୍ବିଧାନ ଦ୍ୱାରା ଅନୁସୃତ ମୂଲ୍ୟବୋଧ ଗଭୀର ଭାବରେ ନିହିତ ରହିଛି ଯାହାକି ଶିକ୍ଷାର ପହଞ୍ଚ, ସମାନତା, ଗୁଣାତ୍ମକ ମାନ, ଉତ୍ତରଦାୟିତ୍ୱ ଏବଂ ସୁଲଭତା ଉପରେ ଗୁରୁତ୍ୱ ଆରୋପ କରେ । ଏହା ସାମ୍ବିଧାନିକ ଆଦର୍ଶ ଏବଂ ପ୍ରଗତିଶୀଳ, ସମାବେଶୀ ଏବଂ ପୋଷଣୀୟ ଭାରତ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରୁଛି ।

ଜାତୀୟ ଶିକ୍ଷା ନୀତି ୨୦୨୦ ଭାରତୀୟ ସମ୍ବିଧାନର ସମସ୍ତ ପ୍ରତିଶ୍ରୁତିକୁ ଧାରଣ କରିବା ସହିତ ସମାନତା ଉପରେ ଗୁରୁତ୍ୱ ପ୍ରଦାନ ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ କୌଣସି ବାଛବିଚାର ବିନା ସମସ୍ତ ନାଗରିକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିଥାଏ । ଜାତୀୟ ଶିକ୍ଷା ନୀତି ସମସ୍ତ ଅବହେଳିତ ଏବଂ ଦୁର୍ବଳ ଗୋଷ୍ଠୀଙ୍କ ଶିକ୍ଷା ଆବଶ୍ୟକତାକୁ ପୂରଣ କରିଥାଏ । ଏହି ଗୋଷ୍ଠୀଙ୍କ ମଧ୍ୟରେ ତଫସିଲଭୁକ୍ତ ଜାତି (ଏସ. ସି.),ତଫସିଲଭୁକ୍ତ ଜନଜାତି (ଏସ. ଟି), ଅନ୍ୟାନ୍ୟ ପଛୁଆ ବର୍ଗ (ଓ. ବି. ସି.) ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀ(ଇ. ଡବ୍ଲୁ. ଏସ.) ଭାବେ ବସବାସ କରୁଥିବା ଲୋକ ସାମିଲ ଏବଂ ଏହା ସମ୍ବିଧାନର ଧାରାରେ ଥିବା ପ୍ରାବଧାନ ସହିତ ସମାଯୋଜିତ । ଛାତ୍ରବୃତ୍ତିର ଏବଂ ଶିକ୍ଷା ଋଣର ବ୍ୟବସ୍ଥା, ହାଇବ୍ରିଡ୍ ଶିକ୍ଷାକୁ ପ୍ରୋତ୍ସାହନ ଯୋଗାଣ, ଡିଜିଟାଲ ଉପକ୍ରମ, ବିବିଧ- ପ୍ରବେଶ ଏବଂ ବିବିଧ-ପ୍ରସ୍ଥାନ ଯୋଜନା, କୌଶଳ ଶିକ୍ଷା ବ୍ୟବସ୍ଥାର ପ୍ରବର୍ତ୍ତନ ଏବେ ଡିଗ୍ରୀ ଶିକ୍ଷା କାର୍ଯ୍ୟକ୍ରମର ଅଂଶବିଶେଷ ହୋଇଛି ଏବଂ ଭାରତୀୟ ଭାଷାକୁ ଶିକ୍ଷାଦାନର ମାଧ୍ୟମ ଭାବେ ପ୍ରୋତ୍ସାହନ ପ୍ରଦାନ ଶିକ୍ଷା ଫଳାଫଳକୁ ବ୍ୟାପକ କରିବା ସହିତ କୌଣସି ଛାତ୍ର ଯେପରି ପଛରେ ପଡ଼ି ନଯାଏ ତାହା ମଧ ସୁନିଶ୍ଚିତ କରାଯାଇଛି ।

ନିକଟ ଅତୀତର ଦୁଇଟି ଉଦାହରଣକୁ ନମୁନା ଭାବରେ ବିବେଚନା କଲେ ଜାତୀୟ ଶିକ୍ଷା ନୀତି ୨୦୨୦ର ଉଚ୍ଚଶିକ୍ଷା ପାଇଁ ରଖିଥିବା ବାସ୍ତବ ପରିକଳ୍ପନାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସହଜରେ ବୁଝାଯାଇ ପାରିବ । ସେଥିରୁ ପ୍ରଥମଟି ହେଲା- ଦେଶର ଏକ କୋଟି ଛାତ୍ରଛାତ୍ରୀଙ୍କ ନିମନ୍ତେ ପ୍ରଧାନମନ୍ତ୍ରୀ ଇଣ୍ଟର୍ଣ୍ଣସିପ୍ ଯୋଜନା ଏବଂ ଦ୍ୱିତୀୟଟି ହେଲା ବିଦ୍ୟାଲକ୍ଷ୍ମୀ ଋଣ ଯୋଜନା । ଏହି ଦୁଇଟିଯାକ ଯୋଜନା, ଯାହାକି ସମାଜର ନିମ୍ନ ଆୟବର୍ଗ ଗୋଷ୍ଠୀରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଉପରେ ଗୁରୁତ୍ୱ ଆରୋପ କରେ । ଏହି ଭାବନା ବାସ୍ତବ ପକ୍ଷେ ସାମ୍ବିଧାନିକ ମୂଲ୍ୟବୋଧରୁ ହିଁ ଆନୀତ । ଅର୍ଥାତ୍, ସମାନତା, ସମାଯୋଜନା ଏବଂ ଆର୍ଥିକ ସଶକ୍ତୀକରଣ (ସମ୍ବିଧାନର ଧାରା ୧୫ ଏବଂ ୧୬) । ଏହି ଦୁଇଟିଯାକ ଧାରା ଉଚ୍ଚ ଶିକ୍ଷା ଉପଲବ୍ଧତାକୁ ସାର୍ବଜନୀକରଣ ଏବଂ ଗଣତାନ୍ତ୍ରିକରଣ କରିବା ସକାଶେ ଉଦ୍ଦିଷ୍ଟ । ତେଣୁ ଉପରୋକ୍ତ ଯୋଜନା ଦ୍ୱୟ ମଧ ଯୁବ ଭାରତୀୟମାନଙ୍କ ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଥାଏ ଯାହା ସେମାନଙ୍କୁ ନିଜର ସାମାଜିକ କିମ୍ବା ଆର୍ଥିକ ପୃଷ୍ଠଭୂମିଠାରୁ ପୃଥକ୍ ରଖିବା ସହିତ ଜାତୀୟ ବିକାଶଧାରାରେ ସାମିଲ ହେବା ସକାଶେ ପ୍ରେରିତ କରିଥାଏ । ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏଭଳି ଲକ୍ଷ୍ୟ ବିନିର୍ଦ୍ଦିଷ୍ଟ ବ୍ୟବସ୍ଥା ସମାଜର ଦୁର୍ବଳ ଓ ଅବହେଳିତ ବର୍ଗର ପିଲାମାନଙ୍କୁ ଉଚ୍ଚ ଶିକ୍ଷା ଲାଭର ପୂର୍ଣ୍ଣ ସୁଯୋଗ ଯୋଗାଇଥାଏ ଯାହାକି ଭାରତ ସମ୍ବିଧାନର ଭାବନାରୁ ହିଁ ଆନୀତ । ରାଷ୍ଟ୍ର ବିନିର୍ଦ୍ଦିଷ୍ଟ ନୀତି ସାମାଜିକ- ଆର୍ଥିକ ନ୍ୟାୟ ଏବଂ ଶିକ୍ଷାଲାଭର ସୁଯୋଗ ସୁନିଶ୍ଚିତ କରିବାକୁ ପ୍ରେରିତ କରିଥାଏ ଏବଂ ଲୋକ କଲ୍ୟାଣକୁ ପ୍ରୋତ୍ସାହନ ଯୋଗାଇଥାଏ । ଏହି ଦୁଇଟିଯାକ ଯୋଜନା ଆମ ସମ୍ବିଧାନରେ ଥିବା ଏହିସବୁ ନୀତିର ବାସ୍ତବ ପ୍ରତିଫଳନ ।

ଭାରତର ସମ୍ବିଧାନ ଭାଷାଭିତ୍ତିକ ବିବିଧତା ଉପରେ ଗୁରୁତ୍ୱ ଆରୋପ କରେ ଏବଂ ଭାରତୀୟ ଭାଷାମାନଙ୍କୁ ଏହାର ବିଧି ଓ ବିଧାନ ଜରିଆରେ ସୁରକ୍ଷା ଏବଂ ପ୍ରସାର ନିମନ୍ତେ ସୁଯୋଗ ପ୍ରଦାନ କରିଥାଏ । ସମ୍ବିଧାନର ଧାରା ୩୫୦(ଏ) ମାତୃଭାଷାରେ ଶିକ୍ଷାଦାନର ବ୍ୟବସ୍ଥା ଉପରେ ଗୁରୁତ୍ୱ ଆରୋପ କରେ ଏବଂ ଶିକ୍ଷା ପୃଷ୍ଠଭୂମିରେ ବହୁଭାଷିକତାର ପ୍ରତିଫଳନକୁ ମଧ ସୁନିଶ୍ଚିତ କରିଥାଏ । ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଯେଉଁ ତାଲିକା ରହିଛି ସେଥିରେ ୨୨ଗୋଟି ଅନୁସୂଚୀତ ଭାଷାକୁ ସାମିଲ କରାଯାଇଛି ଏବଂ ଏହିସବୁ ଭାଷାର ବିକାଶ ନିମନ୍ତେ ସରକାରୀ ସ୍ୱୀକୃତି ମଧ ପ୍ରଦାନ କରାଯାଇଛି ଯାହାକି ସମ୍ବିଧାନର ଧାରା ୨୯ ଏବଂ ଧାରା ୩୦ର ବ୍ୟବସ୍ଥାକୁ ଅନୁସରଣ କରେ । ଉଦାହରଣ ସ୍ୱରୂପ, ଜାତୀୟ ଶିକ୍ଷା ନୀତି ୨୦୨୦ରେ ଯେଉଁ ଭାରତୀୟ ଭାଷାର ଉନ୍ନତି ସାଧନ ନିମନ୍ତେ ସୁପାରିଶ କରାଯାଇଛି ତାହା ଆମ ସାମ୍ବିଧାନିକ ମୂଲ୍ୟବୋଧର ପ୍ରତ୍ୟକ୍ଷ ପରିଣତି । ସେଥିପାଇଁ ବିଶ୍ୱବିଦ୍ୟାଳୟ ମଂଜୁରି ଆୟୋଗ ଅଣ୍ଡର ଗ୍ରାଜୁଏଟ ଏବଂ ପୋଷ୍ଟ ଗ୍ରାଜୁଏଟ୍ ସ୍ତରରେ ୨୨ ଗୋଟି ଭାରତୀୟ ଭାଷାରେ ୨୨,୦୦୦ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବା ସକାଶେ ଏକ ପ୍ରକଳ୍ପ ହାତକୁ ନେଇଛି ।

ଜାତୀୟ ଶିକ୍ଷା ନୀତି ୨୦୨୦ ଆମର ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷାମୂଳକ ଅଧ୍ୟୟନ, କୌଶଳ ଏବଂ ଧନ୍ଦାମୂଳକ ଶିକ୍ଷା ପ୍ରଦାନ ମାଧ୍ୟମରେ ତାଲିମ ଦେବା ଉପରେ ଗୁରୁତ୍ୱ ଆରୋପ କରେ ଯାହାକି ସେମାନଙ୍କୁ ଆତ୍ମ- ନିଯୁକ୍ତି ସକାଶେ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରିବ । ଏହା ସହିତ ଯେଉଁସବୁ ନୂଆ ନୂଆ କ୍ଷେତ୍ରରେ କର୍ମନିଯୁକ୍ତିର ସୁଯୋଗ ବନ୍ଦ୍ ହୋଇଯିବାର ଆଶଙ୍କା ରହିଛି ସେଥିରେ ମଧ ସେମାନଙ୍କୁ ଆତ୍ମ- ନିଯୁକ୍ତିର ସୁଯୋଗ ଯୋଗାଇବ । ଏହା ହେଉଛି ଜାତୀୟ ଶିକ୍ଷା ନୀତିର ଅଗ୍ରାଧିକାର କ୍ଷେତ୍ର ଏବଂ ଏହା ସମ୍ବିଧାନର ଧାରା ୪୧ ଅନୁସାରେ ଆଧାରିତ ।

ସାମ୍ବିଧାନିକ ମୂଲ୍ୟବୋଧ ସହିତ ସାମଞ୍ଜସ୍ୟ ରକ୍ଷା ପୂର୍ବକ, ଜାତୀୟ ଶିକ୍ଷା ନୀତି ୨୦୨୦କୁ ପ୍ରବର୍ତ୍ତନ କରିଯିବା ଦ୍ୱାରା ଭାରତର ବିକାଶ ଲକ୍ଷ୍ୟ ଦିଗରେ ଆଗକୁ ସହଜରେ ଆଗେଇ ହୋଇପାରିବ ଏବଂ ଏହା ଏକ ଜ୍ଞାପ- ଆଧାରିତ ଅର୍ଥନୀତି ନିର୍ମାଣ ଦିଗରେ ମଧ ଆମକୁ ତ୍ୱରାନ୍ୱିତ କରିବ । ପିଏମ ଇ-ବିଦ୍ୟା ଭଳି ଡିଜିଟାଲ ଉପକ୍ରମ ଏବଂ ଦୀକ୍ଷା, ସ୍ୱୟଂପ୍ରଭା, ସ୍ୱୟମ୍ ଭଳି ଅନ୍‌ଲାଇନ୍ ପ୍ଲାଟଫର୍ମ ଯେଉଁଥିରେ ହଜାର ହଜାର ପାଠକ୍ରମ ସାମିଲ ଏବଂ ଭର୍ଚୁଆଲ୍ ଲାବ୍‌କୁ ସାମିଲ କରାଯାଇଛି, ସେସବୁ ଛାତ୍ରଛାତ୍ରୀମାନଙ୍କୁ ଏକାସଙ୍ଗେ ଦୁଇ ଦୁଇଟି ଡିଗ୍ରୀ ହାସଲର ସୁଯୋଗ ପ୍ରଦାନ କରିଛି – ଗୋଟିଏ ଫିଜିକାଲ୍ ମୋଡ୍‌ରେ ଏବଂ ଅନ୍ୟଟି ଅନ୍‌ଲାଇନ୍ ମୋଡ୍ ଜରିଆରେ । ଏହା ସଙ୍ଗେ ସଙ୍ଗେ ଶୈକ୍ଷିକ ବ୍ୟାଙ୍କ୍ କ୍ରେଡିଟ୍ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା ପାଇଁ ସମାନ ପହଞ୍ଚକୁ ସୁନିଶ୍ଚିତ କରିବ, ବିଶେଷ କରି ଗ୍ରାମାଞ୍ଚଳ ଏବଂ ଦୂରଦୂରାନ୍ତ କ୍ଷେତ୍ରରେ ବସବାସ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଏହା ବିଶେଷ ଭାବରେ ସହାୟକ ହେବ ।

ଭାରତୀୟ ସମ୍ବିଧାନର ମୂଳ ଭାବନାକୁ ଅନୁସରଣ ପୂର୍ବକ, ଜାତୀୟ ଶିକ୍ଷା ନୀତି ୨୦୨୦ ସାମଗ୍ରିକ ଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରେ ଏବଂ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଭ୍ରାତୃତ୍ୱ ଏବଂ ଏକତାର ଭାବନା ଉଦ୍ରେକ କରେ ଯଦ୍ୟପି ଏଥି ସହିତ ସେମାନଙ୍କୁ ବୈଶ୍ୱିକ ନାଗରିକ ହେବା ସକାଶେ ମଧ ପ୍ରସ୍ତୁତ କରେ । ଭାରତୀୟ ଜ୍ଞାନ ବ୍ୟବସ୍ଥା ଏବଂ ଭାରତୀୟ ଭାବନାକୁ ସମାନ ଭାବରେ ପାଠ୍ୟଖସଡ଼ାରେ ମିଶ୍ରଣ ଘଟାଇ ଜାତୀୟ ଶିକ୍ଷା ନୀତି ୨୦୨୦ ଭାରତୀୟ ମହାନ୍ ଐତିହ୍ୟର ଗରିମା ଏବଂ ଏକତାକୁ ଶିକ୍ଷାର୍ଥୀମାନଙ୍କ ମନରେ ଉଦ୍ରେକ କରେ ।

ଭାରତୀୟ ସମ୍ବିଧାନ ଏକ ସଦା ଚଞ୍ଚଳ ଏବଂ ପ୍ରବହମାନ ଧାରା । ଉଦାରହଣ ସ୍ୱରୂପ, ଆମ ସମ୍ବିଧାନ ଧାରା ୩୬୮ ଅନୁସାରେ ସଂଶୋଧନର ବ୍ୟାପକ ପ୍ରାବଧାନ ବ୍ୟବସ୍ଥା କରିଛି ଯାହା ଆମର ସଂସଦୀୟ ବ୍ୟବସ୍ଥାକୁ ସମୟ କ୍ରମେ ବିକାଶ ଘଟାଇବା ସକାଶେ ସୁଯୋଗ ପ୍ରଦାନ କରେ । ଉଦାହରଣ ଭାବରେ କୁହାଯାଇପାରେ ଯେ, ଆମ ସଂସଦ ତା'ର ୭୩ତମ ଏବଂ ୭୪ତମ ସଂଶୋଧନକୁ ଗୃହୀତ କରିଥିଲା ଯାହାକି ପଞ୍ଚାୟତିରାଜ ଏବଂ ସହରାଞ୍ଚଳ ପୌର ସଂସ୍ଥାମାନଙ୍କୁ ବିକେନ୍ଦ୍ରୀକୃତ ଶାସନ ପଦ୍ଧତି ପ୍ରବର୍ତ୍ତନ ନିମନ୍ତେ ଉଦ୍ଦିଷ୍ଟ । ଏହା ଫଳରେ ଗଣତନ୍ତ୍ର ଲୋକମାନଙ୍କର ନିକଟତର ହୋଇପାରିବ । ସେହିଭଳି ସଂସଦରେ ବସ୍ତୁ ଏବଂ ସେବା କର (ଜି. ଏସ. ଟି.) ପାଇଁ ବିଲ୍ ଉପସ୍ଥାପନ କରାଯାଇଥିଲା ଯାହାକି ନୀତି ପ୍ରଣୟନ ନିମନ୍ତେ ଏହାର ଅନୁକୂଳନ କ୍ଷମତାକୁ ସୂଚୀତ କରେ । ଆମ ସଂସଦୀୟ ବ୍ୟବସ୍ଥା ମଧ ଏହାର ପ୍ରଗତିଶୀଳ ଚିନ୍ତାଧାରାକୁ ପ୍ରଦର୍ଶନ କରିଥିଲା ଯେତେବେଳେ ଏହା ମହିଳା ସଂରକ୍ଷଣ ବିଲ୍କୁ ଏକ ବାସ୍ତବପୂର୍ଣ୍ଣ ଲିଙ୍ଗଗତ ପ୍ରତିନିଧିତ୍ୱ ନିମନ୍ତେ ଏହା ପାରିତ କରିଥିଲା ।

ନାଗରିକମାନଙ୍କ ସହିତ ସଦାବେଳେ ଓତଃପ୍ରୋତ ଭାବରେ ଜଡ଼ିତ ରହି ଆମ ସମ୍ବିଧାନ ଯେତିକି ପ୍ରଗତି କରିଚାଲିଛି ସେତିକି ମାତ୍ରାରେ ଏହା ସମ୍ଭାବନାମୟ ହୋଇପାରିଛି ଏବଂ ନିଜକୁ ଏକ ସୁଦୃଢ଼ ଅନୁଷ୍ଠାନରେ ପରିଣତ କରିଛି । ଏହା ଭାରତରେ ଏକ ମୁକ୍ତ ଗଣମାଧ୍ୟମ ବ୍ୟବସ୍ଥା ତଥା ସକ୍ରିୟ ନ୍ୟାୟପାଳିକା ପାଇଁ ମଧ ସୁଯୋଗ ଯୋଗାଇଛି । ଆମ ସମ୍ବିଧାନ ହେଉଛି ଭାରତର ଶାସନ ବ୍ୟବସ୍ଥାର ମୂଳ ସ୍ତମ୍ଭ ଏବଂ ଏହା ଆମର ସାମାଜିକ- ସାଂସ୍କୃତିକ- ସଭ୍ୟତାଗତ ମୂଲ୍ୟବୋଧରେ ପ୍ରତିଫଳିତ ହୋଇଛି ।

ତେଣୁ ବିଦ୍ୟାର୍ଥମାନେ କିଭଳି ସେମାନଙ୍କର ସାମ୍ବିଧାନିକ କର୍ତ୍ତବ୍ୟକୁ ସଂପାଦନ କରିବ ଏବଂ ସେମାନଙ୍କର ପାଠ୍ୟକ୍ରମରେ ସାମିଲ ହୋଇଥିବା କୋର୍ସ ସହିତ ସମନ୍ୱିତ ହେବା ସହିତ ଏହାର ମୂଲ୍ୟବୋଧକୁ ଉତ୍ତମ ରୂପେ ହୃଦୟଙ୍ଗମ କରିପାରିବେ ତଥା ଦେଶ ପାଇଁ ନିଜର ଅବଦାନ ଦେବା ସହିତ ଏଥି ପାଇଁ ଗୌରବ ଅନୁଭବ କରିବେ ଏ ଦିଗରେ ଉଚ୍ଚତର ଶିକ୍ଷାନୁଷ୍ଠାନମାନେ ବିଶେଷ ଭୂମିକା ନିର୍ବାହ କରିବା ଆବଶ୍ୟକ । ଏହି ଧାରା ଜାରି ରହିଲେ ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ଦିଗରେ ଆଗକୁ ଅଗ୍ରସର ହୋଇପାରିବ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବୈଶ୍ୱିକ ମହାଶକ୍ତି ଭାବରେ ୨୦୪୭ ମସିହା ସୁଦ୍ଧା ମୁଣ୍ଡ ଟେକିପାରିବ ।

ଲେଖକ, ମାମିଦାଲା ଜଗଦେଶ କୁମାର ବିଶ୍ୱବିଦ୍ୟାଳୟ ମଂଜୁରୀ ଆୟୋଗର ଅଧ୍ୟକ୍ଷ ତଥା ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି । (ଏହି ପ୍ରବନ୍ଧରେ ପ୍ରଦତ୍ତ ମତାମତ ଲେଖକଙ୍କର ନିଜସ୍ୱ)

*ଅଧ୍ୟକ୍ଷ, ବିଶ୍ୱବିଦ୍ୟାଳୟ ମଂଜୁରୀ ଆୟୋଗ*

# ଯମପୁରକୁ ରାସ୍ତା

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ରୋମୀୟ ମାନଙ୍କର ବିଶ୍ୱାସ ଯେ ସବୁ ରାସ୍ତା ରୋମକୁ ପଡ଼ିଛି । ଆମର ଶାସ୍ତ୍ର କହୁଛି ଦୃଶ୍ୟା ଦୃଶ୍ୟ ଅନେକ ରାସ୍ତା ଅଛି । ଏ ମଧ୍ୟରୁ ବହୁ ରାସ୍ତା ଉପଯୁକ୍ତ ଜ୍ଞାନ ଉପଦେଶରେ ନ ଚାଲିଲେ ତାହା ଯମପୁର ଆଡୁ ଲମ୍ବି ଯାଇଛି । ଗୁରୁ ଗୁରୁଜନଙ୍କ ତାଡ଼ନା ଉପଦେଶ ଯମପୁରୁ ଯିବା ରାସ୍ତାରୁ ଦୂରେଇ ଦିଏ । ଅନେକ ବାଣୀ ବ୍ୟକ୍ତିଙ୍କୁ ଖଙ୍ଗୁସ ଲାଗେ । ବେପରୁଆ ମାନଙ୍କ ପାଇଁ ରାସ୍ତାରେ ବାଙ୍କ ନାହିଁ, ଛକ ନାହିଁ, ଚିନ୍ତନ ପଡ଼େ । ହେଲେ ସବୁରାସ୍ତାରେ ବାଙ୍କ ଛକ ଅଛି ବୋଲି ଯାନରେ ହେଣ୍ଡଲ ବ୍ରେକ ଟ୍ରାଫିକ ନିୟମ ରହିଛି । ତିନିଜଣ ମଦତି, ମଦ୍ୟପାୟୀ ବ୍ୟକ୍ତି ସବୁଙ୍କର ସଭା ଅଛି । ଅତିକମରେ ତିନିଜଣରେ ସଭାଟିଏ ହୋଇପାରେ । ଦୁଇଜଣରେ କାଣ୍ଡ ଘଟିପାରେ । ବ୍ରାହ୍ମଣ ତ୍ରୟମ୍ ମନା କରାଯାଇଛି ତାର କାରଣ ଏକ ଘଟଣାକୁ ମତାନ୍ତର କଲେ କଳି ଉପୁଜିବାରେ ଲାଗେ । ଦ୍ୱୟ ବା ଚତୁଃ ବା ତତୋଧିକ ବ୍ରାହ୍ମଣରେ ପୂଜା ପାର୍ବଣ ଯଜ୍ଞ ଶ୍ରାଦ୍ଧ ସହଜରେ ହେଉଛି । ସେମିତି ସବୁ ମାଷ୍ଟରରେ ଅପେରା ପାର୍ଟିକେବେ ମଞ୍ଚସ୍ଥ ନାଟକ କେବେ ସର୍ବାଙ୍ଗ ସୁନ୍ଦର ହୋଇନପାରେ । ଅତଏବ ଏ ବିଧାନ ସର୍ବଦା ଅନୁସୃତ ହେବା କଥା ଯୁଆଡ଼ି ନିଶାଡ଼ି ମଦତି ଏମାନେ ଏକ ଗୋଷ୍ଠୀରେ ଆସିଗଲେ କଳି ହୋଇ ସାଂଘାତିକ ଅବସ୍ଥା ଉପୁଜିଥାଏ । ଏକ ନାରୀ ଧନ, ଜମିଜମା ଆଦିରେ ଲୋଭ ହୋଇ ଜିଗିରି ଦୋସ୍ତ ବି ଶତୃତା ପ୍ରାଣ ହାନି ଅବସ୍ଥା ହୋଇଥାଏ । ଏମିତି ତିନିଜଣ ଘୋଡ଼ା ମଦୁଆ ସେ ପୁଣି ଘୋଡ଼ାରେ ଦ୍ୱାରାନ୍ତ ଯାତ୍ରୀ ଯାତ୍ରା ପଥ ଅତିକ୍ରାନ୍ତ କରୁଥିଲେ ଖେୟାଲ ପଶିଗଲା, ଜୀବନ କେତେ ସୁନ୍ଦର ଏ ଜୀବନ ଦିନେ ଚାଲିଯିବ, ଏ ଜୀବନ ହାନିର କାରଣ ହେଉଛନ୍ତି 'ଯମ' ଯଦି ଯମ ଠିକଣା ଖୋଜି ତାଙ୍କୁ ଖତମ କରି ଦିଆଯାଆନ୍ତା । ତେବେ ଜୀବନ ସାରା ଅୟସ କରି କରି କଟାଯାଇ ପାରନ୍ତା । ଯମ ମାରଣ ଅଭିଯାନ ତିନି ମଦ୍ୟପ ଯୁବକ ଘୋଡ଼ାରେ ଆସି ହସ୍ତା ହୋଇ ନିଶାରେ ଚୁର ହୋଇ ଯମ ଖୋଜାରେ ରାଜପଥରେ କଳିକଳା ନାଦ କରି ଧାବିତ ଲୋକ ଏମାନଙ୍କର ରୂପ ହାତର ଅସ୍ତ୍ର ଦେଖି ଦୂରରୁ ବାଟ କାଟୁଛନ୍ତି କିନ୍ତୁ ସମସ୍ତେ ସ୍ୱାଭାବିକ ଗତିରେ ନଥାନ୍ତି ଅତିବୃଦ୍ଧି ଲେଙ୍କଡ଼ା ଅନ୍ଧ ଜଟିଳ ରୋଗୀ ଏମାନେ ସ୍ୱଭାବିକ ଚାଲିବ ସମ୍ଭବ ନୁହଁ । ଏ କିଳିକିଳା ରଡ଼ିକୁ ଘୋଡ଼ା ଝପଟା ବେଗରେ ସେମାନେ ମନ୍ଥର ପାରି ହେବା ବେଳେ ଏମାନଙ୍କ ମୁଣ୍ଡରେ ଆସେ ଦେଖ ଏମାନଙ୍କୁ କପରି ଯମଯନ୍ତ୍ରଣ ଦେଉଛି । ଆମକୁ ଏମିତି କରାଇପାରେ ନା ଆଉ ନୁହଁ ତାର ସବୁ ଦିଗକୁ ଆମର ଆଜ ଦିନଯାତ୍ରା ଚାଲିଛି । ପାର୍ଟି ଚାଲିଛି ରେ ରେ ଯଜମ ଲଲକାର ଚାଲିଛି । ଏମିତି ବେଳେ ଜଣେ ଅତିବୃଦ୍ଧ ବାଡ଼ିଧରି ନଇଁ ନଇଁ ରାସ୍ତା ଅତିକ୍ରମ କଲାବେଳେ ଏ ତିନିଙ୍କର ଦୃଷ୍ଟିରେ ଆସିଗଲେ । ଏମାନେ ଘୋଡ଼ା ଅଟକାଇ ସେ ବୃଦ୍ଧକୁ ପଚାରିଲେ ହେ ବୁଢ଼ା କହତ ଦେଖି ତୁ ଯମକୁ ଦେଖିଛୁ ବୁଢ଼ା ଜାଣିଲା ଏମାନେ ଉଦଭ୍ରାନ୍ତ ମଦ୍ୟପ ଅସ୍ତ୍ରଧାରୀ ଯୁବକ ଏମାନଙ୍କର ସପକ୍ଷ କଥା ନକହିଲେ ପ୍ରାଣ ସଂଶୟ ହୋଇପାରେ, ଅଥଚ ରକ୍ଷା ପାଇବା ପାଇଁ ଏକ ଦୂରପଥର ଠିକଣା କହି ଖସିଯିବା ଭଲ । ବୁଢ଼ା କହିଲେ ମହାଭାଗ ବାବୁମାନେ ମୁଁ ଦେଖି ଆସିଲି ମୋର ପଛପଟ ପଥରେ ବହୁ ଦୂରରେ ଏକ ଆମ୍ବତୋଟା ଅଛି ସେଠାରେ ଯମ ତାଙ୍କର ପାରିଷଦଙ୍କ ସହିତ ବସି କଣ ଆଲୋଚନା କରୁଛନ୍ତି । ହଉରେ ବୁଢ଼ା ଆମେ ଯାଉଛୁ ଯମକୁ ମାରିବାକୁ ତୁ ଏ ଯମର ହାନିରେ ମରଣ ଚିନ୍ତାରୁ ନିଶ୍ଚେ ମୁକ୍ତ ହେବୁ ଆମେ ତେବେ ଆସୁଛି ।

ମାର୍ଗୀ ହେଲେ ମଦ୍ୟପ ତ୍ରୟ ବୃଦ୍ଧ ଦର୍ଶିତ ପଥରେ କିଛି ବାଟ ଯାଇ ଆମ୍ବତୋଟାରେ ପହଞ୍ଚିଲେ । ସେତେବେଳେ ଅଶ୍ୱାରୋହୀ ପୋଲିଶ ଅପରାଧି ନିୟନ୍ତ୍ରଣ ଶାନ୍ତିରକ୍ଷା ପାଇଁ ସେ ଆମ୍ବତୋଟାରେ ଏକ ଡକାୟତି ଗ୍ୟାଙ୍ଗ ଏକାନ୍ତ ମନେକରି ଲୁଣ୍ଠିତ ଧନ ଅଳଙ୍କାର ସୁନା ଗଦାକରି ନିଜ ନିଜ ମଧ୍ୟରେ ବାଣ୍ଟିନେବା ପାଇଁ ମସୁଧା ଚଳାଇବା ପାଇଁ ମସୁଧା କଲାବେଳେ ଘୋଡ଼ା ଟାପୁ ଶବ୍ଦରେ ସେ ସ୍ଥାନ ଛାଡ଼ି ପଳାଇଲେ ମାତ୍ର ଲୁଣ୍ଠିତ ଦ୍ରବ୍ୟ ସେଠାରେ ପଡ଼ିରହିଗଲା । ଏ ମଦ୍ୟପ ବାପୁଡ଼ା ମାନେ ଧନ ଦେଖି ଭେଲ ହେଲେ ଧନକୁ କେମିତି ଭୋଗ କରିବେ ଏଇ ଭାବନାରେ ଆସିଗଲେ । ବେଳକୁ ବେଳ ଧନତୃଷ୍ଣା ବଢ଼ିଲା ତେବେ ଆହୁରି ପାନ କରି ଏ ଧନକୁ ତିନି ଜଣ ବାଣ୍ଟିବା ଭାବନାରେ ଆସିଗଲେ । ପ୍ରଥମେ ଆହୁରୀ କିଛି ପିଇବା ଆବଶ୍ୟକ ଗଡ଼ା ବିଲାତି ମାଲ ପିଇବା ଆବଶ୍ୟକ । ଧୃତ ପଇସାରେ ଏକ ମୋଟ ଭାଗକୁ ଏକ ଜଣ ଅଂଶିଦାରକୁ ଦେଇ ବଜାରରୁ ମାଲ ପାଇଁ ପଠାଇ ଆଉ ଦୁଇଜଣ ଧନ ଜଗି ରହିଲେ । ଯେ ଜଗିରହିଲେ ମୁଣ୍ଡ ଆସିଲା ଏ ଧନ ତିନିଭାଗ ନକରି ଏଇ ଦୁଇଜଣ ନିଜ ଭିତରେ ବାଣ୍ଟିନେଲେ ଅଧିକ ଧନ ଭାଗ ମିଳିଯାଆନ୍ତା । ଅତଏବ ଚିନ୍ତାର ଶେଷ ପରିଣତି ତାଙ୍କର ଶେଷ ପରିଣତି ହେଲା ସେ ମଦ୍ୟ ନେଇ ଆସିଲେ ତିନିପାତ୍ର ପରସ୍ପର ସ୍ପର୍ଶ କରି ପାନ ପରେ ତାକୁ ଖଣ୍ଡା ଭୁଷି ମାରିଦେଇ ଭାଗ ଦ୍ୱିଭାଗ କରି ନେବେ । ଯେ ବଜାର ଯାଇଥିଲା ତା ମୁଣ୍ଡକୁ ଆସିଲା ମୁଁ ଏ ଧନର ଏକା ଅଧିକାରୀ କାହିଁକି ହୋଇପାରିବି ନାହିଁ । ଏ ପାଇଁ ଛଳନାରେ ସେ ଦୁଇଜଣଙ୍କ ମଦରେ ବିଷ ମିଶାଇ ଦେଇ ତାଙ୍କୁ ଅନ୍ତଃ କରିବା ବୁଦ୍ଧି ପ୍ରକଟ ହେଲା । ପର ଅବସ୍ଥାରେ ମଦ୍ୟପାନ କରିବାରେ ବିଷାକ୍ତ ମଦ୍ୟ ପ୍ରକ୍ରିୟାରେ ଦୁଇଜଣ ଖଣ୍ଡା ଭୂଷାରେ ଏକ ଜଣ ସେଠାରେ ଟଳି ପଡ଼ିଥିଲେ । ଅତଏବ ଏମାନେ ଯଥାର୍ଥରେ ସେମାନେ ଯମ ପଥରେ ଆସି ଯମଙ୍କୁ ହିଁ ଭେଟିଥିଲେ । କପଟ ଗୋଷ୍ଠୀ ଜୀବନରେ ଜଣେ କରିଲେ ଅନ୍ୟମାନେ ହିଁ ତାହା କରିବାରୁ କ୍ଷାନ୍ତ ନଥିବେ ଏହା ସବୁବେଳେ ବୁଝିବା ଦରକାର ଏହାହିଁ ଯମ ପଥର ଯାତ୍ରା ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ :
୯୪୩୭୦୩୧୨୫୩

# ମହାଯୋଗୀ ଶ୍ରୀ ଅରବିନ୍ଦ

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

କେବଳ ଭାରତ କାହିଁକି ସମଗ୍ର ବିଶ୍ୱର ଆଧ୍ୟାତ୍ମିକ କ୍ଷେତ୍ରକୁ ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ଯୋଗଦାନ ଅଭୂତପୂର୍ବ । ବେଦ, ଉପନିଷଦ ସମେତ ଭାରତର ବିଭିନ୍ନ ଧର୍ମ ଗ୍ରନ୍ଥ ଅଧ୍ୟୟନ ଏବଂ ସେଗୁଡ଼ିକର ବ୍ୟାଖ୍ୟା କରି ନିଜ ଲେଖା ମାଧ୍ୟମରେ ସେ ଅନେକ କୃତି ଛାଡ଼ି ଯାଇଛନ୍ତି । ଯୋଗସାଧନା ଉପରେ ସେ ମୌଳିକ ଗ୍ରନ୍ଥ ରଚନା କରିଛନ୍ତି । ବିଶ୍ୱ ଦର୍ଶନ ଶାସ୍ତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ସମଗ୍ର ବିଶ୍ୱରେ ମହାଯୋଗୀଙ୍କ ସାଧନାର ବହୁ ଅନୁଗାମୀ ରହିଛନ୍ତି । ଶ୍ରୀଅରବିନ୍ଦଙ୍କ ବାଣୀ ଏବଂ ତାଙ୍କ ଦର୍ଶନ ଯୁଗ ଯୁଗ ଧରି ପ୍ରାସଙ୍ଗିକ ହୋଇ ରହିବ । ଏହି ମହାଗୁରୁ ବିଦେଶରୁ ଶିକ୍ଷା ଲାଭ କରିବା ସହ ସେ ଇଂରାଜୀ, ଜର୍ମାନ୍, ଫ୍ରେଞ୍ଚ, ଇଟାଲି ଆଦି ଭାଷାରେ ନିପୁଣତା ପ୍ରାପ୍ତ କରିଥିଲେ । ସେ ସଫଳତା ପୂର୍ବକ ଆଇସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏତେ ସବୁ ସଫଳତା ହାସଲ କରିବା ପରେ ବ୍ରିଟିଶ ସରକାର ଅଧିନରେ ଚାକିରୀ କରିବା ପରିବର୍ତ୍ତେ ସେ ଦେଶମାତୃକାରେ ସେବାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ୧୮୭୨, ଅଗଷ୍ଟ ୧୫- ସମଗ୍ର ଭାରତବାସୀଙ୍କ ପାଇଁ ଏକ ଗୌରବର ଦିବସ । ଏହି ଦିନ କେବଳ ଭାରତ ସ୍ୱାଧୀନ ହୋଇଥିଲା ତାହା ନୁହେଁ ବରଂ ଭାରତମାତାର ଜଣେ ଯୋଗ୍ୟତମ ସନ୍ତାନର ଏ ଧରା ପୃଷ୍ଠରେ ଆବିର୍ଭାବ ଘଟିଥିଲା । ଏଣୁ ପ୍ରତିବର୍ଷ ଭାରତବାସୀ ପରମ ଶ୍ରଦ୍ଧାରେ ଏକାଧାରରେ ସ୍ମରଣ କରିବେ ଯେ, ଏହି ଦିବସରେ ହୋଇଥିଲା ଭାରତର ସ୍ୱାଧୀନତା ଅଭ୍ୟୁଦୟ ଓ ସ୍ୱାଧୀନତାର ଅଗ୍ରଦୂତ ଶ୍ରୀ ଅରବିନ୍ଦଙ୍କ ଅଭ୍ୟୁଦୟ । ଶ୍ରୀ ଅରବିନ୍ଦ ପିତାମାତା ତାଙ୍କୁ ଆଦରରେ 'ଅରୋ' ବୋଲି ଡାକୁଥିଲେ । ସେ ଥିଲେ ପିତାମାତାଙ୍କର ତୃତୀୟ ସନ୍ତାନ । ତାଙ୍କ ବଡ଼ଭାଇଙ୍କ ନାମ ବିନୟ ଭୂଷଣ ଓ ମନ ମୋହନ । ଶ୍ରୀ ଅରବିନ୍ଦଙ୍କ ଜନ୍ମ ପରେ ଜନ୍ମଗ୍ରହଣ କରିଥିଲେ ଭଉଣୀ ସରୋଜିନୀ ଓ ସାନଭାଇ ବାରୀନ୍ଦ୍ର କୁମାର । ଡ. କୃଷ୍ଣଧନ ଘୋଷ ନିଜ ପିଲାମାନଙ୍କୁ ପାଶ୍ଚାତ୍ୟ ଶୈଳୀରେ ଗଢ଼ି ତୋଳିବାକୁ ଚାହୁଁଥିଲେ । ଅପରପକ୍ଷେ ସ୍ୱର୍ଣ୍ଣଲତା ଦେବୀ ଥିଲେ ଜଣେ ଧର୍ମପରାୟଣା, ଦେଶଭକ୍ତି, ଶିକ୍ଷିତା ନାରୀ । ଉଭୟଙ୍କ ଗୁଣାବଳୀ ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିଥିଲା । କୃଷ୍ଣଧନ ଶ୍ରୀ ଅରବିନ୍ଦଙ୍କ ଲାଳନପାଳନ ଦାୟିତ୍ୱ ଜଣେ ଇଂରେଜ ଧାଇଙ୍କୁ ସମର୍ପି ଦେଲେ । ଅତି ଛୋଟ ବୟସରୁ ସେ ମାତୃସ୍ନେହରୁ ବଞ୍ଚିତ ହେଲେ । ପିଲାଟି ଦିନରୁ ଶ୍ରୀ ଅରବିନ୍ଦ ମାତୃସ୍ନେହ ଓ ମାତୃଭାଷାର ସ୍ୱାଦ ପାଇପାରିନଥିଲେ ବୋଲି ପରବର୍ତ୍ତୀ ସମୟରେ ସେ ଭାରତକୁ ଭଲଭାବେ ଚିହ୍ନି ପାରିଥିଲେ । ତେଣୁ ସେ କହୁଥିଲେ - 'ଭାରତ ଏକ ଜଡ଼ ପଦାର୍ଥ, ମାଟି, କ୍ଷେତ୍ର, ବନ, ପର୍ବତ, ନଦୀକୁ ନେଇ ଗଠିତ ଭୂଗର୍ଭ ନୁହେଁ । ଏ ହେଉଛି ସ୍ୱୟଂ ଜଗଜ୍ଜନନୀ ।

ପାଞ୍ଚବର୍ଷ ବୟସରୁ ଅରୋଙ୍କ ବାଲ୍ୟଶିକ୍ଷା ଆରମ୍ଭ ହେଲା । ପ୍ରଥମେ ସେ ଲୋରେଟୋ କନ୍‌ଭେଣ୍ଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ପ୍ରଥମେ ସେ ଲେରେଟୋ କନ୍‌ଭେଣ୍ଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ସାତବର୍ଷ ବୟସରେ ତାଙ୍କୁ ଦେଶ ଛାଡ଼ି ଯିବାକୁ ପଡ଼ିଲା । ତାଙ୍କ ମାତାଙ୍କ ମସ୍ତିଷ୍କ ରୋଗ ଚିକିତ୍ସା ପାଇଁ ପିତା କୃଷ୍ଣଧନ ସପରିବାର ଯାଇ ମାଞ୍ଚେଷ୍ଟରରେ ରହିଲେ । ସେଠାରେ ଡ୍ରୁଟେ ଦମ୍ପତିଙ୍କ ତତ୍ତ୍ୱାବଧାନରେ ଶ୍ରୀ ଅରବିନ୍ଦଙ୍କ ପାଠପଢ଼ା ଚାଲିଲା । ଏହି ବୟସରୁ ହିଁ ତାଙ୍କ ପ୍ରତିଭାର ବିକାଶ ଘଟିଲା । ତାଙ୍କୁ ଯାହା ଶିକ୍ଷା ଦିଆଯାଉଥିଲା ସେ ସଙ୍ଗେ ସଙ୍ଗେ ସବୁ ଶିଖି ଦେଉଥିଲେ । ଶ୍ରୀ ଅରବିନ୍ଦ ଥିଲେ ଶାନ୍ତ ସ୍ୱଭାବର ଓ ବିଚକ୍ଷଣ ପ୍ରତିଭାର ଅଧିକାରୀ । ମାତ୍ର ଦଶବର୍ଷ ବୟସରୁ ଲାଟିନ୍ ଓ ଇଂରାଜୀ ଭାଷାରେ ସୁନ୍ଦର କବିତା ଲେଖିବାକୁ ଆରମ୍ଭ କଲେ । ଏଗାର ବର୍ଷ ବୟସରେ ସେ ଅନ୍ତରରେ ଅନୁଭୂତି ଲାଭ କଲେ ଯେ ସାରା ଜଗତ ପାଇଁ ତାଙ୍କୁ ଭୂମିକା ଗ୍ରହଣ କରିବାକୁ ପଡ଼ିବ । ତେରବର୍ଷ ବୟସରେ ସେ ଲଣ୍ଡନ ଯାଇ ସେଣ୍ଟ ପଲ୍‌ସ ସ୍କୁଲରେ ଭର୍ତ୍ତି ହେଲେ । ସେଠାରେ ସେ ଗ୍ରୀକ୍ ଓ ଫରାସୀ ଭାଷା ଶିଖିଲେ । ଚଉଦ ବର୍ଷ ବେଳକୁ ସେ ଇଉରୋପରେ ଇଂରାଜୀ, ଲାଟିନ୍, ଗ୍ରୀକ୍, ଫରାସୀ, ଇଟାଲିୟାନ୍, ଜର୍ମାନୀ ଓ ସ୍ପେନି ଏହି ପରି ସାତୋଟି ଭାଷାର ଅଧିକାରୀ ହୋଇ ସାରିଥିଲେ । ଏହି ସମୟରେ ତାଙ୍କୁ ନାନା ଦୁଃଖ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା । ଟଙ୍କା ଅଭାବରୁ ବେଳେ ବେଳେ ସେ ଭୋକ ଉପାସରେ ରହୁଥିଲେ । ଶୀତରେ ଘୋଡ଼େଇ ହେବାପାଇଁ ତାଙ୍କ ନିକଟରେ ଚଦରଟିଏ ନଥିଲା ।

ଶ୍ରୀ ଅରବିନ୍ଦ ଲଣ୍ଡନରେ ରହି ପାଠ ପଢୁଥିବା ସମୟରେ ତାଙ୍କ ପିତା କୃଷ୍ଣଧନ ତାଙ୍କ ଭିତରେ ଦେଶ ପ୍ରେମର ବୀଜପବନ କରିଥିଲେ । ସେ ସମୟରେ ଭାରତୀୟ ମାନଙ୍କ ପ୍ରତି ଇଂରେଜମାନଙ୍କ ଅକଥନୀୟ ଅତ୍ୟାଚାର ବିଷୟରେ ଚିଠି ଲେଖି ଜଣାଉଥିଲେ । ଏସବୁ ପଢ଼ି ଶ୍ରୀ ଅରବିନ୍ଦଙ୍କ ମନରେ ଦେଶପ୍ରେମର ଭାବ ଜାଗ୍ରତ ହେଲା । ଏହାଥିଲା ଦେଶ କାର୍ଯ୍ୟ ପାଇଁ ଆୟମାରମ୍ଭ । ପରାଧୀନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ସେ ତାଙ୍କ ସମଗ୍ର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ପରାଧୀନତାର ରୁକ୍ଷ ମରୁଭୂମିରେ ସ୍ୱାଧୀନତା - ମନ୍ଦାକିନୀର ଆଦ୍ୟ ଧାରା ବୁହାଇଥିଲେ । ସମଗ୍ର ଭାରତବର୍ଷ ଓ ମାନବ ଜାତି ପାଇଁ ତାଙ୍କ ଅବଦାନ ଅତୁଳନୀୟ । ପରବର୍ତ୍ତୀ ସମୟରେ ଏହି ଅସାଧାରଣ ବାଳକ 'ଶ୍ରୀ ଅରବିନ୍ଦ' ନାମରେ ପରିଚିତ ହେଲେ । ସୌଭାଗ୍ୟ ବଶତଃ ତାଙ୍କ ଜନ୍ମ ତିଥିରେ ହିଁ ଭାରତ ସ୍ୱାଧୀନ ହେଲା । ତାଙ୍କ ସମଗ୍ର ଜୀବନ ବିଷୟରେ ବର୍ଣ୍ଣନା କରିବା କିମ୍ବା ଜାଣିବା ଆମର ଜ୍ଞାନର ପରିସୀମା ବାହାରେ; କିନ୍ତୁ ସାଧନା ଓ ଅଧ୍ୟବସାୟ ଥିଲେ ସେହି ମହାପୁରୁଷଙ୍କ ବିଷୟରେ ଜାଣି ପାରିବା । ତାଙ୍କ ଜୀବନ ଆଦର୍ଶକୁ ଗ୍ରହଣ କଲେ ଆମ ଜୀବନ ମଧ ସାର୍ଥକ ହୋଇପାରିବ । ଜୀବନର ଅନ୍ତିମ ସମୟ ସେ ଆଧ୍ୟାତ୍ମିକ ଜୀବନ ଯାପନ କରିଥିଲେ । ପଣ୍ଡିଚେରୀ ଚାଲିଯାଇ ଯୋଗ ସାଧନା, ବେଦ, ଉପନିଷଦ ଅଧ୍ୟୟନ ଏବଂ ଆଲୋଚନାରେ ସମୟ ଅତିବାହିତ କରିଥିଲେ । ୧୯୫୦ ମସିହା ଡିସେମ୍ବର ୫, ରାତ୍ର ୧.୨୦ ମିନିଟ୍ ସମୟରେ ୭୮ ବର୍ଷ ବୟସରେ ମହାଯୋଗୀ ଦେହତ୍ୟାଗ କରିଥିଲେ ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ
ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ,
ବାଲେଶ୍ୱର

## SIDBI Officer Recruitment 2024

The Small Industries Development Bank of India (SIDBI) has given a notification for the recruitment of Officer (Grade A & B) post vacancies. Those candidates who are interested in the vacancy details and fill all the eligibility criteria can read the notification and apply online.
No. of Vacancies: 72
Last Date: 02/12/2024
SIDBI Recruitment 2024 Vacancy Details:
Here are the vacancy details for the Small Industries Development Bank of India (SIDBI) Officer Recruitment 2024
Qualification:

The candidates should have the following educational qualifications for the above post vacancies in the SIDBI Recruitment 2024

Officer (Grade – A) (General): Graduation in Commerce / Economics / Mathematics / Statistics / Business Administration / Engineering with minimum 60% marks (50% for SC / ST / PwBD applicants). OR Company Secretary (CS) / Certified Management Accountant (CMA / ICWA) / Chartered Financial Analyst (CFA) OR Chartered Accountant (CA) OR MBA / PGDM [in Any Discipline (the course must be of full time 2 years)] / from a University / Institution recognized by the University Grant Commission (UGC) / Govt. of India / approved by Govt. regulatory bodies.
Officer (Grade – B) (General): Graduation in any discipline / Equivalent technical or professional qualification with minimum 60% marks (50% for SC / ST / PwBD applicants). OR Post-Graduation in any discipline / Equivalent technical or professional qualification with minimum 55% marks (pass marks for SC / ST / PwBD applicants) in aggregate of all semesters / years.
Officer (Grade – B) (Legal): Bachelor's degree in law from any University / Institution, recognized by the University Grant Commission (UGC) / Govt. of India / approved by Govt. regulatory bodies with a minimum of 50% (45% for SC / ST and PwBD candidates, if vacancies are reserved for them) marks or equivalent in the aggregate of all semesters / years and enrolled as an advocate with the Bar Council of India.
Officer (Grade – B) (IT): Bachelor's degree in engineering / technology in Computer Science / Computer Technology / Information Technology / Electronics / Electronics & Communications from a University / Institution, recognized by the University Grant Commission (UGC) / Govt. of India / approved by Govt. regulatory bodies with 60% marks (SC / ST / PWBD applicants 55%) in aggregate. OR MCA from a University / Institution, recognized by the University Grant Commission (UGC) / Govt. of India / approved by Govt. regulatory bodies with 60% marks (SC / ST / PWBD applicants 55%) in aggregate.
Age Limit:
Candidates should meet the following Age Limit for the SIDBI Recruitment 2024
For Officer (Grade – A) Posts: 21 – 30 Years
The candidate must have been born not earlier than 08/11/1994 and not later than 09/11/2003 (Both dates inclusive)
For Officer (Grade – B) Posts: 21 – 30 Years
The candidate must have been born not earlier than 08/11/1991 and not later than 09/11/1999 (Both dates inclusive)
Age relaxation is applicable as per the rules.
Application Fee:
Candidates have to pay the following application fee for SIDBI Officer Recruitment 2024 for the above post vacancies.
For Unreserved / OBC / EWS Candidates: Rs. 1100/-
For SC / ST / PWBD Candidates: Rs. 175/-
Mode of Payment: Online Gateway.
Important Dates:
Here are the important dates for the above post vacancies in SIDBI Recruitment 2024




# କଷ୍ଟମର ରିଲେସନସିପ୍ ମ୍ୟାନେଜର

**ଜଣେ କଷ୍ଟରମର ରିଲେସନ୍‌ସିପ୍ ମ୍ୟାନେଜର ପାଇଁ ବିଭିନ୍ନ ପ୍ରକାର ଗ୍ରାହକଙ୍କ ସଂଶର୍ସରେ ଆସିବାକୁ ପଡ଼ିଥାଏ । ଏ କ୍ଷେତ୍ରରେ ଅନେକ ଚ୍ୟାଲେଞ୍ଜ ରହିଛି । ଏହାକୁ ସାମ୍ନା କରିବାର ଦକ୍ଷତା ଜଣେ କଷ୍ଟମର ରିଲେସନ ଅଧିକାରୀଙ୍କ ରହିବା ଦରକାର । ଗ୍ରାହକଙ୍କ ଅଭିଯୋଗ ଶୁଣିବା ପାଇଁ ତାଙ୍କ ନିକଟରେ ଧୈର୍ଯ୍ୟ ରହିବା ନିତାନ୍ତ ଜରୁରୀ । ଗ୍ରାହକଙ୍କର ଭୁଲ୍ ଥିଲେ ମଧ ଜଣେ କଷ୍ଟମର ରିଲେସିନ ମ୍ୟାନେଜର ଗ୍ରାହକଙ୍କ ଉପରେ ବିରକ୍ତି ପ୍ରକାଶ କରିରିବେ ନାହିଁ । ଜଣେ ଗ୍ରାହକ ସନ୍ତୁଷ୍ଟ ହୋଇପାରିଲେ କମ୍ପାନୀରେ ଆହୁରି ବହୁ ଗ୍ରାହକ ଯୋଡ଼ି ହୋଇପାରିବେ ।**

କଥାରେ ଅଛି ଗ୍ରାହକ ଈଶ୍ୱର । କେଉଁ ପୁରାକାଳରୁ ଏହି ଢଗ ଚାଲିଆସିଛି । ଆଜି ମଧ ବେପାର ବଣିଜରେ ଗ୍ରାହକଙ୍କୁ ଦେବତା ଭାବେ ଦେଖାଯାଇଥାଏ । ଯେଉଁଠି ଗ୍ରାହକ ସନ୍ତୁଷ୍ଟ ଥାଏ ସେହି ଜିନିଷ ବା ବ୍ୟବସାୟ ବିକଶିତ ହୋଇଥାଏ । କାରଣ ଜଣେ ବି ଅସନ୍ତୁଷ୍ଟ ଗ୍ରାହକ ବହୁ ଗ୍ରାହକଙ୍କ ମନୋଭାବକୁ ବ୍ୟବସାୟ ସଂସ୍ଥା ପ୍ରତି ବିମୁଖ କରିଥାଏ । ସେଥିାଇଁ ସମସ୍ତ ବ୍ୟବସାୟିକ ସଂସ୍ଥା ଗ୍ରାହକ ସନ୍ତୁଷ୍ଟିକୁ ପ୍ରାଥମିକ ଭାବେ ଧ୍ୟାନ ଦେଇଥାନ୍ତି । ଦୀର୍ଘସମୟ ଧରି ଗ୍ରାହକଙ୍କୁ ବାନ୍ଧି ରଖିବାକୁ କମ୍ପାନୀମାନେ ଏବେ କଷ୍ଟମର ରିଲେସନସ୍‌ରେ ମ୍ୟାନେଜମେଣ୍ଟ କରିଥିବା ବ୍ୟକ୍ତିମାନଙ୍କୁ ଚାକିରି ଦେଉଛନ୍ତି । କଷ୍ଟମର ରିଲେସନସ୍ ମ୍ୟାନେଜମେଣ୍ଟ ବ୍ୟବସାୟିକ କାର୍ଯ୍ୟକଳାପରେ ବଡ଼ ଧରଣର ପରିବର୍ତ୍ତନ ଆଣିଦେଇଛି । ବ୍ୟବସାୟ ଆଉ କୌଣସି ଗୋଟିଏ ସହର, ରାଜ୍ୟ ବା ଦେଶରେ ସୀମିତ ରହିନାହିଁ । ସମଗ୍ର ବିଶ୍ୱ ଏବେ ଗୋଟିଏ ବଜାର ଭଳି । ପ୍ରତିଯୋଗିତା ଏବଂ ଗ୍ରାହକ ଅଧିକାରକୁ ନେଇ ସଚେତନତା ଯୋଗୁଁ ବ୍ୟବସାୟ ବା ସେବା କ୍ଷେତ୍ରରେ ବଡ଼ଧରଣର ପରିବର୍ତ୍ତନ ଆସିଛି । ଯଦି ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ଗ୍ରାହକଙ୍କ ସମସ୍ୟା ସମାଧାନ କରିବାରେ ସଫଳ ହୋଇପାରିଲେ ତେବେ ଗ୍ରାହକଙ୍କୁ ବହୁତ ଦିନ ଧରି ବାନ୍ଧି ରଖିବାରେ ସହାୟକ ହୋଇଥାଏ । ଜଣେ କଷ୍ଟରମର ରିଲେସନ୍‌ସ୍ ମ୍ୟାନେଜର ପାଇଁ ବିଭିନ୍ନ ପ୍ରକାର ଗ୍ରାହକଙ୍କ ସଂଶର୍ସରେ ଆସିବାକୁ ପଡ଼ିଥାଏ । ଏ କ୍ଷେତ୍ରରେ ଅନେକ ଚ୍ୟାଲେଞ୍ଜ ରହିଛି । ଏହାକୁ ସାମ୍ନା କରିବାର ଦକ୍ଷତା ଜଣେ କଷ୍ଟମର ରିଲେସନ ଅଧିକାରୀଙ୍କ ରହିବା ଦରକାର । ଗ୍ରାହକଙ୍କ ଅଭିଯୋଗ ଶୁଣିବା ପାଇଁ ତାଙ୍କ ନିକଟରେ ଧୈର୍ଯ୍ୟ ରହିବା ନିତାନ୍ତ ଜରୁରୀ । ଗ୍ରାହକଙ୍କର ଭୁଲ୍ ଥିଲେ ମଧ ଜଣେ କଷ୍ଟମର ରିଲେସିନ ମ୍ୟାନେଜର ଗ୍ରାହକଙ୍କ ଉପରେ ବିରକ୍ତି ପ୍ରକାଶ କରିରିବେ ନାହିଁ । ଜଣେ ଗ୍ରାହକ ସନ୍ତୁଷ୍ଟ ହୋଇପାରିଲେ କମ୍ପାନୀରେ ଆହୁରି ବହୁ ଗ୍ରାହକ ଯୋଡ଼ି ହୋଇପାରିବେ । ଜଣେ କଷ୍ଟମର ରିଲେସନସ୍ ମ୍ୟାନେଜରଙ୍କର ଆକର୍ଷଣୀୟ ବ୍ୟକ୍ତିତ୍ୱ ରହିଥିବା ଦେଖିବାକୁ ମିଳିଥାଏ । ଖୁସ୍‌ମିଜାଜ୍ ଏବଂ ମୁହଁରେ ହସ ରଖି ଜଣକୁ ଆପ୍ରୋଚ୍ କରିବା ଦ୍ୱାରା ଏହା ସମ୍ମୁଖ ବ୍ୟକ୍ତିଙ୍କୁ ଆକର୍ଷିତ କରିଥାଏ । ଜଣେ କଷ୍ଟମର ରିଲେସନସ୍ ପ୍ରଫେସନାଲଙ୍କୁ ଏହା ଉପରେ ଯଥେଷ୍ଟ ଧ୍ୟାନ ଦେବାକୁ ପଡ଼ିଥାଏ । ଜଣେ କଷ୍ଟମର ରିଲେସନ ମ୍ୟାନେଜରଙ୍କର ଆକର୍ଷଣୀୟ କମ୍ୟୁନିକେସନ ଦକ୍ଷତା ଥିବା ଦରକାର । ନିଜ କମ୍ୟୁନିକେସନ ଦକ୍ଷତାକୁ ବିକଶିତ କରିବା ପାଇଁ ଜଣେ କଷ୍ଟମର ମ୍ୟାନେଜରଙ୍କୁ ଉଦ୍ୟମ କରିବାକୁ ପଡ଼ିବ । ଏହା ମାଧ୍ୟମରେ ସେ ଜଣେ ଅସନ୍ତୁଷ୍ଟ କ୍ଲାଏଣ୍ଟଙ୍କୁ ସନ୍ତୁଷ୍ଟ କ୍ଲାଏଣ୍ଟରେ ପରିଣତ କରିରିବେ । ଜଣେ କଷ୍ଟମର ରିଲେସନ ଅଧିକାରୀ ଗ୍ରାହକଙ୍କ ପ୍ରତିଶ୍ରୁତିକୁ ପୂରଣ କରିବାର ଦକ୍ଷତା ଥିବା ଦରକାର । ଜଣେ ଗ୍ରାହକ କମ୍ପାନୀ ପ୍ରତି ସହକରାତ୍ମକ ମନୋଭାବ ସୃଷ୍ଟି କରିବାର ଦାୟିତ୍ୱ ରହିଛି କଷ୍ଟମର ଲିଲେସନ ଅଧିକାରୀଙ୍କ ଉପରେ । ଗ୍ରାହକଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ବଢ଼ାଇବା ଦରକାର । ଯେକୌଣସି ସମୟରେ ଆପଣ ଗ୍ରାହକଙ୍କ ପ୍ରତି ସହଯୋଗ ମନୋଭାବ ପୋଷଣ କରିବା ଦରକାର । ଏହା ସହ ପ୍ରତ୍ୟେକ ଗ୍ରାହକଙ୍କୁ ସମାନ ବ୍ୟବହାର ଦେଖାନ୍ତୁ । ଅପ୍ରୀତିକର ପରିସ୍ଥିତି ସମୟରେ ପଛଘୁଞ୍ଚା ଦିଅନ୍ତୁ ନାହିଁ । ଅନେକ ସମୟରେ ଗ୍ରାହକଙ୍କ ବିରକ୍ତିକର ମନୋଭାବ ପୋଷଣ କରିଥାଏ । ଜଣେ ଗ୍ରାହକଙ୍କ ଭରସା ରଖିବା କଷ୍ଟମର ରିଲେସନ ଅଧିକାରୀଙ୍କ ପାଖରେ ରହିଥିବା ଦରକାର । ଗ୍ରାହକଙ୍କୁ ମିଛ ସୂଚନା ପ୍ରଦାନ କରି ଉତ୍ପାଦ ବା ସେବା ବିକ୍ରି କରିବାଠାରୁ ଜଣେ ଭଲ କଷ୍ଟମର ରିଲେସନ ମ୍ୟାନେଜର ଦୂରେଇ ରହିବା ଦରକାର । ସମ୍ପ୍ରତି ଖୋଲା ବଜାର ଏବଂ ପ୍ରତିଯୋଗିତା ମୂଳକ ବଜାର ମଧ୍ୟରେ ଟେଲିକମ୍‌ଠାରୁ ଆରମ୍ଭ କରି ବ୍ୟାଙ୍କିଙ୍ଗ୍, ବୀମା, ହୋଟେଲ, ଭ୍ରମଣ, ପର୍ଯ୍ୟଟନ, ଖୁଚୁରା ବେପାର, ଇ-କମର୍ସ, ଏଫ୍‌ଏମ୍‌ସିଜି କମ୍ପାନୀମାନେ ସ୍ୱତନ୍ତ୍ର କଷ୍ଟମର ରିଲେସନ ମ୍ୟାନେଜର ନିଯୁକ୍ତି ଦେଇଥାନ୍ତି ।

## GAIL Various Posts Recruitment 2024

Gas Authority of India Limited (GAIL) has given a recruitment notification for the recruitment of Various post vacancies. Those candidates who are interested in the vacancy details and fill all the eligibility criteria can read the notification and apply online.
No. of Vacancies: 261
Last Date: 11/12/2024
Educational Qualification:
Candidates should have the following Educational Qualifications for the above Post Vacancies in GAIL Recruitment 2024
Senior Engineer (Renewable Energy): Bachelor's Degree in Engineering in Chemical / Electrical / Electrical, Electronics & Power / Electrical & Power / Electrical & Electronics / Electronics / Instrumentation / Electronics & Instrumentation / Electrical & Instrumentation / Instrumentation & Control / Mechanical / Production / Production & Industrial / Manufacturing with minimum 65% marks.
Senior Engineer (Boiler Operation): Bachelor's Degree in Engineering in Chemical / Mechanical / Electrical with minimum 60% marks and Certificate of Proficiency as Boiler Operation Engineer.
Senior Engineer (Mechanical): Bachelor's Degree in Engineering in Mechanical / Production / Production & Industrial / Manufacturing / Mechanical & Automobile with minimum 65% Marks.
Senior Engineer (Electrical): Bachelor's Degree in Engineering in Electrical / Electrical, Electronics & Power / Electrical & Electronics / Electrical & Power with minimum 65% marks.
Senior Engineer (Instrumentation): Bachelor's Degree in Engineering in Instrumentation / Instrumentation & Control / Electronics & Instrumentation / Electrical & Instrumentation / Electronics / Electrical & Electronics with minimum 65% marks.
Senior Engineer (Chemical): Bachelor's Degree in Engineering in Chemical / Petrochemical / Chemical Technology / Petrochemical Technology / Chemical Technology & Polymer Science / Chemical Technology & Plastic Technology with minimum 65% marks.
Senior Engineer (GAILTEL TC / TM): Bachelor's Degree in Engineering in Electronics / Electronics & Communication / Electronics & Telecommunication / Telecommunication / Electrical & Electronics / Electrical & Telecommunication with minimum 65% Marks.
Senior Officer (Fire & Safety): Bachelor's Degree in Engineering in Fire / Fire & Safety with minimum 60% Marks. Preference will be given to candidates having one-year Diploma in Industrial Safety from a Central / Regional Labour Institute recognized by Government.
Senior Officer (C&P): Bachelor's Degree in Engineering in Chemical / Mechanical / Production / Electrical / Instrumentation / Information Technology / Computer Science / Electronics / Metallurgy / Civil / Telecommunication with minimum 65% marks.
Senior Engineer (Civil): Bachelor's Degree in Engineering in Civil with minimum 65% marks.
Senior Officer (Marketing): Bachelor's Degree in Engineering with minimum 65% Marks and Two years MBA with specialization in Marketing / Oil & Gas / Petroleum and Energy / Energy and Infrastructure / International Business with minimum 65% Marks.
Senior Officer (F&A): CA / CMA (ICWA) OR B. Com with minimum 60% Marks and Two years MBA with specialization in Finance with minimum 65% Marks. OR Graduation (B.A.) with Honours in Economics with minimum 60% Marks and Two years MBA with specialization in Finance with minimum 65% Marks. OR Graduation (B.A. / B.Sc.) with Honours in Maths with minimum 60% Marks and Two years MBA with specialization in Finance with minimum 65% Marks. OR Graduation (B.A. /B.Sc.) with Honours in Statistics with minimum 60% Marks and Two years MBA with specialization in Finance with minimum 65% Marks. OR Graduate in Engineering i.e. B.E. / B.Tech. with minimum 60% Marks and Two years MBA with specialization in Finance with minimum 65% Marks.
Senior Officer (HR): Bachelor's Degree with minimum 60% Marks and Two years MBA / MSW with specialization in Personnel Management & Industrial Relations / Human Resources Management with minimum 65% Marks. OR Bachelor Degree with minimum 60% Marks and Two years Master Degree / Two years PG Diploma in Personnel Management / Personnel Management & Industrial Relations with minimum 65% Marks.
Senior Officer (Law): Graduate degree in any discipline with minimum 60% marks and Bachelor's Degree in Law (LLB) (minimum 03 years professional course) with minimum 60% marks. OR 05 years Integrated LLB Degree (Professional) with minimum 60% marks.
Senior Officer (Medical Services): MBBS Degree (Qualification should be recognized by Medical Council of India with valid registration with relevant statutory council / body). Desirable: Diploma in specialized field e.g. DGO, DCH etc.

## OSSC Junior Stenographer Recruitment 2024

Odisha Staff Selection Commission (OSSC) has given a notification for the recruitment of Junior Stenographer and Junior Typist post vacancies. Those candidates who are interested in the vacancy details and fill all the eligibility criteria can read the notification and apply online.

No. of Vacancies: 60

Last Date: 12/12/2024

OSSC Junior Stenographer Recruitment 2024 Vacancy Details:

Here are the vacancy details for Odisha Staff Selection Commission (OSSC) Junior Stenographer and Junior Typist Recruitment 2024

| Post Name | No. of Posts | Pay Matrix Level |
|---|---|---|
| Junior Stenographer | 58 | Level-7 of ORSC, 2017 Rs. 25,500/- to Rs. 81,100/- PM |
| Junior Typist | 02 | Level-4 of ORSC, 2017 Rs. 19,900/- to Rs. 63,200/- PM |

Qualification:
The candidates should have the following educational qualifications for the above posts under OSSC Junior Stenographer Recruitment 2024

Junior Stenographer:
The candidates must have passed +2 Arts / Science / Commerce examination conducted by CHSE, Odisha or equivalent examination with basic knowledge in computer application. Minimum speed of 80 words per minute in shorthand both in English and Odia.
Junior Grade Typist:
The candidates must possess Matriculation (10 pass) with typing speed of 40 WPM and knowledge in Computer Application.
Age Limit:
Candidates should meet the following Age Limit for the OSSC Junior Stenographer Recruitment 2024

For Junior Stenographer Post Vacancies: 21 – 38 Years
For Junior Stenographer Post Vacancies Candidate must not have been born earlier than 02/01/1986 and later than 01/01/2003
For Junior Grade Typist Post Vacancies: 18 – 38 Years
For Junior Grade Typist Post Vacancies Candidate must not have been born earlier than 02/01/1986 and not later than 01/01/2006
Age relaxation is applicable as per the rules.
Examination Fee:

Candidates do not have to pay any application fee for the above post vacancies under Odisha Staff Selection Commission (OSSC) Recruitment 2024

Important Dates:

Here are the important dates for the OSSC Junior Stenographer Recruitment 2024

Date of Notification: 06/11/2024
Starting Date for Online Registration: 13/11/2024
Last Date for Online Registration: 12/12/2024
Last Date for Submission of Online Application Form: 15/12/2024
Date of Editing of Online Application Form: 13/11/2024 to 17/12/2024

## ଜୟପୁର ଆଇନ ମହାବିଦ୍ୟାଳୟରେ ସଚେତନତା ଶିବିର

**ଜୟପୁରଃ** ଜିଲ୍ଲା ଆଇନସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଆନୁକୂଲ୍ୟରେ, ଆଜି ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଜୟପୁର ଆଇନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥୀ ଭାବରେ ଜିଲ୍ଲା ଆଇନସେବା ପ୍ରାଧିକରଣ, ଜୟପୁର ସଚିବ ଶ୍ରୀ ସୁମନ ଜେନା ଯୋଗଦେଇଥିଲେ । ଅନ୍ୟ ଅତିଥୀ ଭାବରେ ଜୟପୁର ଆଇନ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ଚିନ୍ତାମଣି ପଣ୍ଡା, ଏବଂ ଆଇନ ମହା ବିଦ୍ୟାଳୟର ଅଧାପକ ଡ଼ଃ. ସୁଜିତ୍ କୁମାର ବିଷୟୀ, ଚକ୍ରଧର ପାଣି ଅନ୍ୟ ଅଧାପକ ବନ୍ଦ ଯୋଗଦେଇ ଉପସ୍ଥିତ ଆଇନ ଛାତ୍ରଛାତ୍ରୀ ମାନଙ୍କୁ ଆଇନଗତ ବିଷୟ ସହିତ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା ଆଇନ ଉବରେ ଆଲୋକପାତ କରିଥୀଲେ । ଏହି ଆଇନରେ ରହିଥିବା ବିଭିନ୍ନ ଦଣ୍ଡବିଧାନ, ସହିତ କଣ ରହିଛି ଏହି ଆଇନ ରେ । ପୋସ ଆକ୍ଟ ବିଷୟରେ ସରକାରୀ କ୍ଷେତ୍ରରେ ବା ବେ ସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀ ମାନଙ୍କୁ ସଚେତନତା କରାଯାଇ ବିଭିନ୍ନ କାର୍ଯ୍ୟାଳୟ ଗୁଡ଼ିକ ରେ ଲୋକାଲ କମିଟି, ଇଂଟରନାଲ କମିଟି, ଗଠନ କରାଯାଇ ପୋସ୍ ଆକ୍ଟ ରେ ଛନ୍ଦି ହୋଇଥିବା ପିଡ଼ିତା ମାନଙ୍କୁ ଉଚ୍ଚିତ ନ୍ୟାୟ ପ୍ରଦାନ କରାଯିବା ଆବଶ୍ୟକତା ରହିଛି ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀ ଜେନା କହିଥିଲେ ।

## ମୋରମ ବୋଝେଇ ୪ ହାଇୱା ଗାଡ଼ି ଜବତ

**ବାରଙ୍ଗ(ମାନିସ):** ବାରଙ୍ଗଥାନା ପୋଲିସ ବୁଧବାରରାତିରେ ବେଆଇନଭାବେ ଚୋରା ଚାଲାଣ ହେଉଥିବା ୪ଟି ମୋରମ ବୋଝେଇ ହାଇୱାକୁ ଗାଡି କୁ ଜବତ କରିଛି । ଜବତ ଗାଡିଗୁଡ଼ିକ ହେଉଛି ଓଡି୦୫ -ବିଡି-୧୪୧୩, ଓଡି୦୫୨ -ଏଏଚ-୪୫୨୫, ଓଡି୦୫-ଏବି-୨୩୫୬,ଓଡି୦୫-ଟି -୬୬୨୫ । ଏହି ଗାଡିଗୁଡ଼ିକ ଗୋଡିସାହି ଅଞ୍ଚଳରୁ ବେଇଆ ଭାବେ ମୋରମ ଉଠାଇ ଚାଲାଣ କରୁଥିଲେ । ବାରଙ୍ଗଥାନା ପୋଲିସ ଓ ଗୋଡିସାହିଫାଣ୍ଡି ପୋଲିସ ବୁଧବାର ରାତିରେ ବ୍ଲକିଙ୍ଗ କରୁଥିବା ବେଳେ ଦୃତଗତିରେ ଆସୁଥିବା ଏହି ୪ଟି ହଇୱାକୁ ରୋକିବା ପରେ ସେମାନେ ମୋରମ ପରିବହନ କରିବାର ବୈଧ କାଗଜପତ୍ର ଦେଖାଇ ପାରିନଥିଲେ । ଯାହାଫଳରେ ଗାଡିଗୁଡ଼ିକୁ ଜବତ କରି ଖଣିବିଭାଗକୁ ସୂଚନା ଦେଇଛି ପୋଲିସ ।




## ଫୁଲବାଣୀକୁ ରେଳପଥ ସଂଯୋଗ ଦାବିରେ ୨ରେ ଗଣ ଧାରଣା

**କନ୍ଧମାଳ:** ଗୁରୁବାର କନ୍ଧମାଳ ଜିଲ୍ଲା ମିଳିତ ନାଗରିକ କମିଟି ପକ୍ଷରୁ ସ୍ଥାନୀୟ ବନାନୀ କଳା ସଙ୍ଗମ ଠାରେ ସଭାପତି ଡ଼ଃ ଅରୂପଜେନାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ସମ୍ପାଦକ ଅଶୋକ ପରିଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ସମାଜସେବୀ କମଳାକାନ୍ତ ପାଣ୍ଡେ,, ଆଇନଜୀବୀ ବିଜୟ ପଟ୍ଟନାୟକ, ସତ୍ୟପ୍ରିୟ ମହାନ୍ତି, ବଣିକ ସଙ୍ଘ ସଭାପତି ଅଶୋକ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକ , ସନ୍ତୋଷ ଡିଗାଲ, ପ୍ରମୋଦ ସାହୁ, ଉମେଶ ପାତ୍ର, ବରିଷ୍ଠ ନାଗରିକ ସଙ୍ଘ ସମ୍ପାଦକ ପ୍ରଣବ ମଣ୍ଡଳ, କୃଷ୍ଣ ଚନ୍ଦ୍ର ମିଶ୍ର, ବ୍ରଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସୁଚିନ୍ତିତ ମତ ଦେଇଥିଲେ । ଫୁଲବାଣୀକୁ ରେଳପଥ ସଂଯୋଗ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିବା ସହ ଆଗାମୀ ୨ ତାରିଖ ରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିନିକିଆ ଗଣ ଧାରଣା ଦେବାପାଇଁ ନିଷ୍ପତି ନିଆଯାଇଥିଲା । ସେହିପରି ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କିତ ଆଲୋଚନା ପାଇଁ ସିଡ଼ିଏମଓଙ୍କ ସହ ଆଲୋଚନା କରାଯିବ ଏ ଥିସହ ବର୍ଦ୍ଧିତ ହୋଲଡିଂ ଟାକ୍ସ ସମ୍ପର୍କରେ ଆଲୋଚନା ହୋଇଥିଲା ।

# ଚୋରି କରିବା ପରେ ଦୋକାନରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

**ସୋରଃ** ଦୋକାନରୁ ଚୋରି କରିବା ପରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ । ଗୁରୁବାର ବିଳମ୍ବିତ ରାତିରେ ସୋର ବ୍ଲକ ଶିଙ୍ଗାଖୁଣ୍ଟା ବଜାରରେ ଥିବା ଏକ ଗ୍ରୋସେରୀ ଦୋକାନରୁ ଦୁର୍ବୃତ୍ତମାନେ ଚୋରି କରିବା ପରେ ଦୋକାନରେ ନିଆଁ ଲଗାଇ ଦେଇଛନ୍ତି । ଫଳରେ ଲକ୍ଷାଧିକ ଟଙ୍କାର ଜିନିଷପତ୍ର ଜଳିପୋଡ଼ି ଛାରଖାର ହୋଇଯାଇଛି ।

**ଜଳିପୋଡ଼ି ପାଉଁଶ ହୋଇଗଲା ଲକ୍ଷାଧିକ ଟଙ୍କାର ଜିନିଷ**

ସୂଚନାନୁଯାୟୀ, ସୋର ବ୍ଲକ ଶିଙ୍ଗାଖୁଣ୍ଟା ବଜାରରେ ଉପେନ୍ଦ୍ର ଦୀକ୍ଷିତଙ୍କ ଗ୍ରୋସେରୀ ଦୋକାନ ଅଛି । ଗତକାଲି ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଦୋକାନର ସଟରକୁ ଗ୍ୟାସ କଟରରେ କାଟି ଚୋରି କରିଥିଲେ । ଏହାପରେ ଦୋକାନରେ ନିଆଁ ଲଗାଇଦେଇଥିଲେ । ଫଳରେ ଗ୍ରୋସେରୀ ଦୋକାନ ସହ ନିକଟରେ ଥିବା ଏକ ଇଲେକ୍ଟ୍ରିକ ଦୋକାନରେ ନିଆଁ ଲାଗି ଯାଇଥିଲା । ଖବର ପାଇ ସୋରରୁ ଦୁଇଟି ଦମକଳ ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ତେବେ ଦୁଇ ଦୋକାନ ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଛି ।



ସୂଚନାଯୋଗ୍ୟ, ଗତ ୨୨ ତାରିଖରେ ଉପେନ୍ଦ୍ର ଦୋକାନ ବନ୍ଦ କରି ରାତିରେ ଘରକୁ ଯାଉଥିବା ବେଳେ ଚାରି ଜଣ ଯୁବକ ଦୁଇଟି ବାଇକରେ ଆସି ଭୁଜାଲିରେ ଆକ୍ରମଣ କରି ତାଙ୍କ ମୋବାଇଲ ଏବଂ ନଗଦ ଟଙ୍କା ଲୁଟି ନେଇଥିଲେ । ଏ ବାବଦରେ ଉପେନ୍ଦ୍ର ସୋର ଥାନାରେ ଅଭିଯୋଗ କରିଥିଲେ । କିନ୍ତୁ ପୁଲିସ କିଛି କାର୍ଯ୍ୟାନୁଷ୍ଠାନ ନନେବାରୁ ଦୁର୍ବୃତ୍ତମାନେ ତାଙ୍କ ଦୋକାନଟିକୁ ଜାଳି ଦେଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ।

## ବି.ଏସ ଫିଟନେସର ପ୍ରଥମ ବାର୍ଷିକ ଉତ୍ସବ

**ବଲାଙ୍ଗିରଃ** ବଲାଙ୍ଗିର ବି.ଏସ ଫିଟନେସର ପ୍ରଥମ ବାର୍ଷିକ ଉତ୍ସବ ସ୍ଥାନୀୟ ବି.ଏସ ଫିଟନେସ ପରିସରରେ ଅତି ଆନନ୍ଦଉତ୍ସବରେ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ । ବି.ଏସ ଫିଟନେସର ନିର୍ଦ୍ଦେଶିକା ସୁଶ୍ରୀ ସ୍ୱାତିରାଣୀ ପଟ୍ଟନାୟକ ସଭାପତିତ୍ୱ କରିବା ସହ ବଲାଙ୍ଗିର ସହରର ଏକ ମାତ୍ର ନିର୍ଭରଶୀଳ ଓ ସୁରକ୍ଷିତ ମହିଳା ଜିମ ବି.ଏସ ଫିଟନେସ ମହିଳା ତଥା ଯୁବତୀମାନଙ୍କ ମାନସିକ ତଥା ଶାରୀରିକ ସାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ବିଶେଷ ପ୍ରୟାସ କରିଥାଏ ଏବଂ ଏଥିପାଇଁ ଏଠାରେ କିଶୋରୀ ଠାରୁ ବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ ବ୍ୟାୟାମ, ଜୁମ୍ବା, ଏରୋବିକ ତଥା ଯୋଗାଭ୍ୟାସ କରିଥାନ୍ତି ବୋଲି ପ୍ରକାଶ କରିଥିଲେ । ସଭାକୁ ବୁଲବୁଲ ଅଗ୍ରୱାଲ ଓ କ୍ରିଷ୍ଟା ଭଟ୍ଟାଚାର୍ଯ୍ୟ ସଂଯୋଜନା କରିଥିଲେ । ପୌରାଧକ୍ଷା ଲିକା ସାହୁ ବି.ଏସ ଫିଟନେସର ପ୍ରୟାସକୁ ଭୁୟସୀ ପ୍ରଂଶସା କରିବା ସହ ଏହାର ସ୍ୱାତିଧିକାରୀ ସ୍ୱାତି ପଟ୍ଟନାୟକ ଜଣେ ଜାତୀୟ ସ୍ତରୀୟ ମହିଳା କ୍ରିକେଟ ତାରକା ଏହି ଅନୁଷ୍ଠାନକୁ ସୁଚାରୁରୂପେ ପରିଚାଳନା କରୁଥିବାରୁ ତାଙ୍କୁ ସାଧୁବାଦ ଜଣାଇଥିଲେ । ଗରିବ ସ୍ତରୀୟ ମହିଳାମାନଙ୍କୁ ବିନା ଶୁଳ୍କରେ ଯୋଗାଭ୍ୟାସ ଓ ଶାରୀରିକ ବ୍ୟାୟାମ ଯୋଗାଇଦେବାକୁ ନିର୍ଦ୍ଦେଶିକା ସ୍ୱାତି ପଟ୍ଟନାୟକ ଘୋଷଣା କରିଥିଲେ ।

## ଥାନା ପାଖ ଦୋକାନରୁ ଚୋରି

**ବାରଙ୍ଗ (ମାନିସ):** ବୁଧବାର ବିଳମ୍ବିତ ରାତିରେ ବାରଙ୍ଗଥାନା ନିକଟରେ ଥିବା ଏକ ଭେରାଇଟ ଦୋକାନର ତାଲାଭାଙ୍ଗି ଚୋରି ହୋଇଥିବାର ଗୁରୁବାର ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି ।ଡେଲ୍ଟା କଲୋନୀର ଚିତ୍ତରଞ୍ଜନ ସାହୁ ନାମକ ଯୁବକ ଥାନା ପାଖରେ ଭେରାଇଟ ଦୋକାନ କରିଛନ୍ତି । ସବୁଦିନ ଭଳି ବୁଧବାର ରାତିରେ ସେ ଦୋକାନ ବନ୍ଦକରି ଘରକୁ ଯାଇଥିଲେ ।ଗୁରୁବାର ସକାଳେ ଦୋକାନ ଖୋଲିବାକୁ ଆସିଥିବା ବେଳେ ଦୋକାନର ତାଲା ଭଙ୍ଗାଜାଇ ଦୋକାନ ଭିତରୁ ପ୍ରାୟ ୩୦ହଜାରେ ଟଙ୍କା ବହୁ ମୂଲ୍ୟର ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବାର ଦେଖିବାକୁ ପାଇଥିଲେ ।ସବୁଠାରୁ ବଡକଥା ହେଲା ବୁଧବାର ରାତିରେ ପୋଲିସ ଥାନା ଆଗରେ ବର୍କିଂ କରିଥିଲେ ମଧ ଥାନା ପାଖରୁ ଚୋରି ହେବା ଘଟଣା ଚୋରମାନେ ପୋଲିସକୁ ଖୋଲା ଚାଲେଞ୍ଜ ଦେଇଥିବାର ଜଣାପଡିଛି ।

# ବାତ୍ୟା 'ଫେଙ୍ଗଲ' ପ୍ରଭାବରେ ରାଜଧାନୀରେ ଝିପି ଝିପି ବର୍ଷା

**ଭୁବନେଶ୍ୱରଃ** ବାତ୍ୟା 'ଫେଙ୍ଗଲ' ପ୍ରଭାବରେ ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲାରେ ଝିପିଝିପି ବର୍ଷା ଲାଗି ରହିଛି । ହାଲୁକାରୁ ମଧ୍ୟମଧରଣର ବର୍ଷା ନେଇ ଆଜି ୧୨ ଜିଲ୍ଲାକୁ ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଆଜି ସକାଳେ ଭୁନେଶ୍ୱର. କଟକ, ପୁରୀ, ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରିଓ ରାୟଗଡ଼ା ଜିଲ୍ଲାରେ ପାଗ କୋହଲା ଥିଲା । ପରେ କିଛି କିଛି ଜିଲ୍ଲାରେ ସଳ୍ପ ବର୍ଷା ହୋଇଛି । ଅନ୍ୟପକ୍ଷରେ ହାଲୁକାରୁ ମଧ୍ୟମଧରଣର ବର୍ଷା ନେଇ ୩ ଘଣ୍ଟା ପାଇଁ ଆଜି ୧୨ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହି ଜିଲ୍ଲା ଗୁଡ଼ିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର,ଢେଙ୍କାନାଳ, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି ଓ ଗଞ୍ଜାମ ।



ବାତ୍ୟା 'ଫେଙ୍ଗଲ' ପ୍ରଭାବରେ ତାମିଲନାଡୁ ଓ ପୁଡୁଚେରୀ ଉପକୂଳରେ ପ୍ରବଳ ବର୍ଷା ହେବା ସହ ପବନ ହେଉଛି । ତାମିଲନାଡୁର କୁଡାଲୋର, କରାଇକାଲ, ଆଥିରାମପାଟ୍ଟିନମ୍, ପାରଙ୍ଗିପେଟ୍ଟାଇ, ମୀନାମ୍ବକମ୍ ସମେତ ତାମିଲନାଡୁର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ହେଉଛି । ଆସନ୍ତାକାଲି କାଲି ତାମିଲନାଡୁ-ଆନ୍ଧ୍ର ମଝିରେ ଲ୍ୟାଣ୍ଡଫଲ୍ କରିବ 'ଫେଙ୍ଗଲ' । ଏହା ପ୍ରଭାବରେ ତାମିଲନାଡୁ-ଆନ୍ଧ୍ରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ହେଲେ ବାତ୍ୟା 'ଫେଙ୍ଗଲ' ପ୍ରଭାବ ଓଡ଼ିଶା ଉପରେ ବିଶେଷ ଭାବରେ ପଡ଼ିବ ନାହିଁ । ବାତ୍ୟା 'ଫେଙ୍ଗଲ' ପ୍ରଭାବରେ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ଝିପି ଝିପି ବର୍ଷାରେ ହେବାର ସମ୍ଭାବନା ରଥିବା ପୂର୍ବାନୂମାନ କରିଛି ପାଣିପାଗ କେନ୍ଦ୍ର ।

# କାର୍ ହେଡ୍‌ଲାଇଟ୍‌ରେ ହେଉଥିଲା ଗଞ୍ଜେଇ ଚାଲାଣ



**ସମ୍ବଲପୁରଃ** ଗଞ୍ଜେଇ ମାଫିଆଙ୍କ ବୁଦ୍ଧି ମାନିବାକୁ ପଡ଼ିବ । କାର ହେଡ୍ ଲାଇଟ୍‌ରେ ଗଞ୍ଜେଇ ଭର୍ତ୍ତି କରି ଚାଲାଣ କରୁଥିଲେ । ଏପରି ଅଭିଯୋଗ ସମ୍ବଲପୁରରୁ ଆସିଛି । ଅବକାରୀ କାର୍ ସମେତ ଗଞ୍ଜେଇ ଜବତ କରିବା ସହିତ ୪ ଜଣଙ୍କୁ ଗିରଫ କରିଛି ।

ସମ୍ବଲପୁର ଜିଲ୍ଲା ଅବକାରୀ ମୋବାଇଲ ଟିମ୍ ଓ ରେଢାଖୋଲ ଅବକାରୀ ବିଭାଗ ମିଳିତ ଭାବେ କକଳାଇତ ପଞ୍ଚାୟତ ବଶିପାଲି ଓ ପଣ୍ଡକିମାଳ ଛକରେ ଗାଡ଼ି ଯାଞ୍ଚ କରୁଥିଲା । ସେହି ସମୟରେ ପର୍ଯ୍ୟାୟ କ୍ରମେ ୩ଟି କାର୍‌କୁ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ବେଳେ ପ୍ରଥମେ କାର୍‌ରୁ କିଛି ମିଳିନଥିଲା । ପରବର୍ତ୍ତୀ ସମୟରେ କାର୍‌କୁ ତନ୍ନତନ୍ନ କରି ଆଉଥରେ ଯାଞ୍ଚ କରାଯାଇଥିଲା । ସେତେବେଳେ କାର ହେଡ୍ ଲାଇଟ୍ ଓ ଡିକି ତଳେ ଗଞ୍ଜେଇ ଥିବା ଅବକାରୀ ବିଭାଗ ଜାଣିବାକୁ ପାଇଥିଲା । ପରେ କାର୍ ଲାଇଟ୍ ଖୋଲି ଗଞ୍ଜେଇ ଜବତ କରାଯାଇଥିଲା ।

ଠିକ୍ କାର୍ ଡିକିରୁ ମଧ୍ୟ ଗଞ୍ଜେଇ ଜବତ କରାଯାଇଥିଲା । ୩ଟି କାରରୁ ପ୍ରାୟ ୩୦ କେଜି ଗଞ୍ଜେଇ ଜବତ କରାଯାଇଛି । ଏଥିସହ ୩ଟି କାର ଓ ଜଣେ ଡ୍ରାଇଭରଙ୍କଠାରୁ ୪୦ ହଜାର ୭୦୦ ଟଙ୍କା ଜବତ କରିଛି ଅବକାରୀ ବିଭାଗ । ଗଞ୍ଜେଇ ଚାଲଣ ଅଭିଯୋଗରେ ଅବକାରୀ ବିଭାଗ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ଭିତରେ ବୌଦ୍ଧ ଜିଲ୍ଲାର ଡୋଳାମଣି ବେହେରା, ଶତ୍ରୁଘ୍ନ ମଣ୍ଡାଳି, ଦୟାନିଧି ଖଣ୍ଡଗିରି ଓ ଅନ୍ୟ ଜଣେ ପଶ୍ଚିମବଙ୍ଗର ଆଜାଦ୍ ଅଲ୍ଲୀ ମଲ୍ଲିକ ଅଛନ୍ତି ।

# ଶୀତରେ ଥରୁଛି ଶିମିଳିପାଳ, ୫ ଡିଗ୍ରୀକୁ ଖସିଲା ପାରଦ

**କରଞ୍ଜିଆ:** ଖସୁଛି ପାରଦ ବଢୁଛି ଶୀତ । ହାଡ଼ଭଙ୍ଗା ଶୀତରେ ଥରୁଛି ଶିମିଳିପାଳ । ଘନ କୁହୁଡ଼ି ସାଙ୍ଗକୁ ଶୀତର ଲହରୀ ଜାରି । ୫ ଡିଗ୍ରୀକୁ ଖସିଲା ପାରଦ । ଶିମିଳିପାଳ ଅଭୟାରଣ୍ୟର ଉପରବାରାକାମୁଡା ଠାରେ ସର୍ବନିମ୍ନ ୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ସେହିପରି ଶିମିଳିପାଳ ପାଦଦେଶରେ ଅବସ୍ଥିତ ଯଶିପୁର, ଠାକୁରମୁଣ୍ଡା, କରଞ୍ଜିଆ, ରରୁଆଁ ଓ ସୁକ୍ରୁଳୀ ଅଞ୍ଚଳରେ ଘନକୁହୁଡ଼ି ସାଙ୍ଗକୁ ଶୀତର ପ୍ରକୋପ ବୃଦ୍ଧି ପାଇଛି ।

**ଅଧିକ କୁହୁଡି କାରଣରୁ ଯାତାୟତରେ ବାଧା ସୃଷ୍ଟି**

ଶୀତ ବଢିବା କାରଣରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ବୟସ୍କ ଲୋକ ମାନଙ୍କୁ ହାଡ ଭଙ୍ଗା ଶୀତ କଷ୍ଟ ଦେଉଛି । ଅଧିକ କୁହୁଡି କାରଣରୁ ଯାତାୟତରେ ବାଧା ସୃଷ୍ଟି ହେଉଛି । ଲୋକେ ଗାଡ଼ିର ଲାଇଟ ଲଗାଇ ଯାନବାହନ ଚଳାଚଳ କରୁଛନ୍ତି । ଶୀତ କାରଣରୁ ଅନେକ ସ୍ଥାନରେ ଲୋକେ ନିଆଁ ଜାଳି ବସୁଥିବାର ଦେଖିବାକୁ ମିଳିଛି । ଚା ଦୋକାନ ଗୁଡ଼ିକରେ ଶିତୁଆ ସକାଳରେ ଲୋକଙ୍କ ଭିଡ ଜମୁଛି । ଗରମ ଗରମ ଚାର ମଜା ନେଇ ପରସ୍ପର ମଧ୍ୟରେ କଥାବାର୍ତ୍ତା କରୁଛନ୍ତି ଲୋକେ ।

ଚଳିତ ବର୍ଷ ଶୀତ ଲୁଚକାଳି ଖେଳ ଖେଳୁଛି । କିଛି ଦିନର ବ୍ୟବଧାନରେ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି । ଗତ ଦୁଇ ସପ୍ତାହ ହେଲା ପାରଦ ତଳ ମୁହାଁ ହେବା ସହ ଓଡ଼ିଶାର ଦାର୍ଜିଲିଂ କୁହାଯାଉଥିବା ଘୁମୁସର ଉଦୟଗିରି ଅଞ୍ଚଳରେ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି । ହାଡ଼ଭଙ୍ଗା ଶୀତ ସହ ସକାଳ ଆଠଟା ପର୍ଯ୍ୟନ୍ତ ଘନ କୁହୁଡ଼ି ସାଙ୍ଗକୁ ସ୍ଥାନୀୟ ଅଞ୍ଚଳରେ ତୁଷାରପାତ ଦେଖିବାକୁ ମିଳିଛି । ଏହି ଅଞ୍ଚଳରେ ଏବେ ତୁଷାରପାତ



ଜାରି ରହିଛି । ଶୀତ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଉଛି । ଆଗାମୀ ଦିନରେ ଶୀତ ଆହୁରି ବଢ଼ିବାର ଆଶଙ୍କା ରହୁଛି ।

ସ୍ଥାନୀୟ ଅଞ୍ଚଳର ଗ୍ରାମାଞ୍ଚଳରେ ଥଣ୍ଡାର ପ୍ରକୋପ ଅଧିକ ରହୁଥିବା ବେଳେ ଜଙ୍ଗଲ ପାହାଡ଼ ଘେରା ଏହି ଅଞ୍ଚଳରେ ଶୀତ ଯୋଗୁଁ ପର୍ଯ୍ୟଟକଙ୍କ ଭିଡ଼ ଲାଗୁଛି । ଘନ କୁହୁଡ଼ି ଯୋଗୁଁ ରାସ୍ତାରେ ଯାତାୟତ କରୁଥିବା ଗାଡିମଟର ଗୁଡ଼ିକ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ବ୍ଲକ ଅନ୍ତର୍ଗତ କଳିଙ୍ଗା, ମଳିକାପୋଡ଼ି, ସିର୍କି, ମୁକୁଲିଙ୍ଗିଆ, ଲିଙ୍ଗାଗଡ଼, ରାଇକଳା, ରଟିଙ୍ଗିଆ, କଟିଙ୍ଗିଆ ପଞ୍ଚାୟତର ଦୁର୍ଗମ ଅଞ୍ଚଳରେ ତୁଷାରପାତ ହେବା ସହ ପ୍ରବଳ ଶୀତ ଲହରୀ ଜାରି ରହିଛି । ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ଲଗେଇ ବସିରହୁଥିବା ଦେଖିବାକୁ ମିଳିଛି ।

ସ୍ଥାନୀୟ ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ସମ୍ପ୍ରସାରଣ କେନ୍ଦ୍ର ସୂଚନାନୁସାରେ ଗତ ଦୁଇ ସପ୍ତାହ ହେଲା ଲଗାତାର ପାରଦ ଖସିବାରେ ଲାଗିଛି । ଗତକାଲି ୮.୪ଡିଗ୍ରି ଥିବା ବେଳେ ଆଜି ପୁଣି ଖସି ୬.୨ଡିଗ୍ରି ରେକର୍ଡ କରାଯାଇଛି । ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ଶୀତଲହରି ଜାରି ରହିବା ସହ ଘନ କୁହୁଡି ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛନ୍ତି । ପ୍ରବଳ ଶୀତ ଜାଡ଼ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଛି । ହାତଗୋଡ଼ କାଲ ମାରିବା ସହ ପାଣି ଜାଡ଼ି ଯାଉଛି । ନିଆଁକୁ ଗରମ ପାଣି ଭରସାରେ ଚାଲିଛି ଜୀବନ ।

## କେନ୍ଦ୍ରାପଡ଼ା ଜିଲ୍ଲାପାଳ ଅଫିସ ସମ୍ମୁଖରେ ଶ୍ରମିକ-କୃଷକ ଚେତାବନୀ ସମାବେଶ

**କେନ୍ଦ୍ରାପଡ଼ାଃ** କେନ୍ଦ୍ରୀୟ ଟ୍ରେଡ ୟୁନିୟନ ସମୂହ ଏବଂ ସଂଯୁକ୍ତ କିଶାନ ମୋର୍ଚ୍ଚା ଓ ସାଧୀନ ଫେଡରେସନ ସମୂହର ମିଳିତ ମଂଚ କେନ୍ଦ୍ରାପଡା ଜିଲ୍ଲା ପକ୍ଷରୁ ୧୨ ଦଫା ଦାବି ଗୁଡ଼ିକ ନେଇ ସର୍ବଭାରତୀୟ ଡ଼ାକରାରେ ମଙ୍ଗଳବାର ଦିନ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଅଫିସି ସମ୍ମୁଖରେ ଚେତାବନୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ଫସଲ ପାଇଁ ଆଇନଗତ ଭାବେ ସୁନିଶ୍ଚିତ କ୍ରୟ ବ୍ୟବସ୍ଥା ସହ ସମସ୍ତ ଫସଲ ପାଇଁ ସି-୨ ଯୁକ୍ତ ଏହାର ୫୦ ଶତାଂଶ ହାରରେ ସର୍ବନିମ୍ନ ସାହାୟକ ମୂଲ୍ୟ ପ୍ରଦାନ କରିବା କାର୍ଯ୍ୟକାରୀ କରାଯାଉ । ୪ଟି ଶ୍ରମ କୋଡ୍ ଉଚ୍ଛେଦ କରାଯାଉ, ଶ୍ରମର ଆଉଟସୋର୍ସିଂ ନିଯୁକ୍ତି ଓ ଠିକା-କରଣ (ଚୁକ୍ତିଭିତିକ ଚାକିରି ପ୍ରଦାନ) ବନ୍ଦ କରାଯାଉ, ଏବଂ ସମସ୍ତଙ୍କ ପାଇଁ ରୋଜଗାର ସୁନିଶ୍ଚିତ କରାଯାଉ । ସଂଗଠିତ, ଅସଂଗଠିତ ଓ କୃଷି କ୍ଷେତ୍ରର ସମସ୍ତ ଶ୍ରମିକଙ୍କ ପାଇଁ ଜାତୀୟ ସର୍ବନିମ୍ନ ମଜୁରୀ ମାସିକ ୨୬,୦୦୦ ଟଙ୍କା ଏବଂ ସାମାଜିକ ସୁରକ୍ଷା କାର୍ଯ୍ୟକାରୀ କରାଯାଉ । କୃଷକ ଓ କୃଷି ଶ୍ରମିକମାନଙ୍କୁ ଋଣବୋଝରୁ ମୁକ୍ତ କରିବା ପାଇଁ , ଏବଂ ଚାଷୀ ଆତ୍ମହତ୍ୟାକୁ ବନ୍ଦ କରିବା ପାଇଁ ବ୍ୟାପକ ଋଣ ଛାଡ଼ କରାଯାଉ । ନ୍ୟାସନାଲ ମନିଟାଇଜେସନ୍ ପାଇପଲାଇନ୍(ଏନ୍ ଏମ୍ ପି)କୁ ରଦ୍ଦ କରାଯାଉ - ରାଷ୍ଟ୍ରାୟତ ଉଦ୍ୟୋଗ ଏବଂ ସାସ୍ଥ୍ୟ, ଶିକ୍ଷା, ବିଦ୍ୟୁତ୍ ଶକ୍ତି ଯୋଗାଣ ଇତ୍ୟାଦି ସାର୍ବଜନୀନ ସେବାର ଘରୋଇକରଣ ବନ୍ଦ କର- ପ୍ରିପେଡ୍ ସ୍ମାର୍ଟ ମିଟର ଲଗାଇବା ବନ୍ଦ କର,କୃଷି ପମ୍ପ ପାଇଁ ମାଗଣା ବିଜୁଳି, ଘରୋଇ ଉପଭୋକ୍ତା ଏବଂ ଦୋକାନଗୁଡ଼ିକୁ ୩୦୦ ୟୁନିଟ୍ ମାଗଣା ବିଜୁଳି ପ୍ରଦାନ ଆଦି ଦାବି ଗୁଡିକ ରହିଛି । ଏହି ସମାବେଶରେ ବିଶିଷ୍ଟ ଶିକ୍ଷକ ନେତା ଅଜୟ ଜଗତଯିବନ ଦାଶ, ଆଦିକନ୍ଦ ରାଉଳ, ଫକୀର ଖଟୁଆଙ୍କ ସେମତ ରାଷ୍ଟ୍ରପତିଙ୍କ ଉଦ୍ୟେସ୍ୟରେ ଦାବିପତ୍ରକୁ ଅତିରିକ୍ତ ଉପଜିଲ୍ଲାପାଳ ଡ଼ଃ ଅଶୋକ ଦାଶଙ୍କୁ ସଭା ସ୍ଥଳରେ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକାନ୍ତ ପରିଡ଼ା, ଦୋଳଗୋବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

**ଚିଲିକା ପାଇଁ ସତର୍କ ଘଣ୍ଟି**

# ବର୍ଷକୁ ଜମା ହେଉଛି ୧୦ ଲକ୍ଷ ଟନ୍ ପଟୁ

- ନଦୀରେ ଆସି ହ୍ରଦରେ ମିଶୁଛି
- ପଙ୍କ ଉଦ୍ଧାରରେ ୩ ବର୍ଷରେ ଖର୍ଚ୍ଚ ହେଲାଣି ୭ କୋଟି

**ଖୋର୍ଦ୍ଧାଃ** ଚିଲିକାକୁ ବିପଦ ପଟୁ ମାଟି । ଏସିଆ ମହାଦେଶର ସର୍ବବୃହତ୍ ଲବଣାକ୍ତ ହ୍ରଦ ଗର୍ଭରେ ପ୍ରତିବର୍ଷ ଭର୍ତ୍ତି ହେଉଛି ୧୦ ଲକ୍ଷ ଟନ୍‌ର ମାଟି । ଚିଲିକାରେ ମିଶିଥିବା ବିଭିନ୍ନ ନଦୀ ମାଧ୍ୟମରେ ନଦୀର ଉପର ଅବବାହିକାରୁ ଆସୁଥିବା ମାଟି ଗଭୀର ଚିଲିକାକୁ ପୋତି ପକାଉଛି । ଚିଲିକାର ଜୈବ ବିବିଧତା ଉପରେ ଏହାର ପ୍ରତିକୂଳ ପ୍ରଭାବ ମଧ୍ୟ ପଡୁଛି । ଯେଉଁ ଚିଙ୍ଗୁଡ଼ି ଓ କଙ୍କଡ଼ା ପ୍ରଜାତିଙ୍କ ପାଇଁ ଚିଲିକାର ପ୍ରସିଦ୍ଧି ଥିଲା, ସେଗୁଡ଼ିକ ଏବେ ବିପଦରେ ପଡ଼ିଛନ୍ତି । ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଦର୍ଶାଇଛି ଯେ ଚିଲିକାର ଗଭୀରତା ସବୁଠି ସମାନ ନୁହେଁ । ସର୍ବନିମ୍ନ ଏହାର ଗଭୀରତା ୦.୩୮ ମିଟରରୁ ଆରମ୍ଭ କରି ସର୍ବାଧିକ



୬.୨୦ ମିଟର ଯାଏ ରହିଛି । ପ୍ରାୟତଃ ୧୧ଶହ ବର୍ଗକିଲୋମିଟର ପରିଧି ବିଶିଷ୍ଟ ଚିଲିକା ଗର୍ଭକୁ ବର୍ଷକୁ ପ୍ରାୟ ୧୦ ଲକ୍ଷ ଟନ୍‌ର ପଟୁମାଟି ପ୍ରବେଶ କରୁଛି । ଚିଲିକାର ପୂରା ଜୈବ ବିବିଧତା ସମୁଦ୍ର ସହିତ ଜଡ଼ିତ । ଏହି ହ୍ରଦ ସହିତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ବହୁ ନଦୀ, ଉପନଦୀ ଏବଂ ନାଳ ଯୋଡ଼ି ହୋଇ ରହିଛି । ନଦୀରୁ ଆସୁଥିବା ମଧୁର ଜଳ ଓ ସମୁଦ୍ରରୁ ପ୍ରବାହିତ ଲୁଣି ପାଣିର ଆଦାନପ୍ରଦାନ ମାଛ, ଚିଙ୍ଗୁଡ଼ି, କଙ୍କଡ଼ା ଏବଂ ଅର୍ଥକରୀ ମାଛବଂଶର ପ୍ରଜନନକୁ ପ୍ରଭାବିତ କରିଥାଏ । କିନ୍ତୁ ପଟୁ ମାଟିରେ ଚିଲିକାର ପେଟ ପୂରିବା ଘଟଣା ଚିଲିକାର ସାସ୍ଥ୍ୟ ପାଇଁ ସତର୍କ ଘଣ୍ଟି ହୋଇଛି ।

ଚିଲିକା ଗର୍ଭରୁ ଏହି ମାଟିକୁ ବାହାର କରିବା ପାଇଁ ସିଡିଏ ପକ୍ଷରୁ ତିନି ପ୍ରକାର ଯୋଜନା କରାଯାଇଛି । ବିଭାଗ ଦର୍ଶାଇଛି, ତିନିମୁହାଁଣରୁ ମଗରମୁଖ ପର୍ଯ୍ୟନ୍ତ ପୁଣି ନାଳ ଖନନ ହେବ । ଏଥିପାଇଁ ମୋଟ୍ ୨.୮୧ କୋଟିର ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଦ୍ୱିତୀୟ ପ୍ରସ୍ତାବ କେନ୍ଦ୍ର ସରକାରଙ୍କ 'ସାଗରମାଳା' ପ୍ରକଳ୍ପରେ ଅନ୍ତର୍ଭୁକ୍ତ । ଜହ୍ନିକୁଦାରୁ ସାତପଡ଼ା ପର୍ଯ୍ୟନ୍ତ ଫେରି ଯାତାୟାତ କରୁଥିବା ନାଳର ଖନନ ଏହି ପ୍ରକଳ୍ପ ଜରିଆରେ କରାଯିବ । ଏଥିପାଇଁ ମୋଟ୍ ୧୨.୫୯ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସିଡିଏ ଦର୍ଶାଇଛି । ଉପରୋକ୍ତ ଦୁଇଟି ଅନୁମୋଦନରେ ମୋଟ୍ ୧୫ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେବାର ଧାର୍ଯ୍ୟ ହୋଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ବାଲିପାଟପୁର ଜେଟିରୁ ଚିଲିକା ଭିତରକୁ ୯ କିଲୋମିଟର ଯାଏ ନାଳ ଖନନ କରିବାକୁ ୨୦.୮୯ କୋଟି ଟଙ୍କାର ପ୍ରସ୍ତାବ ସିଡିଏ ପ୍ରସ୍ତୁତ କରିଛି । କେନ୍ଦ୍ର ସରକାରଙ୍କଠାରୁ ଏହି ଟଙ୍କା ଆଣିବା ପାଇଁ ଅନୁମୋଦନକୁ ଅପେକ୍ଷା କରାଯାଇଛି । ଏହି ୩୫ କୋଟି ଟଙ୍କା ବାଦ୍ ଚିଲିକାରୁ ପଙ୍କ ଉଦ୍ଧାର କାମରେ ସିଡିଏ କର୍ତ୍ତୃପକ୍ଷ ୨୦୧୯ରୁ ୨୦୨୨ ମଧ୍ୟରେ ମୋଟ୍ ୬ କୋଟି ୯୪ ଲକ୍ଷ ୩୭ହଜାର ଟଙ୍କା ଖର୍ଚ୍ଚ କରି ସାରିଲେଣି । ଏତିକି ଟଙ୍କାରେ ମାତ୍ର ୩ ଲକ୍ଷ ୨୬ ହଜାର ୭୧୬ କ୍ୟୁବିକ୍ ମିଟର ପଙ୍କ ଚିଲିକାରୁ କଢ଼ା ଯାଇଥିବା ବିଭାଗ ଯଦିଓ ବିଭାଗ ରିପୋର୍ଟ ଦେଇଛି, ତଥାପି ଉଦ୍ଧାର ପଙ୍କର ପରିମାଣକୁ ନେଇ ସନ୍ଦେହ ରହିଛି ।

## ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନ ବନ୍ଧୁମିଳନ ସମାରୋହ

**କେନ୍ଦ୍ରାପଡ଼ାଃ** ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନର ମଧ୍ୟବର୍ତ୍ତୀକାଳୀନ ସଭା ବନ୍ଧୁମିଳନ ଆସର ରାପୁରସ୍ଥ କାର୍ଯ୍ୟାଳୟଠାରେ ବରିଷ୍ଠ ସଭ୍ୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସଂଗଠନର ସର୍ବ ବରିଷ୍ଠ ସଭ୍ୟ ତଥା ମୁଖ୍ୟ ଉପଦେଷ୍ଟା ମନ୍ମଥ ନାଥ ରାୟଙ୍କ ଅସୁସ୍ଥତା ନେଇ ଗଭୀର ଦୁଃଖ ପ୍ରକାଶ କରାଯିବା ସହ ଆଶୁ ଆରୋଗ୍ୟ ନିମନ୍ତେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସମ୍ପାଦକ ନରୋତମ ଜେନା ବିବରଣୀ ପାଠ କରିବା ସହିତ ଗତ ବାର୍ଷିକ ଉତ୍ସବରେ ଆୟ ବ୍ୟୟ ତଥ୍ୟ ଉପସ୍ଥାପନ କରିଥିଲେ । ଖାଲି ପଡିଥିବା ଉପସଭାପତି ଓ ଆବାହକ ପଦ ନିମତି ଯଥାକ୍ରମେ ଚୌଧୁରୀ କୈଳାସ ପଟ୍ଟନାୟକ ଓ ସନାତନ ତରାଇଙ୍କୁ ମନୋନୀତ କରାଗଲା । ଆସନ୍ତା ଫେବୃୟାରୀ ୧୫ତାରିଖ ମଧ୍ୟରେ ନବବର୍ଷର ବାର୍ଷିକ ଓ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ କରାଯିବାର ସ୍ଥିର କରାଗଲା । ପତ୍ରିକା ପ୍ରକାଶକ ନିମନ୍ତେ ଆସନ୍ତା ଡିସେମ୍ବର ମାସ ୧୫ତାରିଖ ମଧ୍ୟରେ ଲେଖା ପଠାଇବା ପାଇଁ ସଭ୍ୟମାନଙ୍କୁ ନିବେଦନ କରାଗଲା ।

## ବିବାହର ପ୍ରଲୋଭନ ଦେଖାଇ ନାବାଳିକାକୁ ଦୁଷ୍କର୍ମ

**ଜୟପୁରଃ** ନାବାଳିକାକୁ ବିବାହର ପ୍ରଲୋଭନ ଦେଖାଇ ଦୁଷ୍କର୍ମ ହୋଇଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଅଭିଯୁକ୍ତ ନାବାଳକକୁ କାବୁ କରି ଜୁଭେଲାଇନ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରାଯାଇଛି । ପୋଲିସ ସୂଚନା ଅନୁଯାଇ ଜଣେ ନାବାଳିକାକୁ ବିବାହର ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରି ପରେ ପ୍ରତାରଣା କରିଥିବା ନେଇ ନାବାଳିକା ଜଣକ ଗତ ୨୦ ତାରିଖ ଜୟପୁର ମହିଳା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ପୋଲିସ ଅଭିଯୁକ୍ତ ନାବାଳକକୁ କାବୁ କରି ଡାକ୍ତରି ମାଇନା କରି ଜୁଭେଲାଇନ ଜଷ୍ଟିଜ ବୋର୍ଡଙ୍କ ନିକଟରେ ହାଜର କରି ଥିବା ବିଷୟ ଜୟପୁର ମହିଳା ପୋଲିସ ତରଫରୁ ସୁଚନା ଦିଆଯାଇଛି ।

## ନୌକା ପ୍ରତିଯୋଗିତା ପାଇଁ ଜଳଭଣ୍ଡାରରେ ସରଜମିନ ତଦନ୍ତ କଲେ ପରିଚାଳନା କମିଟି

**ମାଲକାନଗିରିଃ** ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ଆସନ୍ତା ୧୧ ତାରିଖ ଦିନ ସତୀଗୁଡା ଜଳଭଣ୍ଡାରରେ ମତ୍ସ୍ୟଜୀବି ମାନଙ୍କୁ ନେଇ ନୌକା ପ୍ରତି ଯୋଗିତା ନିମନ୍ତେ ଜଳଭଣ୍ଡାର ମଧ୍ୟରେ ସରଜମିନ ତଦନ୍ତ କଲେ ନୌକା ପରିଚାଳନା କମିଟିର ସଦସ୍ୟ ମାନେ। ଏହି ଉପଲ କ୍ଷେ ଆଜି ପରିଚାଳନା କମିଟିର ଅଧ୍ୟକ୍ଷ ତଥା ଜିଲ୍ଲା କ୍ରୀଡା ଅଧିକାରୀ ମାଧବ ପାଙ୍ଗି, ସହକାରୀ ବନ ସଂର କ୍ଷକ ମନସୁନ ଖେମୁଣ୍ଡୁ, ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗୌଡ, କମିଟି ସଦସ୍ୟ ଦୁର୍ଯ୍ୟୋଧନ ପାତ୍ର, ସତୀଗୁଡା ମତ୍ସ୍ୟଜୀବି ସଂଗଠନ ର କର୍ମକର୍ତ୍ତା ଓ ସମସ୍ତ ସଦସ୍ୟ ଉପସ୍ଥିତ ରହି ଜଳଭଣ୍ଡାରରେ ପ୍ରତି ଯୋଗିତାରେ ଅଂଶଗ୍ରହଣ କରୁଥିବା ୧୦ଟି ନୌକା ପାଇଁ ୧୦୦ ମିଟର ପରିଧିରେ ସୋଲ ଏବଂ ବେଲୁନ, ସୁତୁଲି ଦ୍ୱାରା ଟ୍ରାକ୍ କରା ଯିବ । ଏହାକୁ ବନ ବିଭାଗ ଦାୟିତ୍ୱରେ ଦିଆ ଯାଇଥଇବାବେଳେ ମତ୍ସ୍ୟ ବିଭାଗ ପ୍ରତି ଯୋଗୀଙ୍କ ପ୍ରତି ନୌକା ଚାଳନା କରିବା ପାଇଁ ଚାରି ଜଣଙ୍କ ନାମ, ଗ୍ରାମ ପଞ୍ଜିକୃତ କରିବେ । ଏଥିସହ ପ୍ରତି ଯୋଗୀମାନଙ୍କ ପାଇଁ ଜରୁରୀକାଳୀନ ଔଷଧ, ପାନୀୟ ଜଳ, ଶୁଖିଲା ଖାଦ୍ୟ ବ୍ୟବସ୍ଥା କରିବେ । ବନ ବିଭାଗ ପ୍ରତି ଯୋଗୀମାନଙ୍କ ପାଇଁ ଟୋପି ଓ ଟି ସାର୍ଟ ଯୋଗାଇଦେବେ । ମଂଚ ଓ ଡାକବାଜୀ ଯନ୍ତ୍ର, ୱା କିଟକି, ସବୁଜ ପତାକା ଯୋଗାଇ ଦେବେ ।

# ୫୧ ବନ ଖଣ୍ଡକୁ ୧୩୯ଟି ଅଲ-ଟେରେନ ଅଗ୍ନି ନିରାକାରଣ ମୋଟରଯାନ ବିତରଣ



**ବାରଙ୍ଗ (ମାନିସ):** ରାଜ୍ୟର ବିଭିନ୍ନଜଙ୍ଗଲ ବିଭାଗକୁ ରାଜ୍ୟ ସରକାର ଅଲ୍-ଟେରେନ୍ ମୋଟର ଯାନ (ଏଟିଭି), ଅଗ୍ନି ନିର୍ବାପକ ୟୁନିଟ୍ ଏବଂ ଅଗ୍ନି ନିରାକରଣ ସହାୟତା ୟୁନିଟ୍ ବିତରଣ କରାଯାଇଛି । ଓଡିଶା ରାଜ୍ୟରେ ଥିବା ସମୁଦାୟ ଭୌଗୋଳିକ କ୍ଷେତ୍ରର ୮୮୬୯ ବର୍ଗ କି.ମି. ସଂରକ୍ଷିତ ଜଙ୍ଗଲ ଅଛି, ଯାହାକି ୫.୬୯ ପ୍ରତିଶତ ଅଟେ । ଏଥି ମଧ୍ୟରେ ୧୯ ଗୋଟି ଅଭୟାରଣ୍ୟ, ୧ଗୋଟି ଜାତୀୟ ଉଦ୍ୟାନ, ୨ ଗୋଟି ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ୨ ଗୋଟି ସଂରକ୍ଷିତ ଅଞ୍ଚଳ ରହିଛି । ଆମ ରାଜ୍ୟରେ ଏହା ବ୍ୟତିତ ୨ ଗୋଟି ପ୍ରସ୍ତାବିତ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ, ୧ଗୋଟି ପ୍ରସ୍ତାବିତ ଜାତୀୟ ଉଦ୍ୟାନ ଏବଂ ୩ଗୋଟି ହାତୀ ସଂରକ୍ଷଣ ଅଞ୍ଚଳ ରହିଛି , ସଂରକ୍ଷିତ ଅଞ୍ଚଳ ତଥା ଜଙ୍ଗଲ କ୍ଷେତ୍ର ଯାହାକି ବହୁ ଗୁରୁତ୍ୱପୂର୍ଣ୍ଣ ତଥା ବିରଳ ବନ୍ୟଜନ୍ତୁ ପ୍ରଜାତିଙ୍କ ଆଶ୍ରୟ ସ୍ଥଳର ସୁରକ୍ଷା, ସଂରକ୍ଷଣ ଦେବା ପାଇଁ ଏହି ଭୂ-ବିବରଣ କରୁଥିବା ହିଂସ୍ର ଜୀବ ଜନ୍ତୁ ଗୁଡ଼ିକରେ ଶିକାର ହେଉଥିବା ଜଙ୍ଗଲ ଘଟୁ ଥିବା ଆକସ୍ମିକ ଅଗ୍ନି ବିପଦରୁ ରକ୍ଷା, ପ୍ରାକୃତିକ ବିପଦକୁ କମ୍ କରିବା ଏବଂ ଗୁପ୍ତ କାର୍ଯ୍ୟକଳାପକୁ ରୋକିବା ପାଇଁ ସତନ୍ତ୍ର ଭାବେ ତିଆରୀ କଷ୍ଟୋମାଇଜଡ୍ ହୋଇଥିବା ୫୧ ଟି ଅଲ-ଟେରେନ୍ ମୋଟର ଯାନ (ଏଟିଭି), କଷ୍ଟୋମାଇଜଡ୍ ସ୍ପ୍ରିଙ୍କଲର ସିଷ୍ଟମ୍ ଯାନ ୪୧ ଟି, ଅଗ୍ନି ନିର୍ବାପକ ୟୁନିଟ୍ ୪୭ ଅଗ୍ନି ନିରାକରଣ ସହାୟତା ୟୁନିଟ୍ ଗାଡିକୁ ରାଜ୍ୟ ବନଖଣ୍ଡକୁ ବିତରଣ କରା ଯାଇଛି । ଶୁକ୍ରବାର ସକାଳ ୯.୩୦ ସମୟରେ ରାଜ୍ୟ ଉଦ୍ଭିଦ ଉଦ୍ୟାନ ଠାରେ ଆୟୋଜିତ ଏକ ସରଳ ସମାରୋହରେ ଜଙ୍ଗଲ କ୍ଷେତ୍ର ବିଭାଗକୁ ପ୍ରଦାନ କରାଯାଇଛି । ଅଧିକ ତୀବ୍ର ପଇଁତରା, ପର୍ଯ୍ୟଲୋଚନା ନୀରିକ୍ଷଣ ସୁନିଶ୍ଚିତ କରିଇଁ ଏଟିଭି ଗାଡି ଗୁଡିକ ନିର୍ଦ୍ଦିଷ୍ଟ ଭାବରେ ଦୁର୍ଗମ ଅଞ୍ଚଳ ଗୁଡ଼ିକୁ ଦୃଷ୍ଟିରେ ରଖି କଷ୍ଟୋମାଇଜଡ୍ କରାଯାଇଛି । ସ୍ପ୍ରିଙ୍କଲର ସିଷ୍ଟମ ସହିତ ଅଗ୍ନି ନିର୍ବାପକ ଯାନ ଗୁଡ଼ିକ ବିଶେଷ ଭାବରେ ସଡକ ପାର୍ଶ୍ୱରେ ଘଟୁଥିବା ଅଗ୍ନିକାଣ୍ଡ ଏବଂ ପ୍ରତିକ୍ରିୟା ସମୟକୁ ହ୍ରାସ କରି ଜଙ୍ଗଲରେ ଅଗ୍ନିକାଣ୍ଡ ହେତୁ କ୍ଷୟକୁ କମ୍ କରିବା ପାଇଁ ବିଶେଷ ଭାବରେ ଡିଜାଇନ୍ କରାଯାଇଛି । ଏହି ଯାନ ଗୁଡ଼ିକୁ ଟାଟା ମୋଟର୍ସ ଏବଂ ମହିନ୍ଦ୍ରା କମ୍ପାନୀର ବରିଷ୍ଠ ଅଧିକାରୀ ଓ ଜଙ୍ଗଲ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ବିତରଣ କରାଯାଇ ଅଛି । ଏହି ବାବଦକୁ ଅର୍ଥ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ଅଧୀନରେ ମଞ୍ଜୁର ହୋଇ ସତନ୍ତ୍ର ରିଲିଫ୍ କମିଶନରଙ୍କ ଦ୍ୱାରା ଜଙ୍ଗଲ ବିଭାଗକୁ ପ୍ରଦାନ କରାଯାଇଥିଲା । ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ ଉପସ୍ଥିତରେ ଗାଡି ଗୁଡ଼ିକ ଗନ୍ତବ୍ୟ ସ୍ଥଳୀକୁ ପଠା ଯାଇ ଥିଲା ।

# ନୂଆଦିଲ୍ଲୀସ୍ଥିତ କୃଷି ଭବନରେ କେନ୍ଦ୍ରମନ୍ତ୍ରୀଙ୍କ ଅଧକ୍ଷତାରେ ମନରେଗା ସମୀକ୍ଷା ବୈଠକ

**ନୂଆଦିଲ୍ଲୀ(ପିଆଇବି):** ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମଜିଏନ୍ଆରଇଜିଏସ୍)ର କାର୍ଯ୍ୟକାରିତା ଆକଳନ ପାଇଁ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଆଜି ନୂଆଦିଲ୍ଲୀର କୃଷି ଭବନଠାରେ ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରିଛନ୍ତି । ଏହି ବୈଠକରେ ଗ୍ରାମ୍ୟ ଉନ୍ନୟନ ସଚିବଙ୍କ ସମେତ ଡିଭିଜନର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଯୋଜନାର ସଫଳତାକୁ ପ୍ରଶଂସା କରିବା ସହିତ ଯୋଜନାର ଫଳପ୍ରଦତା ବୃଦ୍ଧି ପାଇଁ ଅଭିନବ ଉପାୟ ଏବଂ ସଂସ୍କାରକୁ ପ୍ରୋତ୍ସାହିତ କରିବା ଉପରେ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ମନରେଗା ଅଧୀନରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସରକାରୀ ପାଣ୍ଠିର ଅପବ୍ୟବହାର ରୋକିବା, ହିତାଧିକାରୀଙ୍କ ସହ ଜବ୍ କାର୍ଡର ହେପାଜତ ସୁନିଶ୍ଚିତ କରିବା ଏବଂ କାର୍ଯ୍ୟସ୍ଥଳରେ ଯନ୍ତ୍ରପାତି ବ୍ୟବହାର ଉପରେ କଟକଣା ଲଗାଇବା ପାଇଁ ପଦକ୍ଷେପ ନିଆଯିବ ।

ମନରେଗା ଅଧୀନରେ ୨୦୨୪-୨୫ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଛି । ସମୁଦାୟ ୧୮୭.୫ କୋଟି ବ୍ୟକ୍ତି ଦିବସ ସୃଷ୍ଟି ହୋଇଛି, ଯାହା ୪.୬ କୋଟି ଗ୍ରାମୀଣ ପରିବାରକୁ ରୋଜଗାର ପ୍ରଦାନ କରିଛି । ଗ୍ରାମୀଣ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଏହି ଯୋଜନାର ଭୂମିକାକୁ ପ୍ରତିଫଳିତ କରି ୫୬ ଲକ୍ଷରୁ ଅଧିକ ସମ୍ପତ୍ତି ସୃଷ୍ଟି କରାଯାଇଛି । ମୋଟ ଖର୍ଚ୍ଚର ପ୍ରାୟ ୪୪% ଏବଂ ୫୫% କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ଏବଂ ବ୍ୟକ୍ତିଗତ ହିତାଧିକାରୀ କାର୍ଯ୍ୟ ରେ ଖର୍ଚ୍ଚ ହୋଇଛି, ଯାହା ଗ୍ରାମାଞ୍ଚଳରେ କୃଷି ଉପରେ ଧ୍ୟାନ ଦେବା ଏବଂ ଦୁର୍ବଳ ପରିବାରମାନଙ୍କ ପାଇଁ ଜୀବିକା ସୁଯୋଗ ବୃଦ୍ଧିକୁ ସୂଚାଇଥାଏ । ପ୍ରାୟ ୯୭% ପାଣ୍ଠି ସ୍ଥାନାନ୍ତର ଆଦେଶ (ଏଫଟିଓ) ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦ୍ୱାରା ଠିକ୍ ସମୟରେ ମଜୁରି ପ୍ରଦାନ ସୁନିଶ୍ଚିତ କରି ଠିକ୍ ସମୟରେ ପ୍ରଦାନ କରାଯାଉଛି । ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୭୪,୭୭୦.୦୨ କୋଟି ଟଙ୍କା ପ୍ରଦାନ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ଠାରୁ ସର୍ବାଧିକ ପାଣ୍ଠି ପ୍ରଦାନ କରାଯାଇଥିବା ରାଜ୍ୟଗୁଡ଼ିକ ହେଲା ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ରାଜସ୍ଥାନ, ତାମିଲନାଡୁ, ବିହାର, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ମହାରାଷ୍ଟ୍ର, ତେଲଙ୍ଗାନା ଏବଂ ଓଡ଼ିଶା । ଉଲ୍ଲେଖଯୋଗ୍ୟ, ଗତ ୫ ବର୍ଷ ଧରି ଏହି ଯୋଜନାରେ ମହିଳାଙ୍କ ଅଂଶଗ୍ରହଣ କ୍ରମାଗତ ଭାବେ ୫୦% ରୁ ଅଧିକ ରହିଛି, ଯାହା ଏହି ଯୋଜନା ଅଧୀନରେ ମହିଳା ସଶକ୍ତୀକରଣର ଅନ୍ତର୍ଭୁକ୍ତୀକରଣ ଏବଂ ବୃଦ୍ଧି ଉପରେ ଆଲୋକପାତ କରୁଛି ।

ପ୍ରାକୃତିକ ସମ୍ପଦ ପରିଚାଳନା



(ଏନଆରଏମ) ଏବଂ କୃଷି ସମ୍ବନ୍ଧୀୟ କାର୍ଯ୍ୟକଳାପରେ ହସ୍ତକ୍ଷେପ ଦ୍ୱାରା ଜଳ ଚାପଗ୍ରସ୍ତ ବ୍ଲକଗୁଡିକରେ ଯଥେଷ୍ଟ ହ୍ରାସ ଘଟିଛି । ୨୦୧୭-୧୮ ଆର୍ଥିକ ବର୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ ଏଭଳି ବ୍ଲକ ସଂଖ୍ୟା ୨୨୬୪ରୁ ୧୪୫୬କୁ ହ୍ରାସ ପାଇଥିବା ବେଳେ ୧୮ଟି ରାଜ୍ୟର ୧୯୯ଟି ଜିଲ୍ଲାର ୧୫୧୯ଟି ବ୍ଲକକୁ ଜଳ ଚାପ ତାଲିକାରୁ ବାଦ୍ ଦିଆଯାଇଛି । ଏହା ଜଳ ଅଭାବରୁ ଜଳ ନିରାପତ୍ତାକୁ ପରିବର୍ତ୍ତନ କରିବାରେ ମନରେଗାର ସଫଳତାକୁ ପ୍ରତିଫଳିତ କରେ । ଏହି ଯୋଜନାରେ ଅନେକ ଆଇଟି ପଦକ୍ଷେପ ନିଆଯାଇଛି । ମଜୁରିର ୯୯% ଆଧାର ଆଧାରିତ ପେମେଣ୍ଟ ସିଷ୍ଟମ ଜରିଆରେ ପ୍ରଦାନ କରାଯାଏ । ଏହି ସ୍କିମ୍ ଅଧୀନରେ ସୃଷ୍ଟି ହୋଇଥିବା ସମସ୍ତ ସମ୍ପତ୍ତି ଜିଓଟ୍ୟାଗ୍ ହୋଇଛି । ବର୍ତ୍ତମାନ ସୁଦ୍ଧା ୬.୧୮ କୋଟିରୁ ଅଧିକ ସମ୍ପତ୍ତି ଜିଓଟ୍ୟାଗ୍ କରାଯାଇଛି । ମହାତ୍ମା ଗାନ୍ଧୀ ନରେଗା କାର୍ଯ୍ୟସ୍ଥଳୀ (ବ୍ୟକ୍ତିଗତ ହିତାଧିକାରୀ କାର୍ଯ୍ୟବ୍ୟତୀତ) ରେ ଶ୍ରମିକଙ୍କ ଉପସ୍ଥିତି ଆକଳନ କରିବା ପାଇଁ ନ୍ୟାସନାଲ ମୋବାଇଲ ମନିଟରିଂ ସିଷ୍ଟମ ଆପ୍ ବ୍ୟବହାର କରାଯାଉଛି ଏବଂ ଦିନକୁ ଦୁଇ ଥର ଜିଓ-ଟ୍ୟାଗ୍ ହୋଇଥିବା ଫଟୋ ମଧ୍ୟ ବ୍ୟବହାର କରାଯାଉଛି । ୨୦୨୪ ଅକ୍ଟୋବର ମାସରେ ଏନଏମଏମଏସ ଆପ୍ ବ୍ୟବହାର ମାଧ୍ୟମରେ ପାଖାପାଖି ୯୬% ଉପସ୍ଥାନ ହାସଲ କରାଯାଇଛି । ଗ୍ରାମ ପଞ୍ଚାୟତ (ଜିପି) ସ୍ତରରେ ମହାତ୍ମା ଗାନ୍ଧୀ ଏନ୍ଆରଇଜିଏସ୍ କାର୍ଯ୍ୟକଳାପର ସାମଗ୍ରିକ ଓ ବୈଜ୍ଞାନିକ ଯୋଜନାକୁ ସୁଗମ କରିବା ପାଇଁ ଏନ୍ଆରଏସସି-ଇସ୍ରୋ ଦ୍ୱାରା ବିକଶିତ ଜିଆଇଏସ୍ ଭିତ୍ତିକ ଯୋଜନା ପୋର୍ଟାଲ୍ ଯୁକ୍ତଧାରା ଉପରେ ଆଞ୍ଚଳିକ ପ୍ରଶିକ୍ଷଣ ଦିଆଯାଉଛି ।

ଏହି ଆଇନର ବ୍ୟବସ୍ଥାକୁ ଅନୁସରଣ କରି ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ସାମାଜିକ ଅଡିଟ୍ କରାଯିବା ଉଚିତ । ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱାଧୀନ ସାମାଜିକ ଅଡିଟ୍ ନିର୍ଦ୍ଦେଶକ ନିଯୁକ୍ତ ହେବା ଉଚିତ୍ । ଯେଉଁ ୧୧ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱାଧୀନ ନିର୍ଦ୍ଦେଶକ ନାହାନ୍ତି ସେମାନେ ଯଥାଶୀଘ୍ର ସେମାନଙ୍କ ନିଯୁକ୍ତି ସୁନିଶ୍ଚିତ କରାଯିବ । ସେଗୁଡ଼ିକ ହେଲା ଅରୁଣାଚଳ ପ୍ରଦେଶ, ବିହାର, ଛତିଶଗଡ଼, ଗୁଜରାଟ, ହିମାଚଳ ପ୍ରଦେଶ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ରାଜସ୍ଥାନ, ମଣିପୁର, ମିଜୋରାମ, ଉତ୍ତରାଖଣ୍ଡ ଓ ତେଲେଙ୍ଗାନା । ମୋଟ ୭୪୦ ଟି ଜିଲ୍ଲା ମଧ୍ୟରୁ ୫୯୩ (୮୦%) ଜିଲ୍ଲାରେ ଲୋକପାଳ ସ୍ଥାନ ପାଇଛନ୍ତି । ଅବଶିଷ୍ଟ ୧୪୭ ଟି ଜିଲ୍ଲାରେ ଲୋକପାଳଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଅବସ୍ଥାପିତ କରାଯିବା ଦରକାର । ଏହି ଯୋଜନା ଅଧୀନରେ ବର୍ତ୍ତମାନର ମନିଟରିଂ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବା ଦରକାର । ଏରିଆ ଅଫିସର ଆପ୍ ଜରିଆରେ ନିର୍ଦ୍ଧାରିତ ଲକ୍ଷ୍ୟ ଅନୁଯାୟୀ ତଦାରଖ ସୁନିଶ୍ଚିତ କରାଯିବା ସହ ଏହାକୁ ନମାନିଲେ କଠୋର କାର୍ଯ୍ୟାନୁଷ୍ଠାନ ସହ ନୋଟିସ୍ ଜାରି କରାଯାଇ ପାରିବ । କେନ୍ଦ୍ରରୁ ଅଧିକାରୀମାନଙ୍କ ଦ୍ୱାରା ନିୟମିତ ଏବଂ ଗୁଣାତ୍ମକ କ୍ଷେତ୍ର ପରିଦର୍ଶନ ସୁନିଶ୍ଚିତ କରାଯିବ । ମିଶନ ଅମୃତ ସରୋବର ଅଧୀନରେ ୬୮,୦୦୦ ରୁ ଅଧିକ ଅମୃତ ସରୋବର ସୃଷ୍ଟି କରାଯାଇଛି । ଅମୃତ ସରୋବର ଭାବେ ଜଳାଶୟ ନିର୍ମାଣ ଓ ପୁନରୁଦ୍ଧାର ପାଇଁ ଏହି ମିଶନ ଜାରି ରହିବ ।

# କଳାହାଣ୍ଡିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ



**ତାଳଚେର(ମାନିସ):** ତାଳଚେର ବ୍ଲକ ସୋଲଡ଼ା ଗ୍ରାମ ଖେଳପଡିଆଠାରେ କଳାହାଣ୍ଡିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି । କଳାହାଣ୍ଡିଆ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଉଦ୍ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ,ମୁଖ୍ୟ ବକ୍ତା ଭାବରେ ତାଳଚେର ସୁରକ୍ଷା ମଂଚର ସଭାପତି ମୂରଲୀଧର ସାହୁ,ସମ୍ମାନୀତ ଅତିଥି ଭାବରେ ତାଳଚେର ବ୍ଲକ ଉପାଧ୍ୟକ୍ଷ ଅଂଚଳ ପ୍ରଧାନ,କଳମଛୁଇଁ ସରପଂଚ ଅନୀଲ ପ୍ରଧାନ,ସୁଶାନ୍ତ ବେହେରା,କବିରାଜ ସାହୁ ଓ ଜୀବନାନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଦଶ ଦିନ ବ୍ୟାପି ଅନୁଷ୍ଠିତ ହୋଇ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୪ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ ସୋଲଡ଼ା ଗୁରୁକୂଳ ଓ ଖୋର୍ଦ୍ଧା ଗୋଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ତିନି ମ୍ୟାଚ ବିଶିଷ୍ଟ ଏହି ଫାଇନାଲ ମ୍ୟାଚରେ ଖୋର୍ଦ୍ଧା ଗୋଡ଼ା ଦଳ ସୋଲଡ଼ା ଗୁରୁକୂଳକୁ ପରାସ୍ତ କରି ଚମ୍ପିୟାନ୍ ଆଖ୍ୟା ଅର୍ଜନ କରିଥିଲା । ଏହି ଅବସରରେ ମୁଖ୍ୟ ଅତିଥି ବିଧାୟକ ବ୍ରଜକିଶୋର ପ୍ରଧାନ ଚମ୍ପିୟାନ ଦଳକୁ ଟ୍ରଫି ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ପ୍ରତିଯୋଗିତାରେ କଳାହାଣ୍ଡିଆ କ୍ଲବର ସଭାପତି ସୂର୍ଯ୍ୟକାନ୍ତ ସାହୁ,କାର୍ଯ୍ୟକାରୀ ସଭାପତି ସୁଶାନ୍ତ ସାହୁ,ସମ୍ପାଦକ ସୁଶୀଲ ପ୍ରଧାନ,କୋଷାଧ୍ୟକ୍ଷ ସୁଶାନ୍ତ ଶତପଥୀ ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ । ଶେଷରେ କଳାହାଣ୍ଡିଆ କ୍ଲବର ସଭାପତି ସୂର୍ଯ୍ୟକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏଆରଓ ସମ୍ବଲପୁର ପକ୍ଷରୁ ଅଗ୍ନିପଥ ଯୋଜନା ଅଧୀନରେ ସେନା ନିଯୁକ୍ତି ଶିବିର

**ଭୁବନେଶ୍ୱର:** ଆସନ୍ତା ଡିସେମ୍ବର ୬ରୁ ୯ ତାରିଖ ପର୍ଯ୍ୟନ୍ତ ରାଉରକେଲା ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମରେ ସେନା ନିଯୁକ୍ତି ଶିବିର ଅନୁଷ୍ଠିତ ହେବ । ଏଥିରେ ଅନୁଗୁଳ, ବରଗଡ଼, ବଲାଙ୍ଗିର, ଢେଙ୍କାନାଳ, ଦେବଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାରୁ ଚୟନ ହୋଇଥିବା ପ୍ରାର୍ଥୀମାନେ ଭାଗ ନେଇପାରିବେ । ଅନଲାଇନ ଏକକ ପ୍ରବେଶିକା ପରୀକ୍ଷା (ସିଇଇ) ଜରିଆରେ ଚୟନ ହୋଇଥିବା ପ୍ରାର୍ଥୀମାନଙ୍କୁ ଶାରୀରିକ ଫିଟନେସ ପରୀକ୍ଷା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡକାଯାଇଛି । ଅନଲାଇନ ଏକକ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କୁ ସେମାନଙ୍କର ଇମେଲ୍ ଆଇଡିରେ ଆଡମିଟ୍ କାର୍ଡ ପଠାଯାଇଛି । ଭାରତୀୟ ସେନାର ନିଯୁକ୍ତି ୱେବସାଇଟ୍ www.joinindianarmy.nic.ine ପ୍ରୋଫାଇଲ ସେକ୍ସନରେ ଲଗଇନ୍ କରି ମଧ୍ୟ ପ୍ରାର୍ଥୀମାନେ ସେମାନଙ୍କର ଆଡମିଟ କାର୍ଡ ଡାଉନଲୋଡ୍ କରିପାରିବେ । କୌଣସି ପ୍ରଶ୍ନ ପାଇଁ ପ୍ରାର୍ଥୀମାନେ ସମ୍ବଲପୁର ଏଆରଓଙ୍କୁ ୦୬୬୩-୨୯୫୦୩୫୯ ଏବଂ ୦୬୬୩-୨୫୨୦୮୪୫ ନମ୍ବରରେ ଯୋଗାଯୋଗ କରିପାରିବେ । ନିଯୁକ୍ତି ପ୍ରକ୍ରିୟା ସମୟରେ ଠକ/ଦଲାଲଙ୍କ ଠକାମିରେ ନପଡ଼ିବା ଲାଗି ନିଜର ମୂଳ କାଗଜପତ୍ର କାହାରିକୁ ନଦେବା ଲାଗି ପରାମର୍ଶ ଦିଆଯାଉଛି । ଏଭଳି କୌଣସି ଘଟଣା ଘଟିବା କ୍ଷେତ୍ରରେ ସ୍ଥାନୀୟ ପୁଲିସ ଏବଂ ସମ୍ବଲପୁରସ୍ଥିତ ସେନା ନିଯୁକ୍ତି କାର୍ଯ୍ୟାଳୟରେ ତୁରନ୍ତ ଯୋଗାଯୋଗ କରାଯାଇପାରିବ । ଏଭଳି ଠକ/ଦଲାଲଙ୍କ ବିରୋଧରେ ଏବଂ ନିଯୁକ୍ତି ଶିବିର ସମୟରେ କୌଣସି ଅନିୟମିତ କାର୍ଯ୍ୟ ପାଇଁ ସ୍ଥାନୀୟ ପୁଲିସ ଓ ପ୍ରଶାସନ ଜରିଆରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ମଙ୍ଗଳ ମୁଣ୍ଡାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର:** ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭଗବାନ ବୀର୍ସା ମୁଣ୍ଡାଙ୍କ ବଂଶଜ ମଙ୍ଗଳ ମୁଣ୍ଡାଙ୍କ ଦେହାନ୍ତ ଖବର ଶୁଣି ଅତ୍ୟନ୍ତ ଦୁଃଖିତ । ତାଙ୍କ ପରଲୋକ ଜନଜାତି ସମାଜ ପାଇଁ ଏକ ଅପୂରଣୀୟ କ୍ଷତି । ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଦିବଂଗତ ଆତ୍ମାର ସଦଗତି କାମନା କରୁଛି । ଓଁ ଶାନ୍ତି ।

# ବିଜେଡିର ସଦସ୍ୟତା ସଂଗ୍ରହ ଅଭିଯାନ ଅନୁଷ୍ଠିତ



**ନୂଆପଡା(ମାନିସ):** ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମତିଥିରେ ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନ ହୋଇଥିଲା ଏହାକୁ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶଙ୍ଖ ଭବନରେ ଆରମ୍ଭ କରିଥିଲାବେଳେ ନୂଆପଡା ଜିଲ୍ଲା ନ୍ୟାସନାଲ ମହାବିଦ୍ୟାଳୟ ଠାରେ ବିଜେଡିର ସଦସ୍ୟତା ସଂଗ୍ରହ ଅଜିଯାନ ଅନୁଷ୍ଠିତ ହୋଇଥିଲା । ଏହି ସଦସ୍ୟତା ଅଭିଯାନକୁ ବିଜୁ ଛାତ୍ର ଜନତା ଦଳର ଖରିଆର ରୋଡ ନଗର ଅଧକ୍ଷ ମନିଷ ଦେବାନଙ୍ଗ ଦ୍ୱାରା ଅନୁଷ୍ଠିତ ସଦସ୍ୟତା ସଂଗ୍ରହ ଅଜିଯାନରେ ଅନେକ ଛାତ୍ର ଛାତ୍ରୀ ମାନେ ବିଜେଡିର ସଦସ୍ୟତା ଗ୍ରହଣ କରିଥିବାବେଳେ ୨୫ ବର୍ଷର ସରକାର କିପରି କାର୍ଯ୍ୟ କରିଥିଲେ ତାହା ବିଜେଡି ଛାତ୍ର ଅଧକ୍ଷ ମନିଷ ଦେବାଙ୍ଗନ ତାହା ଛାତ୍ର ଛାତ୍ରୀଙ୍କୁ ବୁଝାଇଥିଲେ । ଆଗାମୀ ଦିନରେ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ହାତ ମୁଠା କରିବା ଏବଂ ରାଜେନ୍ଦ୍ର ଢୋଲକିଆଙ୍କ ହାତ କୁ ମଜବୁତ କରିବା ଏହାର ଲକ୍ଷ ବୋଲି ବିଜେଡି ଛାତ୍ର ଜନତା ଦଳର ଅଧକ୍ଷ ମନିଷ ଦେବାଙ୍ଗନ କହିଥିଲେ ।

# ମୁଖ୍ୟ ଚିକିତ୍ସାଳୟରେ ପୁରୁଷ ବନ୍ଧ୍ୟାକରଣ ପକ୍ଷ ସଚେତନତା ସମାରୋହ ପାଳିତ




**ନୂଆପଡା(ମାନିସ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନୂଆପଡା ଠାରେ ପୁରୁଷ ବନ୍ଧ୍ୟାକରଣ ପକ୍ଷ ସଚେତନତା ସମାରୋହ ପାଳିତ ହୋଇଥିଲା । ସର୍ବପ୍ରଥମେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଗୁରୁ ପ୍ରସାଦ ଜେନା ସବୁଜ ପତାକା ଦେଖାଇ ନୂଆପଡା ଜିଲ୍ଲାର ବିଭିନ୍ନ ନର୍ସିଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରାର ନେତୃତ୍ୱ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ କିଶୋର ଚନ୍ଦ୍ର ପଟେଲ ନେଇଥିଲେ । ଏହି ଶୋଭାଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବାହାରି ଏକତା ଛକ ମଧ୍ୟ ଦେଇ ନୂଆପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ, ଷ୍ଟେଟ ବ୍ୟାଙ୍କ ଛକ, ଜିଲ୍ଲା ଦୌରା ଜଜ କାର୍ଯ୍ୟାଳୟ ଛକ ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ପହଞ୍ଚିଥିଲା । ଏହି ଅବସରରେ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ପୁରୁଷ ବନ୍ଧ୍ୟାକରଣ ଉପରେ ଏକ କର୍ମଶାଳାର ଆୟୋଜନ ମଧ୍ୟ କରାଯାଇଥିଲା । ଏଥିରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଗୁରୁ ପ୍ରସାଦ ଜେନା ଅଧକ୍ଷତା କରିଥିଲେ । ବିଭିନ୍ନ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ଲଳିତ ମୋହନ ବିଶି, ଜିଲ୍ଲା ପ୍ରକଳ୍ପ ପରିଚାଳକ ଦିଲ୍ଲୀପ କୁମାର ଦୁବେ, ଜିଲ୍ଲା ମହାମାରୀ ବିଶେଷଜ୍ଞ ଡାକ୍ତର ଜଗତବନ୍ଧୁ ମହାପାତ୍ର, ପରିବାର କଲ୍ୟାଣ ପରିସଂଖ୍ୟାନ ନିରୀକ୍ଷକ ମୀନ କେତନ ମାଝୀ, ଅଣ ସଂକ୍ରମକ ରୋଗ ସହାୟକ ଶରତ ବେଜ ଓ ନର୍ସିଂ ମହାବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀବୃନ୍ଦ, ଛାତ୍ରଛାତ୍ରୀ ଏବଂ ଚିକିତ୍ସାଳୟର ବିଭିନ୍ନ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ କ୍ଷ ପୁରୁଷ ମାନଙ୍କ ପାଇଁ ଏନ. ଏସ. ଭି ଏକ ସହଜ, ସଫଳ ଓ ସୁରକ୍ଷିତ ଜନ୍ମ ନିରୋଧ ଉପାୟ, ଏଥିପାଇଁ ବେଶି କଟାକଟି ବା ସିଲେଇର ଆବଶ୍ୟକତା ନାହିଁ, ଏହାର କୌଣସି ଜଟିଳ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ, ଏହା ଦ୍ୱାରା ପୁରୁଷତ୍ୱ ଓ ଯୌନ ସୁଖ ହ୍ରାସ ହୁଏ ନାହିଁ, ସେବା ଗ୍ରହଣକାରୀଙ୍କ ପାଇଁ ଦୁଇ ହଜାର ଟଙ୍କାର ପ୍ରୋତ୍ସାହନ ରାଶିର ସୁବିଧା ମଧ୍ୟ ରହିଛି, ଏହି ସବୁ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ କିଶୋର ଚନ୍ଦ୍ର ପଟେଲ ପରିଚାଳନା କରିଥିଲେ ।

# ୟୁଏଆଇଏଲ୍ ସିଏସଆର ଟିମ୍ ଦ୍ୱାରା ନୂଆଗାଁ ଗ୍ରାମରେ ମଲ୍ଟି-ସ୍ପେଶାଲିଟି ସ୍ୱାସ୍ଥ୍ୟ ଶିବିର ଆୟୋଜିତ



**ରାୟଗଡା(ମାନିସ):** ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ୍)ର ସିଏସ୍ଆର ପ୍ରୟାସ ଅଧୀନରେ ନୂଆଗାଁ ଗ୍ରାମରେ ୨୦୨୪ ନଭେମ୍ବର ୨୮ରେ ଏକ ମଲ୍ଟି-ସ୍ପେଶାଲିଟି ସ୍ୱାସ୍ଥ୍ୟ ଶିବିର ସଫଳତାର ସହିତ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଶ୍ରୀ ବିଜୟ ଚୌହାନ, ମାଇନ୍ସ ହେଡ୍, ଡ.ନେତ୍ରାନନ୍ଦ ନାୟକ, ମେଡିକାଲ ଅଫିସର-ଇନ୍-ଚାର୍ଜ, ବିପିଏଏମ୍ , ଏନଏଚ୍ଏମ କାଶୀପୁର, ଆଇଆଇସି ଥିରାକଞ୍ଚ, ଡ. ଦେବୀ ମିଶ୍ର, ମେଡିକାଲ ଅଫିସର ୟୁଏଆଇଏଲ୍ ଏବଂ ନୂଆଗାଁର ସମ୍ମାନନୀୟ ଗ୍ରାମ ନେତୃବୃନ୍ଦଙ୍କ ସମେତ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଶ୍ରୀ ରବି ମିଶ୍ର, ୟୁନିଟ ହେଡ, ୟୁଏଆଇଏଲ୍ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ଜନ ସମୁଦାୟଙ୍କୁ ସୁଲଭ୍ୟ ସ୍ୱାସ୍ଥ୍ୟଯନ୍ ସେବା ଯୋଗାଇବା ଏହି ସ୍ୱାସ୍ଥ୍ୟ ଶିବିରର ଲକ୍ଷ୍ୟ ଥିଲା । ନିକଟବର୍ତ୍ତୀ ୮ଟି ଗ୍ରାମର ମୋଟ ୫୧୨ ଜଣ ରୋଗୀ ଏହି ଶିବିରରୁ ଉପକୃତ ହୋଇଥିଲେ, ଏବଂ ସେମାନଙ୍କୁ ମାଗଣା ଡାକ୍ତରୀ ପରାମର୍ଶ ଓ ଔଷଧ ଯୋଗାଇ ଦିଆଯାଇଥିଲା ।

ଏହି ପ୍ରୟାସ ସିଏସଆର ମୁଖ୍ୟ ନିହାରିକା ସାହୁଙ୍କ ନେତୃତ୍ୱରେ ବାଫିଲମାଲି ଖଣିର ସିଏସଆର ଟିମ୍ ଦ୍ୱାରା ଅତି ସୁନ୍ଦର ଭାବରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ୟୁଏଆଇଏଲ୍ ପକ୍ଷରୁ ଏହାର କାର୍ଯ୍ୟ ପରିଚାଳନା ଅଞ୍ଚଳରେ ଜନସାଧାରଣଙ୍କ କଲ୍ୟାଣ ତଥା ସେମାନଙ୍କ ସ୍ୱାସ୍ଥ୍ୟ ସେବାକୁ ପରିବର୍ଦ୍ଧିତ କରିବା ନିମନ୍ତେ ଅକୁଣ୍ଠ ପ୍ରତିବଦ୍ଧତାର ଏକ ନିଦର୍ଶନ ହୋଇଛି ।

ଏଭଳି ପ୍ରୟାସ ଗୁଡିକ ସ୍ଥାନୀୟ ଜନସାଧାରଣଙ୍କ ଜୀବନର ମାନରେ ଉନ୍ନତି ଆଣିବା ଏବଂ ଉକ୍ତ ଅଞ୍ଚଳରେ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ନିମନ୍ତେ ୟୁଏଆଇଏଲ୍ ?ର ଉତ୍ସର୍ଗୀକୃତ ପ୍ରତିଫଳିତ କରୁଛି ।

# ମଙ୍ଗଳ ମୁଣ୍ଡାଙ୍କ ବିୟୋଗରେ ମନ୍ତ୍ରୀ ଜୁଏଲ ଓରାମଙ୍କ ଶୋକ

**ଭୁବନେଶ୍ୱର:**ଭଗବାନ ବିରସା ମୁଣ୍ଡାଙ୍କ ବଂଶଧର ମଙ୍ଗଳ ମୁଣ୍ଡାଙ୍କ ବିୟୋଗରେ କେନ୍ଦ୍ର ଜନଜାତୀୟ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଶୋକ ପ୍ରକାଶ କରିଛନ୍ତି । ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ଧରତୀ ଆବା ଭଗବାନ ବିରସା ମୁଣ୍ଡାଙ୍କ ବଂଶଜ ମଙ୍ଗଳ ମୁଣ୍ଡାଙ୍କ ଅସାମୟିକ ବିୟୋଗର ଖବର ଅତ୍ୟନ୍ତ ଦୁଃଖଦାୟକ । ଈଶ୍ୱର ଦିବଙ୍ଗତ ଆତ୍ମାଙ୍କୁ ନିଜର ଶ୍ରୀଚରଣରେ ସ୍ଥାନ ଦିଅନ୍ତୁ ଓ ଶୋକ ସନ୍ତପ୍ତ ପରିବାରଙ୍କୁ ଏହି ଦୁଃଖକୁ ସହ୍ୟ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।

# ନୂଆପଡ଼ା ଜିଲ୍ଲାପାଳଙ୍କ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟର ସମୀକ୍ଷା ବୈଠକ



**ନୂଆପଡ଼ା(ମାନିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟର ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଏପିଡି ଯୋଗେଶ୍ୱର ଭୋଇ, ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦାଶ, ବିଭାଗର ସମସ୍ତ ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗର ଅଧିକାରୀ ଗଣ ଯୋଗ ଦେଇଥିଲେ । ଜିଲ୍ଲାର ମୋଟ ୬୩୫ ଗାଁରୁ ୫୫୨ ଗାଁ କୁ ହର୍ ଘର୍ ଜଳ୍ ଯୋଜନାରେ ସାମିଲ କରାଯାଇଛି କ୍ଷ ୬୧୨ ଗାଁ ରେ ଗ୍ରାମ୍ୟ ଜଳ ପରିମଳ କମିଟି ଗଠିତ ହେଇଛି କ୍ଷଏଥିରୁ ୩୫୭ଗାଁକୁ ଜଳଯୋଗାଣ ହୋଇସାରିଛି । ଜିଲ୍ଲାର ୫ ଟି ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ରୁ ୨୨୧ ଟି ଗାଁ, ୨୨୧ ଟି ଅନ୍ୟାନ୍ୟ ପ୍ରକଳ୍ପ ରୁ ୪୧୦ ଟି ଗାଁ ଏବଂ ୧୬ ଟି ସୌର ଚାଳିତ ପମ୍ପ ରୁ ୧୩ ଟି ଗାଁକୁ ପାନୀୟ ଜଳ ଯୋଗାଇ ଦେବା ବ୍ୟବସ୍ଥା ହେଇଛି । ଜିଲ୍ଲାପାଳ କହିଲେଯେ ତହସିଲଦାର ଓ ବିଦ୍ୟୁତ୍ ବିଭାଗ ସହାୟତାରେ ବାକି ଥିବା ପ୍ରକଳ୍ପ ଗୁଡ଼ିକର କାମ ଶୀଘ୍ର ସମ୍ପନ୍ନ କରାଯିବ । ଠିକାଦାରମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଶ୍ଚିତ ଭାବରେ ସମସ୍ତ କାମ ସାରିବେ ନ ହେଲେ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ । ହର୍ ଘର୍ ଜଳ୍ ଯୋଜନାରେ ସମସ୍ତ ଗ୍ରାମର ପ୍ରତି ଘରକୁ ଶୀଘ୍ର ପାନୀୟ ଜଳ ପାଇପ୍ ଯୋଗେ ଯୋଗାଇ ଦେବା ପାଇଁ ଯତ୍ନବାନ ହେବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଜିର ଏହି ବୈଠକରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଲଛମନ୍ ଓରାମ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସମେତ ଜଳ ଓ ପରିମଳ ମିଶନ ର ସମସ୍ତ ଅଧିକାରୀ, ପ୍ରକଳ୍ପ ରେ କାମ କରୁଥିବା ସମସ୍ତ ଠିକାଦାର ଯୋଗଦେଇଥିଲେ ।

# ଟୀକାକରଣରେ ନୂଆପଡ଼ା ଜିଲ୍ଲା ରାଜ୍ୟରେ ପ୍ରଥମ; ଜିଲ୍ଲାପାଳଙ୍କ ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା




ନୂଆପଡ଼ା(ମାନିସ): ଆଜି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି କ୍ଷ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡଃ ଗୁରୁପ୍ରସାଦ ଜେନା , ଡି ଏମ୍ ଓ ଡଃ ଲଳିତ ମୋହନ ବିଶି ଓ ଜିଲ୍ଲା ମୂଖ୍ୟ ଚିକିତ୍ସାଳୟ ର ଅନ୍ୟାନ୍ୟ ଅଧିକାରୀ ଯୋଗ ଦେଇଥିଲେ । ଡି ପି ଏମ୍ ଓ ଦିଲ୍ଲୀପ ଦୁବେ ଓ ଡି ଏମ୍ ଆର୍ ସି ରଞ୍ଜନ କୁମାର ମହାନ୍ତି ପାୱାର ପଏଣ୍ଟ ମାଧ୍ୟମରେ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ର ବିଭିନ୍ନ ଉପଲବ୍ଧି ସମ୍ବନ୍ଧରେ ସୂଚନା ଦେଇଥିଲେ କ୍ଷ ଜିଲ୍ଲାପାଳ ଙ୍କ ବିଭିନ୍ନ ଗସ୍ତ ସମୟରେ ତିନୋଟି ଦୁର୍ଘଟଣା ଗ୍ରସ୍ତ ଲୋକଙ୍କୁ ଆଣି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସେ ନିଜେ ଭର୍ତ୍ତି କରି ସେମାନଙ୍କ ପ୍ରାଣ ରକ୍ଷା କରିଥିବାରୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ତାଙ୍କୁ ଧନ୍ୟବାଦ ଅର୍ପଣ କରଯାଇଥିଲା । ସମିକ୍ଷାରୁ ଜଣା ଗଲାଯେ ରାଜ୍ୟରେ ଟିକା କରଣ ରେ ନୂଆପଡ଼ା ଜିଲ୍ଲା ପ୍ରଥମ ସ୍ଥାନ ଅଧିକାର କରିଛି । ଜିଲ୍ଲାରେ ଆନୁଷ୍ଠାନିକ ପ୍ରସବ ହାର ୯୯ ପ୍ରତିଶତ । ଏବର୍ଷ ଏପ୍ରିଲ୍‌ରୁ ଏପର୍ଯ୍ୟନ୍ତ ୨୯୩୪୩୦ ଜଣ ରୋଗୀ ଜିଲ୍ଲାର ସମସ୍ତ ସରକାରୀ ଡାକ୍ତରଖାନା ରେ ପଞ୍ଜୀକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୯୫ ପ୍ରତିଶତ ଜଣଙ୍କୁ ମାଗଣା ଔଷଧ ପ୍ରଦାନ କରା ଯାଇଛି କ୍ଷ ୧୭୯୦୨୪ ଜଣଙ୍କ ବିଭିନ୍ନ ପରୀକ୍ଷା କରାଯାଇଛି କ୍ଷ ୧୫୬୦୭ ଜଣଙ୍କୁ ଟେଲି ପରାମର୍ଶ ସେବା ଯୋଗାଇ ଦିଆଯାଇଛି । ଡେଲିଭରି ଭ୍ୟାନ ଉପଯୋଗ କରି ଜିଲ୍ଲାର ଦୁର୍ଗମ ଗ୍ରାମାଞ୍ଚଳରେ ଶିଶୁ ଓ ମାତୃ ମୃତ୍ୟୁ ହାର କମାଯାଇ ପାରିଛି । ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ପାରାମିଟର ରେ ସମଗ୍ର ରାଜ୍ୟରେ ନୂଆପଡ଼ା ଜିଲ୍ଲାର ସ୍ଥିତି ଭଲ ଥିବାରୁ ଏହାକୁ ଜିଲ୍ଲାପାଳ ପ୍ରଶଂସା କରିବା ସହିତ ଆଗକୁ ଏହି ଧାରା ବଜାୟ ରଖିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ନବଜାତ ଶିଶୁ ମାନଙ୍କ ମୃତ୍ୟୁ ହାର କମାଇବାରେ ସବ୍ ଡିଭିଜନ ଡାକ୍ତଖାନା ଖରୀଆର ରାଜ୍ୟରେ ପୁରସ୍କୃତ ହୋଇଥିବାରୁ ଏଥିରେ ଉଲ୍ଲେଖନୀୟ ଅବଦାନ ଥିବା ଖରୀଆରର ଶିଶୁ ବିଶେଷଜ୍ଞ ଡଃ ମହେନ୍ଦ୍ର କୁମାର ମାଝୀ ଏବଂ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସର୍ବୋତ୍ତମ ପ୍ରଦର୍ଶନ କରିଥିବା ନୂଆପଡ଼ା ବ୍ଲକ୍ ର ସିଏଚଓ କନକ ବର୍ଦ୍ଧନ ସାହୁ ଓ ବୋଡ଼େନ ବ୍ଲକ୍ ର ଏ ଏନ୍ ଏମ୍ ତପସ୍ୱିନୀ ବାନ୍ଧିଛୋର୍ ଓ ଆଶା କର୍ମୀ ପୁଷ୍ପା ପଟେଲ ଙ୍କୁ ଉପଢୌକନ, ଟ୍ରଫି ଓ ମାନପତ୍ର ଦେଇ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲାପାଳ କହିଲେଯେ କୌଣସି ପରିସ୍ଥିତିରେ ବି ଆମେ ଜଣେ ହେଲେ ପ୍ରସୂତୀ ମା କିମ୍ବା ଶିଶୁକୁ ମୃତ୍ୟୁ ବରଣ କରିବା ପାଇଁ ଦେବା ନାହିଁ । ଏହାପରେ ଜିଲ୍ଲାପାଳ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ନିବାରଣ ବୈଠକ ରେ କହିଲେ ଯେ ଜିଲ୍ଲାରେ ଏବେ ଲିଙ୍ଗ ଅନୁପାତ ୧୦୦୦ ପୁରୁଷରେ ୯୪୯ ମହିଳା ଥିବାରୁ ଏହାକୁ ବୃଦ୍ଧି କରିବାକୁ ସମସ୍ତେ ଚେଷ୍ଟିତ ହେବେ । ବେଆଇନ କୌଣସି ଆଲଟ୍ରା ସାଉଣ୍ଡ କେନ୍ଦ୍ରକୁ ଜିଲ୍ଲାରେ ମୋଟେ ଚାଲିବାକୁ ଦିଆଯିବ ନାହିଁ । ସ୍ୱାସ୍ଥ୍ୟ ବିଭାଗ ର ସମସ୍ତ ଡ଼ାକ୍ତର,ଅଧିକାରୀ ଏବଂ କର୍ମଚାରୀ ମାନଙ୍କ ଉତ୍ସର୍ଗୀକୃତ ଉଦ୍ୟମ ହେଲେ ଆମ ଜିଲ୍ଲା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆହୁରି ସୁନାମ ଆଣି ପାରିବ । ଆଜିର ଏହି ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଗୀତା ପାତ୍ର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ କିଶୋର ଚନ୍ଦ୍ର ପଟେଲ, ସମସ୍ତ ଡାକ୍ତରଖାନା ର ମୁଖ୍ୟ ଡ଼ାକ୍ତର, ଜାତୀୟ ସ୍ୱାସ୍ଥ୍ୟ ମିଶନ ସମସ୍ତ କର୍ମଚାରୀ , ନର୍ସିଂ ଅଧିକାରୀ, ନର୍ସ, ବି ପିମ୍, ପ୍ରମୁଖ ଯୋଗ ଦେଇଥିଲେ ।


**OFFICE OF THE MUNICIPAL COUNCIL: DEOGARH**

No.: C-1143 e-mail: eo-deogarhmncp@gov.in

**Bid Identification No.2757/DM, Dt.28/11/2024**

1. Name of the work for which tender invited – **"Privatization of Sanitation work Deogarh Municipal Council for ward no.- 01 to 11".**
2. Eligible class of bidder –Intending firms/Service Providers/N.G.Os/Contractors those are in similar nature of work and other criteria given in the D.T.C.N.
3. The Bid Documents will be available in the office from **Dt. 29.11.2024 on 10.00 A.M. to Dt.16.12.2024 up to 5.00 P.M.**
4. Last date & time of receipt of Bid Documents through speed post. courier or by hand dropping the tender box: **-Dt.17.12.2024 up to 11.00 A.M.**
5. Opening the Bid documents:-Date - **17.12.2024 at 01.00 P.M.**
6. The Quotationer will purchase the tender Documents in working days after deposit of cash Rs.10000/-Rupees(Ten Thousand) only , BG or DD. only on or before the publish last date.
7. The more details of the tender on deogarh.odishagov.in

Sd/-
Executive Officer
Deogarh Municipality

OIPR- 13088/11/0007/2425

MBA/24-25/0410

ମାତୃଭାଷା

# ଖେଳ ଖବର



### ଅଷ୍ଟ୍ରେଲିଆ ସଂସଦରେ ରୋହିତ

## କହିଲେ- କ୍ରୀଡ଼ା ଓ ବାଣିଜ୍ୟ କ୍ଷେତ୍ରକୁ ନେଇ ରହିଛି ସୁସଂପର୍କ



**ନୂଆଦିଲ୍ଲୀ, ୨୯।୧୧:** ଆସନ୍ତା ୩୦ ତାରିଖରୁ ଭାରତ ଓ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଏକାଦଶ ମଧ୍ୟରେ ଏକ ଦିବାରାତ୍ର ଅଭ୍ୟାସ ମ୍ୟାଚ୍ ଆରମ୍ଭ ହେବ । ଏହାପୂର୍ବରୁ ଭାରତୀୟ ଦଳ କାନବେରାରେ ପହଞ୍ଚି ସାରିଛି । ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଦଳ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନସେଙ୍କୁ ଭେଟିଥିଲା । ପରେ ରୋହିତ ଅଷ୍ଟ୍ରେଲିଆ ସଂସଦରେ ନିଜର ଅଭିଭାଷଣ ରଖିଥିଲେ ।

ସେ କହିଥିଲେ, 'ଯଦି ଆମେ ପଛକୁ ଦେଖିବା ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ କ୍ରୀଡ଼ା ଓ ବାଣିଜ୍ୟ କ୍ଷେତ୍ରରେ ଦୀର୍ଘ ବର୍ଷ ଧରି ସୁସଂପର୍କ ରହି ଆସିଛି । ଆମେ ଏଠାକୁ ଆସି ଖେଳିବାକୁ ଭଲ ପାଉ ଏବଂ ଏଠାକାର ବିଭିନ୍ନ ସଂସ୍କୃତିକୁ ଉପଭୋଗ କରୁ । ସବୁବେଳେ ଅଷ୍ଟ୍ରେଲିଆ ଆସି କ୍ରିକେଟ୍ ଖେଳିବା ଆମ ପାଇଁ ଆହ୍ୱାନପୂର୍ଣ୍ଣ ରହିଥାଏ ।' ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟରେ ଭାରତ ଚମତ୍କାର ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ମାଟିରେ ୨୯୫ ରନ୍‌ର ବିଶାଳ ବିଜୟ ହାସଲ କରିଥିଲା । ଅଭ୍ୟାସ ମ୍ୟାଚ୍ ଶେଷ ହେବା ପରେ ଡିସେମ୍ବର ୬ ତାରିଖରୁ ଆଡିଲେଡରେ ଦ୍ୱିତୀୟ ଟେଷ୍ଟ ଖେଳାଯିବ । ଏଥର ସିରିଜରେ ମୋଟ୍ ୫ଟି ମ୍ୟାଚ୍ ରହିଛି ।

## ଆଜି ଆଇସିସି ଚାମ୍ପିଅନ୍ସ ଟ୍ରଫି ନିଷ୍ପତ୍ତି

**ହାଇବ୍ରିଡ୍ ମଡେଲରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇପାରିବ କି ନାହିଁ କିମ୍ବା ପୁରା ଟୁର୍ଣ୍ଣାମେଣ୍ଟ କେବଳ ପାକିସ୍ତାନରେ ଖେଳାଯିବ, ଏନେଇ ଆଲୋଚନା ହୋଇଥିଲା । କିନ୍ତୁ ଆଇସିସିର ବୈଠକକୁ ସ୍ଥଗିତ କରାଯାଇଛି । ଟୁର୍ଣ୍ଣାମେଣ୍ଟ ଉପରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ ।**



**ନୂଆଦିଲ୍ଲୀ, ୨୯।୧୧:** ଆଇସିସି ଚାମ୍ପିଅନ୍ସ ଟ୍ରଫି-୨୦୨୫ର ବୈଠକ ସ୍ଥଗିତ । ବିସିସିଆଇ ଏବଂ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ସମେତ ସମସ୍ତ ବୋର୍ଡ ସଦସ୍ୟଙ୍କୁ ନେଇ ଶୁକ୍ରବାର ବୈଠକ ହେବାର ଥିଲା ଏହି ବୈଠକରେ ଚାମ୍ପିଅନ୍ସ ଟ୍ରଫି କେବେ ଏବଂ କେଉଁଠାରେ ଖେଳାଯିବ ତାହା ସ୍ଥିର କରାଯାଇଥାନ୍ତା । ହାଇବ୍ରିଡ୍ ମଡେଲରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇପାରିବ କି ନାହିଁ କିମ୍ବା ପୁରା ଟୁର୍ଣ୍ଣାମେଣ୍ଟ କେବଳ ପାକିସ୍ତାନରେ ଖେଳାଯିବ, ଏନେଇ ଆଲୋଚନା ହୋଇଥିଲା । କିନ୍ତୁ ଆଇସିସିର ବୈଠକକୁ ସ୍ଥଗିତ କରାଯାଇଛି । ଟୁର୍ଣ୍ଣାମେଣ୍ଟ ଉପରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ ।

ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରୁଛି, କିନ୍ତୁ ଭାରତୀୟ ଦଳ ପଡୋଶୀ ଦେଶ ଭ୍ରମଣ କରିବାକୁ ମନା କରି ଦେଇଛି । ସେବେଠାରୁ ଟୁର୍ଣ୍ଣାମେଣ୍ଟ କେବେ ଓ କେଉଁଠାରେ ଖେଳାଯିବ ସେନେଇ ବିବାଦ ଲାଗି ରହିଛି । ଯେଉଁଥିପାଇଁ ଆଇସିସି ଏହି ବୈଠକ ଆୟୋଜନ କରିଥିଲା ।

ମିଡିଆ ରିପୋର୍ଟ ଅନୁଯାୟୀ ଏହା ଏକ ଭର୍ଚୁଆଲ୍ ମିଟିଂ ଥିଲା, ଏହି ବୈଠକ କେବଳ ୧୦ ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ରହିପାରେ, ଯାହା ପରେ ବୈଠକ ଆସନ୍ତା ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ବର୍ତ୍ତମାନ ଏହି ଟୁର୍ଣ୍ଣାମେଣ୍ଟର ଅନ୍ତିମ ନିଷ୍ପତ୍ତି ନଭେମ୍ବର ୩୦ରେ ହୋଇପାରେ ବୋଲି ଆଶା କରାଯାଉଛି ।

ଆଇସିସି ବୈଠକରେ ତିନୋଟି ବିକଳ୍ପକୁ ବିଚାର କରାଯିବ । ପ୍ରଥମ ବିକଳ୍ପ ହେଉଛି ଟୁର୍ଣ୍ଣାମେଣ୍ଟ ହାଇବ୍ରିଡ ମଡେଲରେ ହୋଇପାରେ । ଟିମ୍ ଇଣ୍ଡିଆ ବ୍ୟତୀତ ସମସ୍ତ ମ୍ୟାଚ୍ କେବଳ ପାକିସ୍ତାନରେ ଖେଳାଯିବ । ଦ୍ୱିତୀୟ ବିକଳ୍ପ ହେଉଛି ଏହି ଟୁର୍ଣ୍ଣାମେଣ୍ଟ ସମ୍ପୂର୍ଣ୍ଣ ପାକିସ୍ତାନ ବାହାରେ ଖେଳାଯିବ ଏବଂ ହୋଷ୍ଟିଂ ଅଧିକାର ଚଉଇ ରହିବ । ଏଥି ସହିତ ଶେଷ ବିକଳ୍ପ ହେଉଛି ଏହି ପୁରା ଟୁର୍ନାମେଣ୍ଟ ପାକିସ୍ତାନରେ ଖେଳାଯିବ, କିନ୍ତୁ ଭାରତ ଏହାର ଅଂଶ ହେବ ନାହିଁ ।

## ବାରପୁଡିଗିଆ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ବଲାଙ୍ଗୀର, ୨୯।୧୧:** ବାରପୁଡୁଗିଆ ସ୍ଥିତ ହାୱା ଗାର୍ଡେନ ଖେଳ ପଡିଆରେ ସିଦ୍ଧାଶ୍ରମ ସେବ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ବାରପୁଡୁଗିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳରେ ସକମା ଦଳ ୨-୧ ଫଟକରାକୁ ହରାଇ ଚମ୍ପିୟାନ ହୋଇଛି । ଏହି ଉଦ୍‌ଯାପନି ଖେଳରେ ମୁଖ୍ୟଅତିଥି ସଦର ବ୍ଲକ ଅଧକ୍ଷା ସରିତା ବାଗ, ପୂର୍ବ ବ୍ଲକ ଅଧକ୍ଷ ଗୋଲାପ ବାଗ, ପ୍ରମୋଦ କର୍ମି, ନୃପରାଜ ସାହୁ, ଗୋବର୍ଦ୍ଧନ କର୍ମୀ, ଧିରେନ୍ଦ୍ର ବିଶ୍ୱାଲ ଓ ଅରବିନ୍ଦ ମିଶ୍ର ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । ସିଦ୍ଧାଶ୍ରମ ସେବା ପ୍ରତିଷ୍ଠାନର ସଭାପତି ଜୟକୃଷ୍ଣ ମିଶ୍ର ପରିଚାଳନା କରିଥିଲେ । ରେଫରି ପୁରୁଷୋତମ, ଦେବାଶିଷ, ସୁରେଶ, ମିଥୁନ ଖେଳ ପରିଚାଳନା କରିଥିଲେ ଏବଂ ଫୁଟବଲ ଟୁର୍ଣ୍ଣାମେଂଟ ଆୟୋଜନ କମିଟିର ସଦସ୍ୟ ରିଙ୍କୁ ନାଏକ, କାଳିଆ ନାହାକ, ସଞ୍ଜୟ ନାଏକ, ଆକାଶ ନାହାକ, ଫିଂଟୁ, ଅକ୍ଷୟ ଧରୁଆ, ବିକାଶ ନାଏକ, ବ୍ରଜ ନାଏକ ପ୍ରମୁଖ ଆୟୋଜନ କରିଥିଲେ ।

## ଇଗା ସିୟାତେକ୍‌ଙ୍କ ଉପରେ ଲାଗିଲା ବ୍ୟାନ୍

**ନୂଆଦିଲ୍ଲୀ, ୨୯।୧୧:** ପାଞ୍ଚ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଇଗା ସିୟାତେକ୍ ନିଷିଦ୍ଧ ପଦାର୍ଥ ଟ୍ରାଇମେଟାଜିଡିନ (ଟିଏମଜେଡ) ପଜେଟିଭ ଧରାପଡିଛନ୍ତି । ଏଣୁ ତାଙ୍କୁ ଗୋଟିଏ ମାସ ନିମନ୍ତେ ନିଲମ୍ବନ କରାଯାଇଥିବା ବେଳେ ସେ ଏହାକୁ ସ୍ୱୀକାର କରିଛନ୍ତି । ଅନ୍ତର୍ଜାତୀୟ ଟେନିସ୍ ଇଣ୍ଟିଗ୍ରିଟି

### ଭଲ ନିଦ ପାଇଁ ଖାଉଥିଲେ ଔଷଧ

ଏଜେନ୍ସୀ (ଆଇଟିଆଇଏ) ଏହି ଘୋଷଣା କରିଛନ୍ତି । ବିଶ୍ୱ ମହିଳା ଟେନିସ୍ ରାଙ୍କିଂରେ ଇଗା ସିୟାତେକ୍ ଦୁଇ ନମ୍ବର ଖେଳାଳି ।

ଅଗଷ୍ଟରେ ହୋଇଥିବା ଯାଞ୍ଚରେ ସିୟାତେକ୍ ବିଫଳ ହୋଇଥିଲେ । ପୋଲାଣ୍ଡର ୨୩ ବର୍ଷ ବୟସ୍କା ଖେଳାଳି ଏହା ଅଜାଣତରେ ହୋଇଥିବା ସ୍ପଷ୍ଟିକରଣ ଦେଇଛନ୍ତି । ସିୟାତେକ୍ ଭଲ ନିଦ ପାଇଁ ବିନା ପ୍ରେସ୍କ୍ରିପସନରେ ଏହି ଔଷଧ ନେଉଥିଲେ । ତେବେ ଆଇଟିଆଇଏ କହିଛନ୍ତି ଯେ ତାଙ୍କର ଏହି ଭୁଲ ଅବହେଳା ସୀମାର ସବୁଠୁ ନିମ୍ନ ସ୍ତରରେ ରହିଛି । ତେବେ ଟେନିସ୍‌ରେ ଏହା ଦ୍ୱିତୀୟ ହାଇ ପ୍ରୋଫାଇଲ ଡୋପିଙ୍ଗ ମାମଲା ।

ଏହା ପୂର୍ବରୁ ଶୀର୍ଷ ରାଙ୍କରେ ଥିବା ଯାନିକ ସିନର ମାର୍ଚ୍ଚ ମାସରେ ଷ୍ଟେରୟେଡ ପାଇଁ ହୋଇଥିବା ଯାଞ୍ଚରେ ବିଫଳ ହୋଇଥିଲେ । ତେବେ ୨୩ ବର୍ଷ ବୟସ୍କା ସିୟାତେକ୍‌ଙ୍କୁ ସିନସିନାଟି ଓପନ ପୂର୍ବରୁ ଅଗଷ୍ଟ ୧୨ ତାରିଖ ଦିନ କରାଯାଇଥିବା ଆଉଟ ଅଫ କମ୍ପିଟେସନ ସାମ୍ପଲରେ ଟିଏମଜେଡର ସାମାନ୍ୟ ମାତ୍ରା ପାଇଁ ପଜିଟିଭ ଥିବା ଜଣାପଡିଥିଲେ । ଏହି ଔଷଧକୁ ସାଧାରଣତଃ ବ୍ଲଡ ଫ୍ଲୋ ବଢାଇବା ପାଇଁ ହୃଦରୋଗର ଔଷଧ ରୂପେ ବ୍ୟବହାର କରାଯାଏ ।



### ଟିମ୍ ଇଣ୍ଡିଆ ପାଇଁ ଖୁସି ଖବର

## ଦ୍ୱିତୀୟ ଟେଷ୍ଟରେ ହେବ ଖେଳିବେ ଗିଲ୍

**ନୂଆଦିଲ୍ଲୀ,୨୯।୧୧:** ଭାରତୀୟ କ୍ରିକେଟ ଦଳ ପିଙ୍କ୍ ବଲ୍ ଟେଷ୍ଟ ନେଇ ପ୍ରସ୍ତୁତି ଆରମ୍ଭ କରି ଦେଇଛି । ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟ ଆଡିଲେଡରେ ଡିସେମ୍ବର ୬ ତାରିଖରେ ଖେଳାଯିବ । ଏହାପୂର୍ବରୁ ପୂର୍ବରୁ

### ୬ରୁ ଖେଳାଯିବ ପିଙ୍କବଲ୍ ଟେଷ୍ଟ

ଏକ ପ୍ରାକ୍ଟିସ ମ୍ୟାଚ ଖେଳିଯିବ । ଆସନ୍ତାକାଲି ୩ ଦିନ ଧିରେ ୱାର୍ମଅଫ ମ୍ୟାଚ ଖେଳାଯିବ । ଏହାରି ମଧ୍ୟରେ ଭାରତୀୟ କ୍ରିକେଟ ଦଳ ପାଇଁ ଏକ ଖୁସି ଖବର ଆସିଛି । ଟିମ୍ ଇଣ୍ଡିଆର ଷ୍ଟାର ପ୍ଲେୟାର ଶୁଭମନ ଗିଲ ଦଳକୁ କମବ୍ୟାକ କରିବାକୁ ଯାଉଛନ୍ତି । ଶୁଭମନ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଖେଳିବାର ସମ୍ଭାବନା ରହିଛି ।

ପ୍ରଥମ ଟେଷ୍ଟ ଖେଳିନଥିଲେ ଶୁଭମନ- ବର୍ଡର-ଗାଭାସ୍କର ଟ୍ରଫିରେ ଭାରତୀୟ ଦଳରେ ଶୁଭମନ ଗିଲ ସାମିଲ ଅଛନ୍ତି । ମାତ୍ର ପ୍ରଥମ ଟେଷ୍ଟ ସେ ଖେଳି ନଥିଲେ । ଆହତ ସମସ୍ୟା ପାଇଁ ପ୍ରଥମ ଟେଷ୍ଟରୁ ବାଦ ପଡିଥିଲେ ଶୁଭମନ । ତାଙ୍କ ସ୍ଥାନରେ ଦେବଦତ୍ତ ପାଡିକର ଦଳରେ ସାମିଲ ହୋଇଥିଲେ । ବର୍ତ୍ତମାନ ଶୁଭମନ ସୁସ୍ଥ ଥିବାରୁ ସେ ଦଳକୁ ଫେରିବାର ସମ୍ଭାବନା ରହିଛି । ନେଟ ପ୍ରାକ୍ଟିସ କରୁଥିବା ମଧ ଦେଖିବାକୁ ମିଳିଛି ।

ଭାରତ ବନାମ ପିଏମ ୧୧ ମଧ୍ୟରେ ହେବ ପିଙ୍କ୍ ବଲ ପ୍ରାକ୍ଟିସ ମ୍ୟାଚ- ଭାରତୀୟ କ୍ରିକେଟ ଦଳ ବର୍ତମାନ କାନବେରାରେ ଅଛି । ଆସନ୍ତାକାଲିଠୁ ଭାରତ ଓ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଏକାଦଶ ମଧ୍ୟରେ ଏକ ଦିବାରାତ୍ର ଅଭ୍ୟାସ ମ୍ୟାଚ୍ ଆରମ୍ଭ ହେବ । ଶୁବମନ ଗିଲ ନେଟରେ ପ୍ରାକ୍ଟିସ କରିବାକୁ ଓହ୍ଲାଇଛନ୍ତି । ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଶୁଭମନଙ୍କ ପ୍ରଦର୍ଶନ ଭଲ ନଥିଲା । ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ସେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି ।

ପ୍ରକାଶ ଥାଉ କି, ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟରେ ଭାରତ ଚମତ୍କାର ପ୍ରଦର୍ଶନ କରିଥିଲା । ଅଷ୍ଟ୍ରେଲିଆ ମାଟିରେ ୨୯୫ ରନ୍‌ର ବୃହତ ବିଜୟ ହାସଲ କରିଥିଲା ଦଳ । ୧-୦ ସିରିଜରେ ଆଗରେ ରହିଛି ଟିମ୍ ଇଣ୍ଡିଆ । ଅଭ୍ୟାସ ମ୍ୟାଚ୍ ଶେଷ ହେବା ପରେ ଡିସେମ୍ବର ୬ ତାରିଖରୁ ଆଡିଲେଡରେ ଦ୍ୱିତୀୟ ଟେଷ୍ଟ ଖେଳାଯିବ ।



### ଆଇପିଏଲ୍-୨୦୨୫ର ମେଗା ନିଲାମ

## ବଢ଼ିଲା ଭାରତ ସରକାରଙ୍କ ରାଜକୋଷ

*ଭାରତୀୟ ଖେଳାଳିଙ୍କ ଆଇପିଏଲ ଦରମା ଉପରେ ୧୦ ପ୍ରତିଶତ ଟିଡିଏସ ଏବଂ ବିଦେଶୀ ଖେଳାଳିଙ୍କ ଆଇପିଏଲ ଦରମା ଉପରେ ୨୦ ପ୍ରତିଶତ ଟିଡିଏସ ଦିଆଯିବ । ଭାରତୀୟ ଖେଳାଳିଙ୍କ ପାଇଁ ୩୮୩.୪୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି, ଯାହା ଅନୁଯାୟୀ ଟିଡିଏସ୍ ୩୮.୩୪ କୋଟି ଟଙ୍କା ଥିଲା । ବିଦେଶୀ ଖେଳାଳିଙ୍କ ପାଇଁ ୨୫୫.୭୫ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଟିଡିଏସ୍ ୫୧.୧୫ କୋଟି ଟଙ୍କା ଥିଲା । ଉଭୟ ଏକାଠି ୮୯.୪୯ ଟଙ୍କା, ଯାହା ଟିଡିଏସ୍ ଆକାରରେ ଭାରତ ସରକାରଙ୍କ ରାଜକୋଷକୁ ଯିବ ।*

**ନୂଆଦିଲ୍ଲୀ, ୨୯।୧୧:** ଖେଳାଳିଙ୍କ ପକେଟକୁ ଗରମ କରିଛି ଆଇପିଏଲ୍ ୨୦୨୫ର ମେଗା ନିଲାମ । ବଢ଼ିଲା ଭାରତ ସରକାରଙ୍କ ରାଜକୋଷ । ସାଉଦି ଆରବରେ ଏହି ନିଲାମ ଅନୁଷ୍ଠିତ ହୋଇଥିଲେ ମଧ ଏଥିରେ ବିକ୍ରି ହୋଇଥିବା ଖେଳାଳିଙ୍କ ବେତନରୁ ମିଳିଥିବା ଟିଡିଏସ୍ କେବଳ ଭାରତ ସରକାରଙ୍କୁ ଦିଆଯିବ । ତେବେ ଆସନ୍ତୁ ଜାଣିବା ମେଗା ନିଲାମରେ ଟିଡିଏସ୍ ଆକାରରେ ଏଥିରୁ କେତେ ଟଙ୍କା ପାଇବେ ଭାରତ ସରକାର ।

ପ୍ରକାଶଥାଉକି- ଆଇପିଏଲ୍ ୨୦୨୫ର ମେଗା ନିଲାମରେ ସମସ୍ତ ୧୦ ଟିମର ୨୦୪ଟି ସ୍ଲଟ୍ ଖାଲି ଥିଲା । ଦଳଗୁଡିକ ମୋଟ ୧୮୨ ଖେଳାଳି କିଣିଛନ୍ତି । ଏହି ଖେଳାଳିମାନଙ୍କୁ କିଣିବା ପାଇଁ ଦଳ ସମୁଦାୟ ୬୩୯.୧୫ କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ୧୮୨ ମଧ୍ୟରୁ ୧୨୦ ଭାରତୀୟ ଏବଂ ବିଦେଶୀ ଖେଳାଳି ବିକ୍ରି ହୋଇଥିଲେ ।

ଭାରତୀୟ ଖେଳାଳିଙ୍କ ପାଇଁ ୩୮୩.୪୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ୨୫୫.୭୫ କୋଟି ଟଙ୍କା ମୂଲ୍ୟର ବିଦେଶୀ ଖେଳାଳିଙ୍କ ଉପରେ ବିଡ୍ କରାଯାଇଛି । ଭାରତୀୟ ଏବଂ ବିଦେଶୀ ଖେଳାଳିଙ୍କ ମୋଟ ପରିମାଣ ଅନୁଯାୟୀ ଭାରତ ସରକାର ଟିଡିଏସ୍ ପାଇବେ । ଖବର ଅନୁଯାୟୀ, ଭାରତୀୟ ଏବଂ ବିଦେଶୀ ଖେଳାଳିଙ୍କ ଦରମା ଉପରେ ବିଭିନ୍ନ ଟିଡିଏସ୍ କଟାଯାଇଥାଏ ।

ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଭାରତୀୟ ଖେଳାଳିଙ୍କ ଆଇପିଏଲ ଦରମା ଉପରେ ୧୦ ପ୍ରତିଶତ ଟିଡିଏସ ଏବଂ ବିଦେଶୀ ଖେଳାଳିଙ୍କ ଆଇପିଏଲ ଦରମା ଉପରେ ୨୦ ପ୍ରତିଶତ ଟିଡିଏସ ଦିଆଯିବ । ଭାରତୀୟ ଖେଳାଳିଙ୍କ ପାଇଁ ୩୮୩.୪୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି, ଯାହା ଅନୁଯାୟୀ ଟିଡିଏସ୍ ୩୮.୩୪ କୋଟି ଟଙ୍କା ଥିଲା । ବିଦେଶୀ ଖେଳାଳିଙ୍କ ପାଇଁ ୨୫୫.୭୫ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଟିଡିଏସ୍ ୫୧.୧୫ କୋଟି ଟଙ୍କା ଥିଲା । ଉଭୟ ଏକାଠି ୮୯.୪୯ ଟଙ୍କା, ଯାହା ଟିଡିଏସ୍ ଆକାରରେ ଭାରତ ସରକାରଙ୍କ ରାଜକୋଷକୁ ଯିବ ।

ସୂଚନାଯୋଗ୍ୟ ଆଇପିଏଲ୍ ୨୦୨୫ର ମେଗା ନିଲାମରେ ଋଷଭ ପନ୍ତ ସବୁଠୁ ମହଙ୍ଗା ଖେଳାଳି ହୋଇଥିଲେ । ତା'ପରେ ଶ୍ରେୟସ୍ ଆୟର ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଉଭୟଙ୍କ ଆଇପିଏଲ୍ ବେତନରେ ମାତ୍ର ୨୫ ଲକ୍ଷ ଟଙ୍କା ପାର୍ଥକ୍ୟ ଥିଲା । ପନ୍ତଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ୨୭ କୋଟି ଟଙ୍କାରେ କିଣିଛି । ଯେତେବେଳେ ପଞ୍ଜାବ କିଙ୍ଗସ୍ ଶ୍ରେୟସ୍ ଆୟରଙ୍କୁ ୨୬.୭୫ କୋଟିରେ କିଣିଛି । ଏହା ସହିତ ପନ୍ତ ଏବଂ ଆୟର ଯଥାକ୍ରମେ ଆଇପିଏଲ୍ ଇତିହାସରେ ପ୍ରଥମ ଏବଂ ଦ୍ୱିତୀୟ ମହଙ୍ଗା ଖେଳାଳି ହୋଇଥିଲେ ।



## ସିଦ୍ଧାର୍ଥ କୌଲଙ୍କ ସନ୍ନ୍ୟାସ ଗ୍ରହଣ

**ନୂଆଦିଲ୍ଲୀ,୨୯।୧୧:** ଦ୍ରୁତ ବୋଲର ସିଦ୍ଧାର୍ଥ କୌଲ କ୍ରିକେଟରୁ ସନ୍ନ୍ୟାସ ଘୋଷଣା କରିଛନ୍ତି । କ୍ୟାରିୟରରେ ୩ଟି ଦିନିକିଆ ଏବଂ ୩ଟି ଟି-ଟ୍ୱେଣ୍ଟି ଖେଳିବାର ସୁଯୋଗ ପାଇଥିଲେ । ଟି-ଟ୍ୱେଣ୍ଟିରେ କେବଳ ୪ଟି ୱିକେଟ୍ ପାଇଥିଲେ । ବିରାଟ କୋହଲିଙ୍କ



ନେତୃତ୍ୱରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଖେଳିଥିଲେ । ଆଇପିଏଲରେ ଦିଲ୍ଲୀ, କୋଲକାତା, ବେଙ୍ଗାଲୁରୁ ଓ ହାଇଦ୍ରାବାଦ ଦଳରେ ସାମିଲ ରହିଥିଲେ । ସେ କହିଛନ୍ତି, 'ପିଲା ଦିନରୁ ଭାରତୀୟ ଦଳରେ ସାମିଲ ହେବା ନେଇ ସ୍ୱପ୍ନ ଦେଖିଥିଲି । ଶେଷରେ ଭଗବାନଙ୍କ ଆଶୀର୍ବାଦରୁ ୨୦୧୮ରେ ଟି-ଟ୍ୱେଣ୍ଟି (କ୍ୟାପ ନଂ ୭୫) ଓ ଦିନିକିଆ (କ୍ୟାପ ନଂ ୨୨୧ ) ଖେଳିବାର ସୌଭାଗ୍ୟ ମିଳିଥିଲା । ପରିବାର, ପ୍ରଶଂସକ ଓ ଶୁଭେଚ୍ଛୁ ମାନଙ୍କର ସମର୍ଥନ ଯୋଗୁ ମୋ ଜୀବନର ଲକ୍ଷ୍ୟ ପୂରଣ ହୋଇଥିଲା । ଏହା ଅବସର ନେବାର ପ୍ରକୃତ ସମୟ ।'

## ଆସନ୍ତା ୧୫ରେ ମହିଳା ପ୍ରିମିୟର ଲିଗ୍ ମିନି ନିଲାମ୍



**ନୂଆଦିଲ୍ଲୀ,୨୯।୧୧:** ମହିଳା ପ୍ରିମିୟର ଲିଗ୍ (ଡବ୍ଲୁପିଏଲ୍)ର ତୃତୀୟ ସଂସ୍କରଣ ପାଇଁ ଆସନ୍ତା ୧୫ ତାରିଖରେ ବେଙ୍ଗାଲୁରୁ ଠାରେ ମିନି ନିଲାମ ଅନୁଷ୍ଠିତ ହେବ । ଏଥିରେ ୫ଟି ଯାକ ଫ୍ରାଞ୍ଚାଇଜ ଦଳ ମୋଟ ୧୫କୋଟି ଟଙ୍କାରେ ନିଜ ନିଜ ପସନ୍ଦର ଖେଳାଳି କିଣିବେ । ଗତ ବର୍ଷ ମିନି ନିଲାମ ପାଇଁ ୧୩.୫କୋଟି ଟଙ୍କା ରହିଥିଲା ।

ଆସନ୍ତା ନିଲାମରେ ଇଂଲଣ୍ଡର ହିଦର ନାଇଟ୍, ନ୍ୟୁଜିଲାଣ୍ଡର ଲି ତାହୁହୁ, ୱେଷ୍ଟଇଣ୍ଡିଜର ଡିଣ୍ଡ୍ରା ଡଟିନ, ଭାରତର ସ୍ନେହ ରାଣା, ପୁନମ ଯାଦବ, ବେଦା କ୍ରିଷ୍ଣମୂର୍ତ୍ତୀଙ୍କ ଭଳି ତାରକା ଖେଳାଳି ମୁଖ୍ୟ ଆକର୍ଷଣ ହେବେ । ଗତ ୭ ତାରିଖରେ ଖେଳାଳି ପ୍ରତିଧାରଣ ତାଲିକା ଘୋଷଣା ହୋଇଥିଲା । ୫ଟି ଯାକ ଫ୍ରାଞ୍ଚାଇଜ ମୋଟ ୭୧ଜଣ (୨୫ ବିଦେଶୀ) ଖେଳାଳିଙ୍କୁ ରଖି ଅନ୍ୟ ଖେଳାଳିଙ୍କୁ ନିଲାମ ପାଇଁ ମୁକ୍ତ କରିଥିଲେ । ମିନି ନିଲାମ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ନିକଟରେ ଆଉ ଅଢ଼େଇ କୋଟି ଟଙ୍କା ରହିଛି । ଏହି ଅର୍ଥରେ ଦଳ ଖାଲି ଥିବା ୪ଟି ସ୍ଥାନ ପୂରଣ କରିବ । ସେହିପରି ଗୁଜରାଟ ଜାଏଣ୍ଟସ ପାଖରେ ୪.୪କୋଟି (୪ସ୍ଥାନ ଖାଲି), ମୁମ୍ବାଇ ଇଣ୍ଡିଆନ୍ସ ପାଖରେ ୨.୬୫କୋଟି (୪ଟି ସ୍ଥାନ ଖାଲି), ଡିଫେଣ୍ଡିଂ ଚାମ୍ପିଅନ୍ ରୟାଲ୍ ଚ୍ୟାଲେଞ୍ଜସ ବେଙ୍ଗାଲୁରୁ ପାଖରେ ୩.୨୫କୋଟି (୪ଟି ସ୍ଥାନ ଖାଲି) ଏବଂ ୟୁପି ୱାରିୟର୍ସ ପାଖରେ ୩.୯କୋଟି ଟଙ୍କା (୩ଟି ସ୍ଥାନ ଖାଲି) ରହିଛି ।



## ପିଏସ୍ଏଲ୍ ଖେଳିବେନି ଇଂଲଣ୍ଡ ଖେଳାଳି

**ନୂଆଦିଲ୍ଲୀ, ୨୯।୧୧:** ଚାମ୍ପିୟନ୍ସ ଟ୍ରଫିକୁ ନେଇ ଲାଗି ରହିଥିବା ବିବାଦ ମଧ୍ୟରୁ ବାହାରି ପାରିନଥିବା ପାକିସ୍ତାନ କ୍ରିକେଟ ବୋର୍ଡକୁ ଲାଗିଛି ଆଉ ଏକ ବଡ଼ ଝଟକା । ଏଥର ଆଇସିସି ବା ବିସିସିଆଇ ନୁହେଁ, ବରଂ ପାକିସ୍ତାନ କ୍ରିକେଟକୁ ଏହି ଝଟକା ଦେଇଛି ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) । କାରଣ ଇସିବିର ନୂଆ ନିୟମ ଅନୁସାରେ ଏବେ ଇଙ୍ଗଣ୍ଡ ଖେଳାଳିମାନେ ପାକିସ୍ତାନ ସୁପର ଲିଗ୍ ଖେଳିବାକୁ ସକ୍ଷମ ହେବେ ନାହିଁ । ଯାହା ଏହି କ୍ରିକେଟ ଲିଗକୁ ଗଭୀର ଭାବେ ପ୍ରଭାବିତ କରିବ ।

ଇଂଲଣ୍ଡ କ୍ରିକେଟ୍ ବୋର୍ଡ ନିଷ୍ପତ୍ତି ନେଇଛି ଯେ ଏହାର ଘରୋଇ କ୍ରିକେଟ୍ ସିଜିନ୍ ଚାଲିଥିବା ସମୟରେ ଇଂଲଣ୍ଡ ଖେଳାଳିମାନେ ଅନ୍ୟ କୌଣସି ଫ୍ରାଞ୍ଚାଇଜ୍ ଲିଗ୍ ଖେଳିପାରିବେ ନାହିଁ । ଇସିବିର ଏହି ନିଷ୍ପତ୍ତି ଦ୍ୱାରା ପାକିସ୍ତାନ ସୁପର ଲିଗ୍ ସମେତ ଆମେରିକାର ମେଜର ଲିଗ୍ କ୍ରିକେଟ୍, କାନାଡାର ଗ୍ଲୋବାଲ୍ ଟି୨୦ ଲିଗ୍ ଏବଂ ଶ୍ରୀଲଙ୍କା ପ୍ରିମିୟର ଲିଗ୍ ଭଳି ବିଶ୍ୱସ୍ତରୀୟ ଲିଗ୍ ମଧ ପ୍ରଭାବିତ ହେବ । କାଉଣ୍ଟି ଚାମ୍ପିୟନସିପ୍, ଟି୨୦ ବ୍ଲାଷ୍ଟ ଏବଂ ଦି ହଣ୍ଡ୍ରେଡ୍ ଭଳି ଘରୋଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ବଢ଼ାଇବା ପାଇଁ ଏଭଳି ନିଷ୍ପତ୍ତି ନେଇଛି ବୋର୍ଡ । ଯାହା ଇଂଲଣ୍ଡ ଖେଳାଳିଙ୍କ ସମସ୍ୟାକୁ ମଧ ବଢ଼ାଇ ଦେଇଛି, କାରଣ ଫ୍ରାଞ୍ଚାଇଜ୍ ଲିଗ୍ ସେମାନଙ୍କ ପାଇଁ ରୋଜଗାରର ଏକ ବଡ଼ ମାଧ୍ୟମ ।

### ପାକିସ୍ତାନ କ୍ରିକେଟକୁ ବଡ଼ ଝଟକା

ଚଳିତ ବର୍ଷ ଜେସନ ରଏ ଏବଂ ଆଲେକ୍ସ ହେଲ୍ସ ଇଂଲଣ୍ଡର ଘରୋଇ ଟୁର୍ଣ୍ଣାମେଣ୍ଟ ଟି୨୦ ବ୍ଲାଷ୍ଟ ଛାଡି ଅନ୍ୟ ଲିଗରେ ଭାଗ ନେଇଥିଲେ, ଯେଉଁଥିପାଇଁ ଇସିବି ଅସନ୍ତୋଷ ପ୍ରକାଶ କରିଥିଲା । ଏହାପରେ ବୋର୍ଡ ଘୋଷଣା କରିଛି ଯେ ଯେଉଁ ଖେଳାଳିମାନେ ପ୍ରଥମ ଶ୍ରେଣୀ କ୍ରିକେଟ୍ ଖେଳନ୍ତି ନାହିଁ, ସେମାନେ ମଧ ଘରୋଇ ସୀମିତ ଓଭର ଟୁର୍ଣ୍ଣାମେଣ୍ଟ ସମୟରେ ଅନ୍ୟ ଲିଗ୍ ଖେଳି ପାରିବେ ନାହିଁ । ତେବେ ଆଇପିଏଲକୁ ଏହି ନିୟମରୁ ଦୂରରେ ରଖାଯାଇଛି, କାରଣ ଏହା ବିଶ୍ୱର ସର୍ବାଧିକ ଆୟକାରୀ ଲିଗ୍ । ଇସିବି କହିଛି ଯେ, ଖେଳାଳିମାନେ କେବଳ ସେହି ଟୁର୍ଣ୍ଣାମେଣ୍ଟରେ ଖେଳିପାରିବେ, ଯାହା ସେମାନଙ୍କ ଘରୋଇ କ୍ରିକେଟ ସିଜିନରେ ବାଧା ସୃଷ୍ଟି କରିବ ନାହିଁ ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar